ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୮+୬
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୧/୨୦୨୪ (୮+୬=୧୪ ପୃଷ୍ଠା) | Bhubaneswar, Monday, November 11/2024 Page 14 ₹ 7.00 | BALASORE
୫୦ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 346 ମୂଲ୍ୟ ₹୭/-



**ସୁବ୍ରତଙ୍କୁ ୧୦ମ ଟାଇଟଲ**
ଅଲ୍ ଓଡ଼ିଶା ସ୍ନୁକର ଓ ବିଲିୟାର୍ଡସ ଚାମ୍ପିୟନଶିପ୍‌ର ବିଲିୟାର୍ଡସ ଇଭେଣ୍ଟରେ ସୁବ୍ରତ ଦାସ ତାଙ୍କର ୧୦ମ ଟାଇଟଲ ହାସଲ କରିଛନ୍ତି।

୦୮

୦୨

**ପରିଚୟ ଲୁଚାଉଥିଲେ ଶ୍ରୁତି**
ବରିଷ୍ଠ ଅଭିନେତା କମଲ ହାସନଙ୍କ ଝିଅ ଭାବେ ନିଜର ପରିଚୟକୁ ଲୁଚାଇବା ପାଇଁ ଏକଦା ଅଭିନେତ୍ରୀ ଶ୍ରୁତି ହାସନ ଚେଷ୍ଟା କରୁଥିଲେ।





ଜମ୍ମୁ-କଶ୍ମୀରର କିସ୍ତୱାର ଜଙ୍ଗଲରେ ରବିବାର ଏନ୍‌କାଉଣ୍ଟର ବେଳେ ଆତଙ୍କବାଦୀଙ୍କ ତଲାସି ଅଭିଯାନରେ ଭାରତୀୟ ଯବାନ।

# ଆତଙ୍କବାଦୀଙ୍କ ଗୁଳିରେ ଜେସିଓ ମୃତ, ୩ ଯବାନ ଆହତ

**ଜମ୍ମୁ,୧୦।୧୧**

ଜମ୍ମୁ-କଶ୍ମୀର କିସ୍ତୱାର ଜିଲାରେ ରବିବାର ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ସେନାର ଜଣେ ଜୁନିୟର କମିଶନ୍ଡ ଅଫିସର (ଜେସିଓ) ନିହତ ହୋଇଥିବାବେଳେ ଅନ୍ୟ ୩ ଯବାନ ଆହତ ହୋଇଛନ୍ତି। ମୃତ ଜେସିଓ ନାଏବ ସୁବେଦାର ରାକେଶ କୁମାରଙ୍କ ବଳିଦାନକୁ ସ୍ମରଣ କରି ସେନା ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। ଆତଙ୍କବାଦୀମାନେ ଗୁରୁବାର ସନ୍ଧ୍ୟାରେ କିସ୍ତୱାର ଜିଲାର କୁନ୍ତୱାରା ଓ କେଶୱାନ୍ ଅଞ୍ଚଳରୁ ୨ ଜଣ ଭିଲେଜ୍ ଡିଫେନ୍ସ ଗାର୍ଡ (ଭିଡିଜି)ଙ୍କୁ ଅପହରଣ ପରେ ହତ୍ୟା କରିଥିଲେ। ନାଜିର ଅହମଦ ଓ କୁଲଦୀପ କୁମାର ଗୋରୁ ଚରାଇବା ପାଇଁ ଅଧୱାରୀ ଅଞ୍ଚଳର ମୁଞ୍ଜାଲା ଧର ଜଙ୍ଗଲକୁ ଯାଇଥିବାବେଳେ ଆତଙ୍କବାଦୀମାନେ ଗୁଳି କରିଥିଲେ।

☞ପୃଷ୍ଠା–୪

# ହିନ୍ଦୀକୁ ପାର୍ଲାମେଣ୍ଟର ଭାଷା କରିବାକୁ ଉଦ୍ୟମ ହେଉଛି

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ପାର୍ଲାମେଣ୍ଟ ଟ୍ରେଜେରି ବେଞ୍ଚ (ସରକାରୀ ପକ୍ଷ)ର ଅଧିକାଂଶ ସଦସ୍ୟ ସେମାନଙ୍କ ଭାଷଣରେ ହିନ୍ଦୀ ଭାଷାକୁ ଅଧିକରୁ ଅଧିକ ବ୍ୟବହାର କରୁଛନ୍ତି। ଫଳରେ ଦକ୍ଷିଣ ଭାରତୀୟ ଏମ୍‌ପି ଏବଂ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରୁ ଆସିଥିବା ସଦସ୍ୟମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସିପିଆଇ(ଏମ୍) ଏମ୍‌ପି ଜନ୍ ବ୍ରିଟ୍ଟାସ୍ ରବିବାର କହିଛନ୍ତି। ଏପରିକି ଭଲ ଇଂଲିଶ୍ କହିପାରୁଥିବା ମନ୍ତ୍ରୀମାନେ ମଧ୍ୟ ହିନ୍ଦୀ ଭାଷା ବ୍ୟବହାର କରୁଛନ୍ତି। ପାର୍ଲାମେଣ୍ଟରେ ହିନ୍ଦୀକୁ ବାସ୍ତବ ଭାଷା କରିବା ପାଇଁ ଉଦ୍ୟମ ହେଉଥିବା ବ୍ରିଟ୍ଟାସ୍ ଅଭିଯୋଗ କରିଛନ୍ତି। ପିଟିଆଇକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ଏହା ଗୋଟିଏ ଘଟଣା ନୁହେଁ, ହିନ୍ଦୀକୁ ସଂସଦର ପ୍ରକୃତ ଭାଷା କରିବା ପାଇଁ ବିଧିବଦ୍ଧ ଯୋଜନା ଚାଲିଥିବା ସେ ଅନୁଭବ କରୁଛନ୍ତି। କେବଳ ପାର୍ଲାମେଣ୍ଟ ନୁହେଁ, ଏହା ବାହାରେ ମଧ୍ୟ ହିନ୍ଦୀକୁ



ଜନ୍ ବ୍ରିଟ୍ଟାସ୍

ଲଦିଦେବା ପାଇଁ ସୁଚିନ୍ତିତ ଉଦ୍ୟମ ହେଉଛି। ପାର୍ଲାମେଣ୍ଟରେ ଜଣେ ଦୁଇଜଣ ମନ୍ତ୍ରୀଙ୍କୁ ବାଦ୍ ଦେଲେ ଅନ୍ୟ ମନ୍ତ୍ରୀ ଓ ଟ୍ରେଜେରି ବେଞ୍ଚ କେବଳ ହିନ୍ଦୀ ବ୍ୟବହାର କରିବାକୁ ଏକ ନୂଆ ପ୍ରଥା ଭାବେ ଗ୍ରହଣ କରାଗଲାଣି। ପୂର୍ବରୁ କୌଣସି ପ୍ରଶ୍ନ ଇଂଲିଶ୍‌ରେ ପଚରାଯାଇଥିଲେ, ତାହାର ଉତ୍ତର ସେହି ଭାଷାରେ ଦିଆଯିବା ଏକ ପ୍ରଥା ରହିଥିଲା। ଏବେ ଏହି ସୁସ୍ଥ ପରମ୍ପରା ଆଉ ନାହିଁ। ଟ୍ରେଜେରି ବେଞ୍ଚର କୌଣସି ସଦସ୍ୟ ଇଂଲିଶରେ କହିବାକୁ ଚାହିଁଲେ, ତାଙ୍କୁ ହିନ୍ଦୀରେ କହିବା ପାଇଁ ସଙ୍କେତ ଦିଆଯାଉଛି ବୋଲି କେରଳର ରାଜ୍ୟ ସଭା ସଦସ୍ୟ ବ୍ରିଟ୍ଟାସ କହିଛନ୍ତି।

ବ୍ରିଟ୍ଟାସଙ୍କ କହିବା ଅନୁସାରେ ରାଜ୍ୟ ସଭାରେ ଶୂନ୍ୟକାଳ ବେଳେ ସେ ମାଲୟାଲମ ଭାଷାରେ ପ୍ରଶ୍ନ କରିଥିଲେ। ହେଲେ ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ହିନ୍ଦୀରେ ଉତ୍ତର ଦେଇଥିଲେ। କେନ୍ଦ୍ର ସରକାର ଦକ୍ଷିଣ ଭାରତୀୟ ଏମ୍‌ପିମାନଙ୍କୁ ଇଂଲିଶ୍‌ରେ ପତ୍ର ଲେଖୁଥିବାବେଳେ ଗୃହରେ ହିନ୍ଦୀରେ ଜବାବ ମିଳୁଛି। ଯୋଗାଯୋଗର ଭାଷା ଭାବେ ହିନ୍ଦୀର ଅତ୍ୟଧିକ ବ୍ୟବହାରକୁ ନେଇ ଇନ୍‌ଫୋସିସ୍‌ର ପୂର୍ବତନ ସିଏଫ୍‌ଓ ମୋହନଦାସ ପାଇ ମଧ୍ୟ ପୂର୍ବରୁ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଥିଲେ।

# ପ୍ରଧାନ ବିଚାରପତି ଭାବେ ଆଜି ଶପଥ ନେବେ ଜଷ୍ଟିସ୍ ଖାନ୍ନା



**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ବହୁ ଗୁରୁତ୍ୱପୂର୍ଣ୍ଣ ସୁପ୍ରିମକୋର୍ଟ ରାୟ ସହ ଜଡ଼ିତ ଥିବା ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ସୋମବାର ଭାରତର ୫୧ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ। ସୋମବାର ପୂର୍ବାହ୍ନ ୧୦ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ତାଙ୍କୁ ଶପଥ ପାଠ କରାଇବେ। ବିଦାୟୀ ସିଜେଆଇ

☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଅନ୍‌ଲାଇନ ପାଗଳାମି**



# ମହାରାଷ୍ଟ୍ରକୁ ପ୍ରତିଶ୍ରୁତିରେ ପୋତିଲେ

**ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଅବଗଣନା ଆରମ୍ଭ ହୋଇସାରିଥିବାବେଳେ ଉଭୟ ଶାସକ ମହାୟୁତି ଓ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟର ବଳ କଷାକଷି ଜୋର୍ ଧରିଛି। ଭାରତର ଅନ୍ୟତମ ଧନୀ ରାଜ୍ୟରେ ଏହି ନିର୍ବାଚନ କେବଳ କ୍ଷମତା ପାଇଁ ଲଢ଼େଇ ନୁହେଁ, ବରଂ ନେତୃତ୍ୱର ଲିଗାସି ଏବଂ ରାଜନୈତିକ ଅସ୍ତିତ୍ୱ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଭୋଟକୁ ୧୦ ଦିନ ବାକି ଥିବାବେଳେ ରବିବାର ଭାଜପା ଏବଂ ଏମ୍‌ଭିଏ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ଭୋଟରଙ୍କୁ ଅନେକ ମନଲୋଭା ପ୍ରତିଶ୍ରୁତି ଦିଆଯାଇଛି।**

ମୁମ୍ବାଇ,୧୦।୧୧

ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ପାଇଁ ନଭେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହେବ। ୨୩ରେ ଫଳାଫଳ ଆସିବ। ମତଦାନକୁ ୧୦ ଦିନ ବାକି ଥିବାବେଳେ ଅଧିକାଂଶ ଆସନରେ ମହାୟୁତି ଏବଂ ଏମ୍‌ଭିଏ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଅନୁମାନ କରାଯାଉଛି। ଭାଜପା ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ସହ ମେଣ୍ଟ କରି ମହାୟୁତି ବ୍ୟାନରରେ ଲଢୁଛି। ଶିବସେନା (ୟୁବିଟି), ଏନ୍‌ସିପି (ଶରଦ ପାୱାର) ଏବଂ କଂଗ୍ରେସ ହେଉଛନ୍ତି ବିରୋଧୀ ଏମ୍‌ଭିଏର ଅଂଶୀଦାର। ତେବେ ଉଭୟ ମେଣ୍ଟରେ ଅନେକ ଜଟିଳତା ରହିଛି। ଗତମାସରେ ହରିୟାଣାରେ ଭାଜପା ହ୍ୟାଟ୍ରିକ୍ ବିଜୟ ସହ କ୍ଷମତାକୁ ଫେରିଥିବାବେଳେ ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସ ମେଣ୍ଟକୁ ସଫଳତା ମିଳିଥିଲା। ଏହା ପରେ ହେବାକୁ ଯାଉଥିବା ମହାରାଷ୍ଟ୍ର ନିର୍ବାଚନକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। ହରିୟାଣାର ସଫଳତାକୁ ମହାରାଷ୍ଟ୍ରରେ ଦୋହରାଇବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଭାଜପାର ସଂକଳ୍ପପତ୍ର ଜାରି କରିଛନ୍ତି। ରାଜ୍ୟରେ ୨୫ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହ ୧୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ମାସିକ ୧୦ ହଜାର ଟଙ୍କା ଲେଖାଏ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି। ସେହିପରି ଧର୍ମାନ୍ତରୀକରଣ ନିରୋଧୀ ଆଇନ ପ୍ରଣୟନ, ଲଡ୍‌କୀ ବହିନ୍ ଯୋଜନାରେ ମହିଳାଙ୍କୁ ମିଳୁଥିବା ମାସିକ ସହାୟତାକୁ ୧,୫୦୦ରୁ ୨,୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ନିମ୍ନ ଆୟକାରୀ ପରିବାରଗୁଡ଼ିକୁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ସାମଗ୍ରୀ ମାଗଣାରେ ଦିଆଯିବ ବୋଲି ଭାଜପା କହିଛି। ଅନ୍ୟପକ୍ଷେ ଏମ୍‌ଭିଏ ନିଜ ଘୋଷଣାପତ୍ର 'ମହାରାଷ୍ଟ୍ରନାମା'ରେ ୯ରୁ ୧୬ ବର୍ଷୀୟା ଝିଅଙ୍କୁ ମାଗଣାରେ ସର୍ଭିକାଲ କ୍ୟାନ୍ସର ଭାକ୍‌ସିନ, ମହିଳା କର୍ମଚାରୀଙ୍କୁ ଋତୁସ୍ରାବ ବେଳେ ୨ ଦିନ ଛୁଟି, ଜାତିଗତ ଜନଗଣନା ଆଦିକୁ ଗୁରୁତ୍ୱ ଦେଇଛି।

### ଏମ୍‌ଭିଏର ମହାରାଷ୍ଟ୍ରନାମା

- ୯ରୁ ୧୬ ବର୍ଷୀୟା ଝିଅଙ୍କୁ ମାଗଣାରେ ସର୍ଭିକାଲ୍ କ୍ୟାନ୍ସର ଭାକ୍‌ସିନ
- ମହିଳା କର୍ମଚାରୀଙ୍କୁ ଋତୁସ୍ରାବ ବେଳେ ୨ ଦିନ ଛୁଟି
- ଜାତିଗତ ଜନଗଣନା କରାଯିବ
- ଝିଅମାନେ ୧୮ ବର୍ଷରେ ଉପନୀତ ହେଲେ ୧ ଲକ୍ଷ ଟଙ୍କା ପାଇବେ
- ବର୍ଷକୁ ସିଲିଣ୍ଡର ପିଛା ୫୦୦ ଟଙ୍କାରେ ୬ ରୋଷେଇ ଗ୍ୟାସ୍



ମୁମ୍ବାଇରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଏନ୍‌ସିପି(ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେଙ୍କ ସମେତ ମେଣ୍ଟ ନେତାମାନେ ଏମ୍‌ଭିଏର ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି।

## କ୍ଷମତା ଲୋଭରେ ଏମ୍‌ଭିଏ ନେତା ଅନ୍ଧ: ଶାହା



ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଭାଜପାର ସଙ୍କଳ୍ପପତ୍ରକୁ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ପୀୟୂଷ ଗୋୟଲ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଉନ୍ମୋଚନ କରୁଛନ୍ତି।

କଂଗ୍ରେସ ନେତୃତ୍ୱାଧୀନ ଏମ୍‌ଭିଏ ଭୋଟ ପାଇଁ ଯେକୌଣସି ସ୍ତରକୁ ଖସିପାରିବ। ବିରୋଧୀ ମେଣ୍ଟ ତୁଷ୍ଟୀକରଣ ରାଜନୀତିରେ ବ୍ୟସ୍ତ ରହିଛି ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଛନ୍ତି। ବୁଲ୍‌ଧାନାର ଜଲଗାଁ ଓ ମଲ୍‌କାପୁରରେ ଭାଜପାର ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଶାହା କହିଛନ୍ତି, ରାଜ୍ୟର କଂଗ୍ରେସ ସଭାପତି ନାନା ପାଟୋଲେ ଉଲେମା କାଉନ୍‌ସିଲର ମୁସ୍‌ଲିମ ସଂରକ୍ଷଣ ଦାବିକୁ ଗ୍ରହଣ କରିଛନ୍ତି। ଶିକ୍ଷା ଓ ସରକାରୀ ନିଯୁକ୍ତିରେ ମୁସଲମାନମାନେ ୧୦% ସଂରକ୍ଷଣ ଚାହୁଁଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ସଂରକ୍ଷଣ ଛଡ଼ାଇନେଇ ମୁସଲମାନ ସମ୍ପ୍ରଦାୟକୁ ଦେଇଦେବ। ଏମ୍‌ଭିଏ ନେତାମାନଙ୍କ କ୍ଷମତା ଲୋଭ ସେମାନଙ୍କୁ ଅନ୍ଧ କରିଦେଇଛି। ଧର୍ମଭିତ୍ତିକ ସଂରକ୍ଷଣକୁ ଭାଜପା ପ୍ରଶ୍ରୟ ଦେବନାହିଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ପାଟୋଲେ ଶାହାଙ୍କ ଅଭିଯୋଗକୁ ଖଣ୍ଡନ କରି ମୁସଲିମ ସଂରକ୍ଷଣ ସମ୍ପର୍କିତ ଦାବିକୁ ଗ୍ରହଣ କରି ନ ଥିବା କହିଛନ୍ତି।

### ଭାଜପାର ସଂକଳ୍ପପତ୍ର

- ୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି
- ୧୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ମାସିକ ୧୦ ହଜାର ଟଙ୍କା ଲେଖାଏ ଷ୍ଟାଇପେଣ୍ଡ୍
- ଧର୍ମାନ୍ତରୀକରଣ ନିରୋଧୀ ଆଇନ ପ୍ରଣୟନ
- ମହିଳାଙ୍କୁ ମାସିକ ସହାୟତା ୧,୫୦୦ରୁ ୨,୧୦୦ ଟଙ୍କାକୁ ବୃଦ୍ଧି
- ନିମ୍ନ ଆୟକାରୀ ପରିବାରଙ୍କୁ ମାଗଣାରେ ମିଳିବ ପିଡିଏସ୍ ସାମଗ୍ରୀ

## ସଂକ୍ଷେପରେ

### ମସ୍କୋ ଉପରେ ୩୪ ଡ୍ରୋନ୍ ଆକ୍ରମଣ କଲା ୟୁକ୍ରେନ୍

ମସ୍କୋ/କିଭ୍,୧୦।୧୧

ୟୁକ୍ରେନ୍ ପକ୍ଷରୁ ରବିବାର ମସ୍କୋ ଉପରେ ବଡ଼ ଧରଣର ଆକ୍ରମଣ କରାଯାଇଛି। ମସ୍କୋ ଓ ଏହାର ଆଖପାଖ ଅଞ୍ଚଳରେ ୟୁକ୍ରେନୀୟ ସେନା ୩୪ଟି ଡ୍ରୋନ୍ ମାଡ଼ କରିଛି। ଏଥିରେ ଜଣେ ମହିଳା ଆହତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଶେରେମେଟ୍ୟେଭୋ ଏବଂ ଡୋମୋଡେଡୋଭୋ ଏୟାରପୋର୍ଟ ସମେତ ରୁଷିଆର ସବୁଠୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ ବିମାନ ଚଳାଚଳକୁ ସାମୟିକ ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷେ ରୁଷିଆ ରାଜଧାନୀ ଉପକଣ୍ଠରେ ମୋଟ ୩୨ ଡ୍ରୋନ୍‌କୁ ଖସାଇ ଦିଆଯାଇଥିବା ମସ୍କୋ ମେୟର ସେର୍ଗେୟ ସୋବ୍ୟାନିନ୍ ସୂଚନା ଦେଇଛନ୍ତି।

### ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ପ୍ରଶାସନରେ ରହିବେନି ହାଲି, ପମ୍ପିଓ



ମାଇକ୍ ପମ୍ପିଓ



ନିକ୍କି ହାଲି

ୱାଶିଂଟନ,୧୦।୧୧

ଆମେରିକାର ପୂର୍ବତନ ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରତିଦ୍ୱନ୍ଦ୍ୱୀ ନିକ୍କି ହାଲି ଏବଂ ପ୍ରାକ୍ତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କୁ ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦ୍ୱିତୀୟ ପାଳି ପ୍ରଶାସନରେ ସାମିଲ କରିବେ ନାହିଁ ବୋଲି କହିଛନ୍ତି। ତେବେ ତାଙ୍କ ସହ ପୂର୍ବରୁ ଏକାଠି କାର୍ଯ୍ୟ କରିବା ବେଳେ ଟ୍ରମ୍ପ ଏହାକୁ ଭଲଭାବେ ଉପଭୋଗ କରିବା ସହ ପ୍ରଶଂସା କରିଛନ୍ତି। ହାଲି ପୂର୍ବରୁ ସାଉଥ୍ କରୋଲିନାର ଗଭର୍ନର ରହିବା ସହ ଟ୍ରମ୍ପଙ୍କ ପୂର୍ବ ସରକାର ସମୟରେ ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ରହିଥିଲେ। ତେବେ ସେ ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କଲାବେଳେ ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରିଥିଲେ। ଖ୍ୟାତନାମା ନିବେଶକ ସ୍କଟ୍ ବେସେଣ୍ଟଙ୍କୁ ଅର୍ଥ ସଚିବ ଭାବେ ମନୋନୀତ କରାଯିବା ସମ୍ଭାବନା ରହିଛି।

## ହାସିନାଙ୍କୁ ଫେରାଇନେବା ପାଇଁ ଇଣ୍ଟରପୋଲ୍‌ର ସହାୟତା ନେବ ବାଂଲାଦେଶ

ଢାକା,୧୦।୧୧(ପି.ଟି.)

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଭାରତରୁ ଫେରାଇନେବା ପାଇଁ ସେଠାର ଅନ୍ତରୀଣ ସରକାର ଇଣ୍ଟରପୋଲ୍‌ର ସହାୟତା ନେବେ ବୋଲି ରବିବାର ସୂଚନା ଦେଇଛନ୍ତି। ବାଂଲାଦେଶରେ ମାନବତା ବିରୋଧୀ ଅପରାଧରେ ସମ୍ପୃକ୍ତ ଥାଇ ବିଚାରର ସମ୍ମୁଖୀନ ହୋଇଥିବା ଅନ୍ୟ ପଳାତକମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ମଧ୍ୟ ସରକାର ଇଣ୍ଟରପୋଲ୍‌ର ସହଯୋଗ ଲୋଡ଼ିବେ। ଗତ ଜୁଲାଇ-ଅଗଷ୍ଟରେ ବାଂଲାଦେଶରେ ସରକାର ବିରୋଧୀ ଛାତ୍ର ଆନ୍ଦୋଳନ ଜୋର୍ ଧରିଥିବାବେଳେ ବଳ ପ୍ରୟୋଗ କରି ଏହାକୁ ଚପାଇଦେବା ପାଇଁ ହାସିନା ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୫ରେ ହାସିନା ଇସ୍ତଫା ଦେଇ ଭାରତ ପଳାଇଥିଲେ। ଆନ୍ଦୋଳନରେ ୭୫୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ଆହତ ହୋଇଥିଲେ। ଏହାକୁ ମାନବତା ବିରୋଧୀ ଅପରାଧ ଏବଂ ଗଣହତ୍ୟା ଭାବେ ଅଭିହିତ କରାଯାଇ ହାସିନା ଓ ତାଙ୍କ ଦଳର ନେତାମାନଙ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ପଳାତକ ଫାସିବାଦୀମାନେ ବିଶ୍ୱର ଯେଉଁଠି ଥାଆନ୍ତୁ ନା କାହିଁକି ସେମାନଙ୍କୁ ଫେରାଇ ଅଣାଯାଇ କୋର୍ଟରେ ଉତ୍ତରଦାୟୀ କରାଯିବ ବୋଲି ଆଇନ ବ୍ୟାପାର ଉପଦେଷ୍ଟା ଅସିଫ୍ ନଜରୁଲ୍ କହିଛନ୍ତି।

## ପିଆର୍‌ଡି ଯବାନଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା

କୁଶିନଗର, ୧୦।୧୧

ଉତ୍ତର ପ୍ରଦେଶର କୁଶିନଗର ଜିଲା ହନୁମାନଗଞ୍ଜ ଥାନା ଛିତୌନୀ ଅଞ୍ଚଳରେ ଡ୍ୟୁଟିରେ ନିୟୋଜିତ ଥିବା ପ୍ରାନ୍ତିୟ ରକ୍ଷକ ଦଳ(ପିଆର୍‌ଡି) ଯବାନ ରମାକାନ୍ତ ତିୱାରୀ(୫୮)ଙ୍କୁ ରବିବାର ବିପିନ ବର୍ମା ନାମକ ଜଣେ ମାନସିକ ବିକୃତ ବ୍ୟକ୍ତି ଏକ ଲୁହା ରଡ୍‌ରେ ପିଟି ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ବିପିନ ମଦ୍ୟପାନ କରି ବୁଲୁଥିବା ସମୟରେ ରମାକାନ୍ତ ତାଙ୍କୁ ଏପରି କରିବା ପାଇଁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ରମାକାନ୍ତଙ୍କୁ ଆକ୍ରମଣ କରିଥିଲା। ରାସ୍ତାରେ ପଡ଼ିଥିବା ଏକ ଲୁହା ରଡ୍‌କୁ ଧରି ବିପିନ ରମାକାନ୍ତଙ୍କ ମୁଣ୍ଡ ଏବଂ ମୁହଁକୁ ଗମ୍ଭୀର ଭାବେ ଆକ୍ରମଣ କରିଥିଲା। ଅଭିଯୁକ୍ତ ବିପିନଙ୍କୁ ପୋଲିସ ଗିରଫ କରିଛି।

## କେତେ ପଣ୍ଡିତ କଶ୍ମୀର ଫେରିଛନ୍ତି

### ମୋଦିଙ୍କୁ ଉଦ୍ଧବଙ୍କ ପ୍ରଶ୍ନ



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ଉପତ୍ୟକାକୁ କେତେଜଣ କଶ୍ମୀରୀ ପଣ୍ଡିତ ଫେରିଛନ୍ତି ବୋଲି ରବିବାର ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶ୍ନ କରିଛନ୍ତି। ସୋଲାପୁର ଜିଲାର ସଙ୍ଗୋଲାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଉଦ୍ଧବ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ମୋଦି ମହାରାଷ୍ଟ୍ର ନିର୍ବାଚନ ପ୍ରଚାରରେ ଆସିଥିବାବେଳେ ଅନୁଚ୍ଛେଦ ୩୭୦ ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ସେ ୩୭୦ କଥା କହିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ମହାରାଷ୍ଟ୍ରର କେତେ କୃଷକ ଉପକୃତ ହୋଇଛନ୍ତି ତାହା ଜଣାଇବା ଉଚିତ ଥିଲା। ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସବୁବେଳେ ୩୭୦ ଉଚ୍ଛେଦ, ରାମମନ୍ଦିର ନିର୍ମାଣ କଥା କହୁଛନ୍ତି। କିନ୍ତୁ ସେମାନେ ମହାରାଷ୍ଟ୍ରର ବେରୋଜଗାରି ପ୍ରସଙ୍ଗରେ ନୀରବ ବୋଲି ଉଦ୍ଧବ ସମାଲୋଚନା କରିଛନ୍ତି।

## ବାବା ସିଦ୍ଦିକି ହତ୍ୟାର ମୁଖ୍ୟ ଶୁଟର ଗିରଫ

ଲକ୍ଷ୍ନୌ,୧୦।୧୧

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକି ହତ୍ୟାକାଣ୍ଡର ମୁଖ୍ୟ ଶୁଟର ଶିବକୁମାର ଗୌତମ ଓରଫ ଶିବଙ୍କ ସହ ତାଙ୍କର ୪ ସହଯୋଗୀଙ୍କୁ ଉତ୍ତରପ୍ରଦେଶ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ରବିବାର ଗିରଫ କରିଛି। ୟୁପିର ବାହାରିଚ୍ ଜିଲାରୁ ସେମାନଙ୍କୁ ଧରାଯାଇଛି। ଗିରଫ ସହଯୋଗୀମାନେ ହେଲେ ଅନୁରାଗ କାଶ୍ୟପ, ଜ୍ଞାନପ୍ରକାଶ ତ୍ରିପାଠୀ ଏବଂ ଆକାଶ ଶ୍ରୀବାସ୍ତବ। ଅଭିନେତା ସଲମାନ ଖାନ୍‌ଙ୍କ ଘନିଷ୍ଠ ସିଦ୍ଦିକିଙ୍କୁ ଅକ୍ଟୋବର ୧୨ ରାତିରେ ତାଙ୍କ ପୁଅ ତଥା ବିଧାୟକ ଜିଶନ ସିଦ୍ଦିକିଙ୍କ କାର୍ଯ୍ୟାଳୟ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଶୁଟର ଧର୍ମରାଜ କାଶ୍ୟପ ଏବଂ ଗୁରମେଲ ସିଂଙ୍କୁ ଗିରଫ କରାଯାଇଥିବାବେଳେ ଶିବକୁମାର ଖସିପଳାଇଥିଲେ।

## ଆତଙ୍କବାଦୀ ଡଲ୍ଲାଙ୍କ ୨ ଅପରେଟିଭ୍ ଗିରଫ

### ଶିଖ୍ ଆକ୍ଟିଭିଷ୍ଟ ଗୁରପ୍ରୀତ ସିଂ ହତ୍ୟା ମାମଲା


ଚଣ୍ଡିଗଡ଼,୧୦।୧୧

ଗ୍ୟାଙ୍ଗଷ୍ଟରରୁ ଆତଙ୍କବାଦୀ ହୋଇଥିବା ଅର୍ଶଦୀପ୍ ଡଲ୍ଲାଙ୍କ ୨ ପ୍ରମୁଖ ଅପରେଟିଭ୍‌ଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ସେମାନେ ଶିଖ୍ ଆକ୍ଟିଭିଷ୍ଟ ଗୁରପ୍ରୀତ୍ ସିଂ ହରି ନାଉ ହତ୍ୟା ମାମଲା ସହ ଜଡ଼ିତ। ସେମାନଙ୍କୁ ଗିରଫ କରାଯିବା ଫଳରେ ଅନ୍ୟୁନ ୪ଟି ସମ୍ଭାବ୍ୟ ଟାର୍ଗେଟ କିଲିଂକୁ ପ୍ରତିହତ କରାଯାଇପାରିଥିବା କୁହାଯାଉଛି। ସେମାନଙ୍କୁ ଧରିବା ପାଇଁ ମହାଲିର ଷ୍ଟେଟ୍ ସ୍ପେଶାଲ ଅପରେଶନ୍ସ ସେଲ୍ (ଏସ୍‌ଏସ୍‌ଓସି), ଗ୍ୟାଙ୍ଗଷ୍ଟର ନିରୋଧୀ ଟାସ୍କଫୋର୍ସ ଏବଂ ଫରିଦକୋଟ୍ ଜିଲା ପୋଲିସ ପକ୍ଷରୁ ମିଳିତ ଅଭିଯାନ ଚାଲିଥିଲା। ଗିରଫ ହୋଇଥିବା ଶୁଟରମାନେ ହେଲେ ବର୍ନାଲା ଅଞ୍ଚଳର ଅନମୋଲପ୍ରୀତ୍ ସିଂ ଓରଫ ବିଶାଲ ଏବଂ ଖରାର ନିଜ୍ଜାର ରୋଡ ବାସିନ୍ଦା ନଭଜୋତ୍ ସିଂ ଓରଫ ନୀତୁ। ସେମାନଙ୍କ ସହଯୋଗୀ ବଲ୍‌ଭିର ସିଂ ଓରଫ କାଲୁଙ୍କୁ ମଧ୍ୟ ଗିରଫ କରାଯାଇଛି। ସେ ଶୁଟର ନଭଜୋତ୍‌ଙ୍କ ଭାଇ। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ଅପରାଧ ରେକର୍ଡ ରହିଛି। ସେମାନଙ୍କଠାରୁ ୨ ଅତ୍ୟାଧୁନିକ ପିସ୍ତଲ, ୭ ଜୀବନ୍ତ କାର୍ଟ୍ରିଜ୍ ଏବଂ ଗୋଟିଏ .୩୦ ପିସ୍ତଲ ସହ ୪ ଜୀବନ୍ତ କାର୍ଟ୍ରିଜ୍, ଜାଲ୍ ଆଧାର କାର୍ଡ ଏବଂ ୨୭,୫୦୦ ଟଙ୍କା ଜବତ ହୋଇଛି।

## ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ୍ ଡଲ୍ଲା କାନାଡାରେ ଗିରଫ

ନୂଆଦିଲ୍ଲୀ,୧୦।୧୧

ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ୍ ଡଲ୍ଲାଙ୍କୁ କାନାଡା ପୋଲିସ ଗିରଫ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେ ଖଲିସ୍ତାନ ଟାଇଗର ଫୋର୍ସର କାର୍ଯ୍ୟକାରୀ ମୁଖ୍ୟ ରହିଥିବାବେଳେ ହରଦୀପ୍ ସିଂ ନଜ୍ଜରଙ୍କ ସହଯୋଗୀ। ସେ ଭାରତରେ ବିଭିନ୍ନ ଅପରାଧ ସହ ସମ୍ପୃକ୍ତ ଥାଇ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି।



ଅକ୍ଟୋବର ୨୭/୨୮ରେ ମିଲ୍‌ଟନ୍ ଟାଉନ୍‌ରେ ଏକ ସଶସ୍ତ୍ର ଲଢ଼େଇରେ ସେ ସାମିଲ ଥିବା ସନ୍ଦେହ କରାଯାଉଛି। ନିକଟରେ ଘଟିଥିବା ଏକ ଗୁଳିକାଣ୍ଡ ଘଟଣାରେ ହାଲଟନ୍ ରିଜଓନାଲ ପୋଲିସ ସର୍ଭିସ (ଏଚ୍‌ଆର୍‌ପିଏସ୍) ତଦନ୍ତ ଚଳାଇଛି।

## ଦିଲ୍ଲୀର କାନାଡା ଦୂତାବାସ ବାହାରେ ବିକ୍ଷୋଭ

### ହିନ୍ଦୁ ମନ୍ଦିର ଉପରେ ଆକ୍ରମଣର ପ୍ରତିବାଦ

ନୂଆଦିଲ୍ଲୀ,୧୦।୧୧



କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିରରେ ଗତ ୩ ତାରିଖରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ହିନ୍ଦୁ ଶିଖ୍ ଗ୍ଲୋବାଲ ଫୋରମ୍‌ର ସଦସ୍ୟମାନେ ରବିବାର ନୂଆଦିଲ୍ଲୀସ୍ଥିତ କାନାଡା ହାଇକମିଶନରଙ୍କ କାର୍ଯ୍ୟାଳୟ ବାହାରେ ବିଶାଳ ବିକ୍ଷୋଭ କରିଛନ୍ତି। ଶିଖ୍ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଉପରେ ଚଢ଼ିବା ସହ ମନ୍ଦିର ହିଂସା ବିରୋଧରେ ସ୍ଲୋଗାନ ଦେଇଥିଲେ। ପୋଲିସ ହସ୍ତକ୍ଷେପ କରି ବିକ୍ଷୋଭକୁ ବନ୍ଦ କରାଇବା ପରେ ଦୂତାବାସ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ସଭା ମନ୍ଦିର ବାହାରେ ଖଲିସ୍ତାନୀ ଉଗ୍ରପନ୍ଥୀମାନେ ମହିଳା ଓ ଛୋଟ ପିଲାଙ୍କ ସମେତ ହିନ୍ଦୁ ଭକ୍ତମାନଙ୍କୁ ଲାଠିରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ବିଶ୍ୱ ନେତାମାନେ ନିନ୍ଦା କରିଛନ୍ତି। ହିନ୍ଦୁ ଓ ଶିଖ୍ ସମୁଦାୟଙ୍କ ପ୍ରତିନିଧିତ୍ୱ କରୁଥିବା ହିନ୍ଦୁ ଶିଖ୍ ଗ୍ଲୋବାଲ ଫୋରମ୍ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନ୍ଦିର ଆକ୍ରମଣ ଘଟଣାରେ କାନାଡା ପୋଲିସ ଇତିମଧ୍ୟରେ ଶିଖ୍ ଫର୍ ଜଷ୍ଟିସ୍ ସଂଗଠନର କୋଅର୍ଡିନେଟର ଇନ୍ଦ୍ରଜିତ୍ ଗୋସାଲଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗୋସାଲ ହେଉଛନ୍ତି ମୃତ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାରଙ୍କ ଘନିଷ୍ଠ ସହଯୋଗୀ।

## ଷ୍ଟାର୍ମରଙ୍କ ଦୀପାବଳି ପାର୍ଟିରେ ମଦ, ମାଂସ

### ବ୍ରିଟିଶ୍ ହିନ୍ଦୁଙ୍କ ସମାଲୋଚନା

ଲଣ୍ଡନ, ୧୦।୧୧



ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ତାଙ୍କ ୧୦, ଡାଉନିଂ ଷ୍ଟ୍ରିଟ୍ ବାସଭବନରେ ଆୟୋଜନ କରିଥିବା ଦୀପାବଳି ପାର୍ଟିକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଦୀପାବଳି ପାର୍ଟିରେ ମଦ ଓ ମାଂସ ପରଷା ଯାଇଥିବାବେଳେ ଏହା ବ୍ରିଟିଶ୍ ହିନ୍ଦୁ ସମୁଦାୟକୁ ଆହତ କରିଛି। ଷ୍ଟାର୍ମରଙ୍କ ଦ୍ୱାରା ଆୟୋଜିତ ଏହି ଦୀପାବଳି ଉତ୍ସବରେ ବ୍ରିଟିଶ୍ ହିନ୍ଦୁ ସମୁଦାୟର ବହୁ ନେତାଙ୍କ ସମେତ ଲେବର ପାର୍ଟି ତଥା ବ୍ରିଟେନ୍‌ର ବହୁ ବରିଷ୍ଠ ରାଜନେତା ଯୋଗଦେଇଥିଲେ। ଏହି ଅବସରରେ ବ୍ରିଟିଶ୍ ଭାରତୀୟ ନୃତ୍ୟଶିଳ୍ପୀଙ୍କ କୁଚିପୁଡ଼ି ନୃତ୍ୟରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରାଯାଇଥିଲା। ତେବେ ଏହି ଉତ୍ସବର ରାତ୍ରି ଭୋଜନ ମେନ୍ୟୁରେ ଲାମ୍ବ କବାବ, ବିଅର ଏବଂ ୱାଇନ ପରି ନିଶା ଦ୍ରବ୍ୟ ଏବଂ ମାଂସାହାରି ଭୋଜନ ପରଷାଯାଉଥିବାର ଦେଖି ସେଠାରେ ଥିବା କେତେଜଣ ବ୍ରିଟିଶ୍ ହିନ୍ଦୁ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଲଣ୍ଡନର ବିଶିଷ୍ଟ ହିନ୍ଦୁ ପଣ୍ଡିତ ତଥା ଲେଖକ ସତୀଶ କେ ଶର୍ମା ଏକ୍ସ'ରେ କହିଛନ୍ତି, ଗତ ୧୪ ବର୍ଷ ଧରି ଡାଉନିଂ ଷ୍ଟ୍ରିଟ୍‌ରେ ବିନା ମଦ ଏବଂ ମାଂସରେ ଦୀପାବଳି ପାର୍ଟିର ଆୟୋଜନ କରାଯାଉଥିଲା। ଚଳିତ ବର୍ଷର ଏହି ଉତ୍ସବରେ ମଦ ଓ ମାଂସ ପରଷାଯିବା ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହା ଏକ ବଡ଼ ସମ୍ବେଦନହୀନତାକୁ ଦର୍ଶାଉଥିବା ସେ କହିଛନ୍ତି। ଘଟଣାକୁ ନେଇ ୧୦, ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପରିଚୟ ଲୁଚାଉଥିଲେ ଶ୍ରୁତି

ଚେନ୍ନାଇ



ଅଭିନେତ୍ରୀ ଶ୍ରୁତି ହାସନ ଦୀର୍ଘବର୍ଷ ହେବ ଅଭିନୟ ଜଗତରେ ସକ୍ରିୟ ରହିଛନ୍ତି। ସେ ତାଙ୍କ ବାପା କମଲ ହାସନଙ୍କ ପରି ଦକ୍ଷିଣ ଭାରତୀୟ ସିନେମାଠାରୁ ଆରମ୍ଭ କରି ବଲିଉଡ୍ ପର୍ଯ୍ୟନ୍ତ ବହୁ ସଫଳତା ହାସଲ କରିଛନ୍ତି। ତେବେ ଏକଦା ଶ୍ରୁତି କମଲଙ୍କ ଝିଅ ଭାବେ ନିଜକୁ ପରିଚୟ ଦେବାକୁ ଉଚିତ ମଣୁ ନ ଥିଲେ ବୋଲି ରବିବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ସେ କହିଛନ୍ତି, ଫିଲ୍ମ ଜଗତରେ କ୍ୟାରିୟର ଆରମ୍ଭ କରିବା ସମୟରେ ସେ କମଲଙ୍କ ଝିଅ ଭାବେ ନିଜର ପରିଚୟକୁ ଲୁଚାଇଥିଲେ। ସେତେବେଳେ ସେ ନିଜକୁ ପୂଜା ରାମଚନ୍ଦ୍ରନ ଭାବେ ପରିଚୟ ଦେଉଥିଲେ। ଫିଲ୍ମ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଏପରି କରୁଥିଲେ ବୋଲି ଶ୍ରୁତି କହିଛନ୍ତି। ସେତେବେଳେ କମଲଙ୍କ ଝିଅ ଭାବେ ତାଙ୍କୁ କେହି ଜାଣନ୍ତୁ ନାହିଁ ବୋଲି ସେ ଚାହୁଁଥିଲେ। ଶ୍ରୁତି ଆହୁରି କହିଛନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରିରେ କ୍ୟାରିୟର କରିବା ସମୟରେ ଅନେକେ ତାଙ୍କୁ କମଲଙ୍କ ଝିଅ ଭାବେ ସମ୍ବୋଧନ କରୁଥିଲେ। ଏହା ତାଙ୍କୁ ବିରକ୍ତି ଆଣି ଦେଉଥିଲା। ତେଣୁ ସେ ବାଧହୋଇ ନିଜ ପରିଚୟ ଲୁଚାଇବାକୁ ଚେଷ୍ଟା କରିଥିଲେ। ତେବେ ଚେନ୍ନାଇରେ ରହୁଥିବାବେଳେ ଏହା ତାଙ୍କ ପାଇଁ ସମ୍ଭବ ହୋଇ ନ ଥିଲା। ତେଣୁ ଯେତେବେଳେ ତାଙ୍କ ମା' ଓ ବାପା ପରସ୍ପରଠାରୁ ଅଲଗା ହୋଇଯାଇଥିଲେ, ସେ ମୁମ୍ବାଇକୁ ଚାଲି ଆସିଥିବା ଶ୍ରୁତି କହିଛନ୍ତି। ଏହାପରେ ସେ କିଛିଦିନ ପାଇଁ ନିଜ ପରିଚୟକୁ ଲୁଚାଇ ପୂଜା ରାମଚନ୍ଦ୍ରନ ଭାବେ ଅଭିନୟ କ୍ଷେତ୍ରରେ ପାଦ ଥାପିବାକୁ ପ୍ରୟାସ କରିଥିଲେ।


# ଓଡ଼ିଶାର ସବୁଜ ସ୍ୱର



ଚନ୍ଦନ କର, ଅଭିନେତା



ଅମିୟ କୁମାର ମଲ୍ଲିକ, ଆଥଲେଟ୍



ଶକ୍ତି ମିଶ୍ର, କଣ୍ଠଶିଳ୍ପୀ



ଉପାସନା ବିଶ୍ୱାଳ, ଟେଲି ଆର୍ଟିଷ୍ଟ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର



ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟ, ରାଗ୍ଧା, ମୟୂରଭଞ୍ଜ



ମହିଳା ସ୍ନାତକ ମହାବିଦ୍ୟାଳୟ, ନବରଙ୍ଗପୁର



ବିପିୟୁଟି, ରାଉରକେଲା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ସୋମବାର, ୧୧ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

# ଓଡ଼ିଶାରେ ପ୍ରଥମ ଥର ଆୟୋଜନ ହେବ 'ଉଭବ'

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ଓଡ଼ିଶାରେ ପ୍ରଥମ ଥର ଲାଗି ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଭବ' ଆୟୋଜିତ ହେବାକୁ ଯାଉଛି। ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଜାତୀୟସ୍ତରୀୟ ଉତ୍ସବ ହେବାକୁ ଥିବାବେଳେ ନ୍ୟାଶନାଲ୍ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ (ଏନ୍ଇଏସ୍‌ଟିଏସ୍) ସହାୟତାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି। ଏଥିସହ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ମନ୍ତ୍ରୀ ଜୁଏଲ ଓରାମ୍, ରାଜ୍ୟମନ୍ତ୍ରୀ ଦୁର୍ଗାଦାସ ଉଇକେ,

## 'ଉଭବ'ରେ ସାମିଲ ହେବେ ୨୨ ରାଜ୍ୟର ଛାତ୍ରୀଛାତ୍ର

ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନୀ ସମାରୋହରେ ସାମିଲ ହେବେ। ୨୨ଟି ରାଜ୍ୟରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୧୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ୨୫୦ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ସମାରୋହରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପାଳିତ ହେବ। ନୃତ୍ୟ, ସଙ୍ଗୀତ, ଡ୍ରାମା, ଥିଏଟର, ଚିତ୍ରାଙ୍କନ, ଭିଜୁଆଲ୍ ଆର୍ଟ, ବକ୍ତୃତା ଭଳି ୪୭ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏହାଫଳରେ ପିଲାମାନେ ପରସ୍ପରର ସଂସ୍କୃତି, ଐତିହ୍ୟ, ଭାଷା, ସାହିତ୍ୟ, ଇତିହାସ ସମ୍ପର୍କରେ ଅବଗତ ହୋଇପାରିବେ। ଅଭିନବ ଏବଂ ସୃଜନଶୀଳ କର୍ମଶାଳାରେ ଯୋଗଦେଇ ପିଲାମାନେ ନୂତନ କୌଶଳବିଦ୍ୟା ଶିଖିପାରିବେ। ଏହାସହ ବିଜେତାମାନଙ୍କୁ ପୁରସ୍କୃତ କରାଯିବ ଏବଂ ପ୍ରତ୍ୟେକ ଛାତ୍ରଙ୍କୁ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯିବ। ପ୍ରଥମେ ଜାମସେଦପୁରରେ ଏହାକୁ ଆରମ୍ଭ କରାଯାଇଥିବା ବେଳେ ପରେ ଏହା ଉଦୟପୁର (୨୦୧୯), ବେଙ୍ଗାଲୁରୁ (୨୦୨୨), ଡେରାଡୁନ (୨୦୨୩)ରେ ଆୟୋଜନ କରାଯାଇଥିଲା।

# ଆଜି ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡର ଦୁଇଟି ବିଧାନସଭା କ୍ଷେତ୍ର ଷଢ଼େଇକଳା ଖରସୁଆଁ ଓ ସିଂହଭୂମରେ ଆୟୋଜିତ ଦୁଇଟି ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ଭୋଟ୍ ହାତେଇବା ସକାଶେ ମୁଖ୍ୟମନ୍ତ୍ରୀ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଝାଡ଼ଖଣ୍ଡ ନିର୍ବାଚନ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଦୁଇ ଦିନିଆ ଗସ୍ତରେ ଯାଇ ପ୍ରଚାର କରିଥିଲେ। ଅନ୍ୟପଟେ ଭାଜପାର ବହୁ ନେତା ଏବେ ଝାଡ଼ଖଣ୍ଡ ଯାଇ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାମରେ ଲାଗି ଯାଇଛନ୍ତି।

# ଜୟୀ ରାଜଗୁରୁଙ୍କ ଉପରେ ଅଧିକ ଗବେଷଣା ନୂଆ ଅଧ୍ୟାୟ ସୃଷ୍ଟି କରିବ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୦।୧୧(ବନ୍ଦନା ସେଠୀ)

ଏ ଜାତି ହେଉଛି ବୀର ଜାତି। ଏହି ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଖ୍ରୀଷ୍ଟପୂର୍ବ ସମୟରୁ ଆରମ୍ଭ କରି ଇଂରେଜ ଶାସନ ପର୍ଯ୍ୟନ୍ତ ଓଡ଼ିଆ ଜାତି ବିଭିନ୍ନ ସମୟରେ ନିଜର ବୀରତ୍ୱ ପ୍ରଦର୍ଶନ କରିଆସିଛି। ସାରାଦେଶ ଯେତେବେଳେ ଇଂରେଜଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏ ମାଟିର ବୀର ଜୟୀ ରାଜଗୁରୁ ସେମାନଙ୍କ ବିରୋଧରେ ଦେଇଥିବା ରଣହୁଙ୍କାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ତେଣୁ ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱ ଉପରେ ଅଧିକ ଗବେଷଣା ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ



ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

## ରାଜ୍ୟସ୍ତରୀୟ ଜୟନ୍ତୀ

ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ସୂଚନା ଭବନଠାରେ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ହରିଚନ୍ଦନ କହିଲେ, ଓଡ଼ିଆ ଜାତିର ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ଏହି ବୀରତ୍ୱର ଗାଥାକୁ ଯୁବପିଢି ପଢିବା ଜରୁରୀ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଶିକ୍ଷାବିତ୍ ତଥା ପୂର୍ବତନ ଶିକ୍ଷା ପ୍ରଶାସକ ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ତାଙ୍କଠାରେ ତ୍ୟାଗୀ ଓ ଯୋଗୀର ଅପୂର୍ବ ସମନ୍ୱୟ ଘଟିଥିଲା ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ କହିଲେ, ଇଂରେଜମାନଙ୍କୁ ଏ ମାଟିରୁ ତଡିବା ପାଇଁ ଯେଉଁ ଜାତୀୟତା ଜନ୍ମଲାଭ କରିଥିଲା, ତାହାର ନେତୃତ୍ୱ ବିପ୍ଳବୀ ଜୟୀ ରାଜଗୁରୁ ନେଇଥିଲେ। ଏହା ହିଁ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ଅବସରରେ 'ଜୟୀ ରାଜଗୁରୁଙ୍କ ଜୀବନୀ' ଉପରେ ଆୟୋଜିତ ଆଲୋଚନାଚକ୍ରକୁ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ପୂର୍ବତନ ପ୍ରଶାସକ ଦିଗମ୍ବର ମହାନ୍ତି, ଐତିହାସିକ ଡ. ବିନୋଦିନୀ ଦାଶ, ଶିକ୍ଷାବିତ୍ ପ୍ରଫେସର ପ୍ରସନ୍ନ କୁମାର ଜେନା ଯୋଗଦେଇଥିଲେ। ସ୍ମୃତି ପରିଷଦ ଓଡ଼ିଶାର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସକାଳେ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ପ୍ରାତଃ ୫ଟା ୩୦।
- ବିଲ୍ଡ ଭାରତ ଲିଡରଶିପ ଆୱାର୍ଡ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ଚିତ୍ରକଳା ଶିବିର, ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମେରିକାରେ ଇସ୍କନର ଅଦିନିଆ ରଥଯାତ୍ରା ବିରୋଧରେ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଲ୍ ଓଡ଼ିଶା ଆଡିଶନାଲ ବିଡିଓ ଆସୋସିଏଶନ ପକ୍ଷରୁ ୨ୟ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ହୋଟେଲ ଆର୍ଯ୍ୟନ ପାଲେସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୫ତମ ବାର୍ଷିକ ପ୍ରତିଷ୍ଠା ଦିବସ, ସ୍ଥାନ: ଯାନ୍ତ୍ରିକ ଭବନ, ସତ୍ୟନଗର, ସମୟ: ମଧ୍ୟାହ୍ନ ୧୨ଟା।
- ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ସ୍ତବକ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ପରିକ୍ରମା ପକ୍ଷରୁ ଗୀତିକବି 'ଜିତେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।
- ବିଶିଷ୍ଟ ଜ୍ୟୋତିର୍ବିଦ୍, ଲେଖକ, ଆଇନଜୀବୀ ରେବତୀକାନ୍ତ ଶାସ୍ତ୍ରୀଙ୍କ ସପ୍ତଦଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଡ. ଜୀବନ କୃଷ୍ଣ ମହାପାତ୍ରଙ୍କ ୨ଟି ଗଳ୍ପ ସଂକଳନ ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ହିନ୍ଦୁ ଏକତା ମଞ୍ଚ ଓ ଦେବାଳୟ ବିମୋଚନ ଉଦ୍ଦେଶ୍ୟ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ଗଙ୍ଗାମନ୍ଦିର ସାହି ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ଶ୍ରୀ ଶ୍ରୀ ଗଙ୍ଗାମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ପ୍ରଜ୍ଞାନ ପେଟ୍ରୋଲ ପମ୍ପ ଉଦ୍‌ଘାଟନ, ସ୍ଥାନ: କୁମ୍ଭୀପୁଟ, ପାଞ୍ଚଗାଁ, ତିଗିରିଆ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ବାଲେଶ୍ୱର

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- 'ମୁଁ ବି ହେବି ସାମ୍ବାଦିକ', ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଆନନ୍ଦବଜାର ବଣିକ ସଂଘ ପକ୍ଷରୁ ହରିନାମ ସଂକୀର୍ତ୍ତନ ସମାପନ ଓ ପ୍ରସାଦସେବନ, ସ୍ଥାନ: ଥାନା ଛକ, ଆନନ୍ଦ ବଜାର, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଭୋଗରାଇ ପୂଜ୍ୟପୂଜା ପରିଷଦ ପକ୍ଷରୁ ସ୍ୱର୍ଗତ ଶିକ୍ଷକ ଯୋଗେନ୍ଦ୍ର ନନ୍ଦନ ଦାସଙ୍କ ସ୍ମୃତିଚାରଣ ସଭା, ସ୍ଥାନ: କମର୍ଦ୍ଦା, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ବଳାତ୍କାର ପୀଡ଼ିତା ଓ ପରିବାରକୁ ଭେଟିବେ ବିଜେଡିର ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସ୍ଥାନ: ଧୋବଶିଳା, ନୀଳଗିରି, ସମୟ: ମଧ୍ୟାହ୍ନ ୧୨ଟା।
- ବିପ୍ଳବୀ ନେତା ସ୍ୱର୍ଗତ ସୁଶ୍ରୀପଦ ପଣ୍ଡାଙ୍କ ୭୬ତମ ଜୟନ୍ତୀ ସଭା, ସ୍ଥାନ: ଅନଳିଆ ଚଣ୍ଡୀ ମନ୍ଦିର, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଘୁନାଥ ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ଶଂଖୀଡ଼ା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ହରିବଂଶ ପାଠ ଏବଂ ପୂଜା, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଝାଡ଼ଖଣ୍ଡରୁ ପ୍ରତ୍ୟାପ୍ରର୍ତ୍ତନ ସମୟରେ ରହଣି, ସ୍ଥାନ: ରାଇସୁଆଁ ଏୟାର ଷ୍ଟ୍ରିପ୍, ସମୟ: ଅପରାହ୍ନ ୪ ଟା ୩୦ ରୁ ୪ ଟା ୪୦।
- ବ୍ଲକ୍ କର୍ମଚାରୀଙ୍କ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ପଞ୍ଚକ ବ୍ରତ ଉପଲକ୍ଷେ ଅଧିବାସ, ପୂଜା, ନାମ ସଂକୀର୍ତ୍ତନ, ସ୍ଥାନ: ହାବଳେଶ୍ୱର, ଡ଼ଅଁର, ଇଂଚୋଳ, ଶାଳନିଆଁ, ହାଟଡିହୀ, ସମୟ: ଅପରାହ୍ନ ୫ ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ଶଙ୍କରପୁର୍ ଷ୍ଟାଡ଼ିୟମ, କେନ୍ଦୁଝର, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଗଦ୍ଧାତ୍ରୀଙ୍କ ପୂଜା, ସ୍ଥାନ: ଭଞ୍ଜପୁର. ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଜିଲା ଗସ୍ତ, ସ୍ଥାନ:ବାରିପଦା ସର୍କିଟ ହାଉସ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- କାର୍ତ୍ତିକେୟଙ୍କ ପୂଜା ଆରମ୍ଭ, ସ୍ଥାନ: ବୁଗୁଡା ଗୋପୀନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା।

## କନ୍ଧମାଳ

- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକ(ଆଜ୍ଞା)ଙ୍କ ୧୦୯ତମ ଜୟନ୍ତୀ, ସ୍ଥାନ: ବାଲିଗୁଡ଼ା ବନବାସୀ ସେବା ସମିତି ପରିସର, ସମୟ: ୧୦ଟା ୩୦।
- ପୁସ୍ତକ ମେଳା, ସାହିତ୍ୟ ଆଲୋଚନାଚକ୍ର, କବିତା ପାଠୋତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ: ଅପରାହ୍ନ ୫ଟାରୁ ଆରମ୍ଭ।

## ଜଗତ୍‌ସିଂହପୁର

- ପାରାଦୀପ ନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ:୧ ନଂ ୱାର୍ଡ, ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୮ଟା।
- ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦର ବୈଠକ, ସ୍ଥାନ: ଗୋକୁଳ ଚନ୍ଦନ ସଙ୍ଗୀତ ଭବନ, ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ନୟାଗଡ଼ ବ୍ଲକ୍ ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୟାଗଡ଼ ବ୍ଲକ୍ ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ଅପରାହ୍ନ ୩ଟା।
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକ୍ ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକ୍ ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ଅପରାହ୍ନ ୩ଟା।
- ରାସୋତ୍ସବ ୨ୟ ଦିବସରେ ବସ୍ତ୍ର ହରଣ ଓ ଅଧିବାସ, ସ୍ଥାନ:ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ:ରାତି ୮ଟା।
- ଭାଗବତ ସପ୍ତାହରେ ପ୍ରାବଚନିକ କାର୍ଯ୍ୟକ୍ରମରେ ଜଡ ଭରତ, ଅଜାମିଳ ପ୍ରସଙ୍ଗ ଓ ପ୍ରହଲାଦ ଚରିତ, ସ୍ଥାନ:ଲଡୁକେଶ ମହେଶ ମନ୍ଦିର ସମ୍ମୁଖ ଶରଣକୁଳ, ସମୟ: ସନ୍ଧ୍ୟା ୭ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ:ନୟାଗଡ ସହର ମା'ଦକ୍ଷିଣ କାଳୀଙ୍କ ଯାତ୍ରା ପଡ଼ିଆ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦ୍ରା ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବଡ କେରଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସ୍ତରୀୟ ପରବ-୨୦୨୪, ସ୍ଥାନ: ଦଶମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଦଶମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ:- ୧୧. ୩୦।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ମଧ୍ୟାହ୍ନ: ୧୨ଟା ୩୦।

## ସମ୍ବଲପୁର

- କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ଝୋଟି ଓ ସଙ୍ଗୀତ ପ୍ରତିଯୋଗୀତା, ହୀରାକୁଦ ସ୍ଥିତ ଜିଗ ଜାଗ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ଭୋଜପୁରୀ କ୍ରିକେଟ ଲିଗ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସଦେଇପାଲି, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- କାର୍ତ୍ତିକ ପଞ୍ଚୁକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଅବସରରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ଅନ୍ତରାଷ୍ଟ୍ରୀୟ ସତ୍ୟ ମହିମା ସାଧୁ ସମ୍ମିଳନୀ ଓ ମହିମା ବ୍ରହ୍ମ ଯଜ୍ଞ, ସ୍ଥାନ: ସୋନପୁର ଯୋଗେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ୩୦।
- ଅଖଣ୍ଡ ନାମଯଜ୍ଞର ପଚିଶତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀ ପାଇଁ ଦିନଟିଏ, ସ୍ଥାନ: ଆମ୍ବସରଭଟ୍ଟା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ଉତ୍ସବ ପାଇଁ କଳସ ଯାତ୍ରା, ଅଧିବାସ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ : ଅପରାହ୍ନ ୪ଟା ୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ : ସନ୍ଧ୍ୟା ୭ଟା।

## ବରଗଡ଼

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା, ସମୟ, ପୂର୍ବାହ୍ନ ୧୦ଟା।
- ରାସ ପୂର୍ଣ୍ଣିମା ପୂଜା ମହୋତ୍ସବ ବାଲିଯାତ୍ରା ଅବସରରେ ପ୍ରବଚନ, ସ୍ଥାନ: ରେମଣ୍ଡା, ଭେଡେନ, ସମୟ: ସନ୍ଧ୍ୟା ୫ଟା ୩୦।

## ଝାରସୁଗୁଡ଼ା

- ପଞ୍ଚୁକ ପୂଜା, ସ୍ଥାନ: ସରବାହାଲ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: କୁକୁରଜଙ୍ଗା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୃନ୍ଦାବତୀ ପୂଜା ଓ କୀର୍ତ୍ତନ, ସ୍ଥାନ: ଖେରୁଆଲ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଓପିଏ ଏମ୍ ବାଳକ ଉଚ୍ଚବିଦ୍ୟାଳୟ ବ୍ରଜରାଜନଗର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆର୍‌ଏଲ୍‌ସିରେ ଶ୍ରମ ସଙ୍ଗଠନ ବୈଠକ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଁଖାଇ ଭେଟଘାଟ୍, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶାଳ ଆଧ୍ୟାତ୍ମିକ ସଭା, ସ୍ଥାନ: ସେକ୍ଟର-୨ ଦୁର୍ଗାପୁଜା ପଡିଆ, ସମୟ: ସନ୍ଧ୍ୟା ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୭ ତେନ୍ତୁଳି ପଡିଆ, ସମୟ: ସକାଳ ୭ଟା ୩୦।
- ଡିପିଏସ୍ ସ୍କୁଲରେ କ୍ୟାରିୟର କାଉନସେଲିଂ କର୍ମଶାଳା, ସ୍ଥାନ: ସେକ୍ଟର- -୧୪ ସ୍କୁଲ ପ୍ରାଙ୍ଗଣ, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣରେଖାର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସୁବର୍ଣ୍ଣରେଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ନାମ ପଞ୍ଜୀକରଣ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ସକାଳ ୮ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଦେବଗଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ଓ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ଅପରାହ୍ନ ୩ଟା।
- ମା' କାଳୀ ପୂଜା ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ପୂଜା ମଣ୍ଡପ, ବାରକୋଟ, ସମୟ: ଅପରାହ୍ନ ୨ଟା।
- ମା' କାଳୀ ପୂଜା ବିସର୍ଜନ, ସ୍ଥାନ: ବାରକୋଟ ସଦର ମହକୁମା, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଡୋଙ୍ଗରିପାଲି, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ନାଗବାଚା ଗାଦି ଯାତ୍ରା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ ନାଗବାଚା ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- କରଡି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଷଷ୍ଠ ଦିବସ, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ ଷଷ୍ଠ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଓ ସନ୍ଥ ସମ୍ମିଳନୀ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଡମ୍ବରଗାଡ (କଙ୍କଳା),ବୌଦ୍ଧ, ସମୟ: ସକାଳ ୯ଟା।

# ରାଜ୍ୟରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ୪ଟି ମହିଳା କୋର୍ଟ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର): ରାଜ୍ୟରେ ମହିଳାମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଲାଗି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ମହିଳାଙ୍କ ବିରୋଧରେ ବଢ଼ିଚାଲିଥିବା ଅପରାଧକୁ ନ୍ୟାୟ ଦେବା ଲାଗି ରାଜ୍ୟରେ ଖୁବ୍‌ଶୀଘ୍ର ୪ଟି ମହିଳା କୋର୍ଟ ସ୍ଥାପନ କରିବେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ୪ଟି କୋର୍ଟ ପ୍ରତିଷ୍ଠା ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ପୃଥ୍ୱୀରାଜ କହିଛନ୍ତି, ରାଜ୍ୟରେ ୪ଟି ମହିଳା କୋର୍ଟ ପ୍ରତିଷ୍ଠା ସମ୍ବନ୍ଧୀୟ ପ୍ରସ୍ତାବ ଖୁବ୍‌ଶୀଘ୍ର ଓଡ଼ିଶା ହାଇକୋର୍ଟକୁ ପଠାଯିବ। ଏହି ୪ଟି କୋର୍ଟ କେବଳ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ବିଚାର କରିବେ। ଏଥିରେ ମହିଳା ବିଚାରପତି ଏବଂ ସରକାରୀ ଓକିଲ ରହିବେ।

## ପ୍ରଥମ ପୃଷ୍ଠାରୁ...

### ଆତଙ୍କବାଦୀଙ୍କ ଗୁଳିରେ ...

ଏହି ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦର କଶ୍ମୀର ଟାଇଗର୍ସ ଗୋଷ୍ଠୀ ନିଜକୁ ଦାୟୀ କରିବା ପରେ ସେନା ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଥିଲା। କେଶୱାନ୍ ଜଙ୍ଗଲରେ ଭିଡିଜି ନାଜିର ଓ କୁଲଦୀପଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିବା ସ୍ଥାନରୁ ଅଳ୍ପ କିଛି କି.ମି. ଦୂରରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ରବିବାର ପୂର୍ବାହ୍ନ ୧୧ଟାରେ ସେନା ଓ ପୋଲିସର ମିଳିତ ଟିମ୍ ଉକ୍ତ ଜଙ୍ଗଲର ଭର୍ଟ ରିଜ୍‌ରେ ଆତଙ୍କବାଦୀଙ୍କୁ ଘେରି ଗୁଳି ଚଳାଇଥିଲେ। ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ଗୁଳି କରିଥିଲେ। ଏଥିରେ ଜେସିଓଙ୍କ ସମେତ ୪ ଯବାନ ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଜେସିଓଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି।

### ପ୍ରଧାନ ବିଚାରପତି ଭାବେ ....

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ରବିବାର ଅବସର ଗ୍ରହଣ କରିଥିବାବେଳେ ଜଷ୍ଟିସ୍ ଖାନ୍ନା ତାଙ୍କ ସ୍ଥାନ ନେବେ। ସେ ଏହି ପଦବୀରେ ୨୦୨୫ ମେ' ୧୩ ପର୍ଯ୍ୟନ୍ତ ରହିବେ। ଅକ୍ଟୋବର ୧୬ରେ ସିଜେଆଇ ଚନ୍ଦ୍ରଚୂଡ଼ ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ଖାନ୍‌ଙ୍କ ନାମ ସୁପାରିସ କରିବା ପରେ ତାଙ୍କ ନିଯୁକ୍ତି ନେଇ କେନ୍ଦ୍ର ସରକାର ୨୪ରେ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଗତ ଶୁକ୍ରବାର ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କର ସର୍ବୋଚ୍ଚ ଅଦାଲତରେ ଶେଷଦିନ ଥିଲା। ତାଙ୍କୁ ଅନ୍ୟ ବିଚାରପତି, ଆଇନଜୀବୀ ଏବଂ ସୁପ୍ରିମକୋର୍ଟ ତଥା ହାଇକୋର୍ଟର କର୍ମଚାରୀମାନେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ୨୦୧୯ ଜାନୁଆରୀରୁ ଜଷ୍ଟିସ୍ ଖାନ୍ନା ସୁପ୍ରିମକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଆସୁଥିବାବେଳେ ଇଭିଏମ୍‌ଗୁଡ଼ିକର ପବିତ୍ରତାକୁ କାଏମ ରଖିବା ସହ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିବା, ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ ରଖିବା ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ।

# ୮୯ ଡିଏସ୍‌ପି ହେଲେ ଅତିରିକ୍ତ ଏସ୍‌ପି

## ୧୧ ଅତିରିକ୍ତ ଏସ୍‌ପିଙ୍କ ବଦଳି

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)

ରାଜ୍ୟ ପୋଲିସରେ କାର୍ଯ୍ୟରତ ୮୯ଜଣ ଡିଏସ୍‌ପି ର୍‍ୟାଙ୍କ୍‌ର ଓପିଏସ୍ ଅଫିସରଙ୍କୁ ଅତିରିକ୍ତ ଏସ୍‌ପି ର୍‍ୟାଙ୍କକୁ ପଦନ୍ନୋତି ମିଳିଛି। ଏଥିସହ ସେମାନଙ୍କୁ ନୂଆ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦୁଝର ମୁଖ୍ୟାଳୟରେ ଡିଏସ୍‌ପି ଥିବା ହରପ୍ରିୟା ନାଏକଙ୍କୁ କେନ୍ଦୁଝର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଥିବା ବେଳେ କମିଶନରେଟ୍ ପୋଲିସରେ ଏସିପି ଥିବା ସ୍ୱସ୍ତିକ ପଣ୍ଡାଙ୍କୁ ରାୟଗଡା ଆଇୟୁସିଏଡବ୍ଲ୍ୟୁରେ ଅତିରିକ୍ତ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଗଞ୍ଜାମ ପିସିଆର୍ ସେଲ୍ ଡିଏସ୍‌ପି ଥିବା ସନ୍ତୋଷ କୁମାର ବାରିକଙ୍କୁ ଗୋଇନ୍ଦା ଅତିରିକ୍ତ ଏସ୍‌ପି ଓ ବସ୍ତା ଏସ୍‌ଡିପିଓ ଅରୁଣ କୁମାର ସାହୁଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଅତିରିକ୍ତ ଏସ୍‌ପି ଭାବେ କାମ କରୁଥିବା ୧୧ଜଣ ବରିଷ୍ଠ ଓପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। କମିଶନରେଟ୍ ପୋଲିସରେ ଆଇବି ଅତିରିକ୍ତ ଡିସିପି ଥିବା ସ୍ମୃତିରଞ୍ଜନ କରଙ୍କୁ ପାରାଦୀପ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ସ୍ପେଶାଲ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ଥିବା ମନୋଜ କୁମାର ରାଉତଙ୍କୁ କେନ୍ଦୁଝରର ଅତିରିକ୍ତ ଏସ୍‌ପି ଭାବେ ନୂଆ ଦାୟିତ୍ୱ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଖାଇ ହଗା, ଯାଚି ମଗା;**
**ଏ ଦୁଇଟା ହତଭାଗା।**

ଖାଇସାରି ଝାଡାଯିବା ସ୍ୱାସ୍ଥ୍ୟ ପାଇଁ ଅହିତକର ବା କ୍ଷତିକାରକ ହୋଇଥାଏ। ସେହିପରି ମାଗି ଯାଚି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କ ଜୀବନ ବଡ଼ ଦୁର୍ବିଷହ ହୋଇଥାଏ। ଏହିଧରଣର ବ୍ୟକ୍ତି ହତଭାଗା ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ପିତା ଗାଇବ ଗୀତା**
**ତେବେ ହୋଇବ ଜଗତଜିତା।**

ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥାଏ। ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶ ଭାବରେ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ରାଶ୍ୟାଧିପ ମଙ୍ଗଳଙ୍କ ନୀଚତ୍ୱ କାରଣରୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କାମ ସକାଶେ ଉତ୍ସାହିତ ରହିବେ। କିନ୍ତୁ ପାରିବାରିକ କଳହ, ଲୋକ ସମ୍ପର୍କ ଦିଗରୁ ବ୍ୟତିକ୍ରମର ସାମ୍ନା କରିବେ। ସରକାରୀ ସ୍ତରରୁ ସାହାଯ୍ୟ ଆଶାୟୀ ହୋଇପାରନ୍ତି।

**ବୃଷ** ରାଶି ପ୍ରତି ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ। ବନ୍ଧୁମିଳନଜନିତ ଆନନ୍ଦମୁଖର ପରିବେଶରେ ମସ୍‌ଗୁଲ୍ ରହିପାରନ୍ତି। ଗୁରୁ ଗୃହସ୍ଥ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ** ଅଷ୍ଟମାଧିପ ଶନି ଧନାଧିପ ସାନ୍ନିଧ୍ୟରେ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। ଦୁଃଖ ଖବର ମନକୁ ସାମୟିକ ନିସ୍ତେଜ କରିଦେବାର ଆଶଙ୍କା ରହିଛି। ଅବଶ୍ୟ ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହୋଇପାରନ୍ତି। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**କର୍କଟ** ଚନ୍ଦ୍ର ଓ ସପ୍ତମାଧିପ ଦୁଃସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟର ଅବନତି ମନକୁ ବିବ୍ରତ କରିବ। ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ତଥାପି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ। ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିପାରେ।

**ସିଂହ** ରବିଙ୍କ ଦୁର୍ବଳତା ସାଙ୍ଗକୁ ଚତୁର୍ଥାଧିପତିଙ୍କ ଷଷ୍ଠଭାବସ୍ଥ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ଲାଗି ରହିବ। ତୃତୀୟାଧିପ ଶୁକ୍ରଙ୍କ ପ୍ରଭାବରୁ ପଡ଼ୋଶିନୀ କିମ୍ବା ହିତୈଷୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କୌଣସି କାମରେ ପଛକୁ ଫେରି ଚାହିଁବା ପରିସ୍ଥିତି ସୃଷ୍ଟି ହେବନାହିଁ। ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**କନ୍ୟା** ଲାଭାଧିପତି ଶନି ଯୁକ୍ତ କାରଣରୁ ଆଜି ଯାହା ପାଇବାକୁ ଚିନ୍ତା କରିଛନ୍ତି ତାହା ଦୁର୍ଲ୍ଲଭ ହୋଇପଡିବ। ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିପାରେ। ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନି। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ତୁଳା** ଧନାଧିପତିଙ୍କ ନୀଚତ୍ୱ କାରଣରୁ ଆପଣଙ୍କୁ ଅର୍ଥପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି। ପାରିବାରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ବିଛା** ପଣ୍ଡିତଗ୍ରହ ଦ୍ୱୟଙ୍କ ସ୍ଥିତି ପ୍ରଭାବରେ ଉନ୍ନତ ଯୋଜନାକୁ ବାସ୍ତବ ରୂପ ଦେବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଲୁହା ଦେଖି ପାଣି ଦେଲାପରି ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଶୁଭ ଖବର ମନକୁ ଆହ୍ଲାଦିତ କରିପାରେ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ଯାଇପାରନ୍ତି।

**ଧନୁ** ରାଶିସ୍ଥ ଶୁକ୍ର ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟ ଧାରଣ କରିବେ। ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବାର ସମ୍ଭାବନା ରହିଛି। ଆଇନ ଅଦାଲତ କ୍ଷେତ୍ରରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡିବାକୁ ପଡିପାରେ।

**ମକର** କେନ୍ଦ୍ରସ୍ଥ ମଙ୍ଗଳଙ୍କ ଦୁର୍ବଳତା ପରିବାରର ଆନ୍ତରିକ ସହଯୋଗ ପାଇବାରେ ଅସମର୍ଥ ହେବେ। ଦୀର୍ଘ ଦିନରୁ ଦେଖି ନ ଥିବା କୌଣସି ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ। କଳା, ସାହିତ୍ୟ, ସାମ୍ବାଦିକତା, ପରିବହନରେ ଏବଂ ସର୍ବୋପରି ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ଶନିଙ୍କ ସୁପ୍ରଭାବରୁ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିବାରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡିପାରେ।

**ମୀନ** ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହି ନ ପାରେ। ତଥାପି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ସୁପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁମାନଙ୍କ ସମର୍ଥନ ପୂର୍ଣ୍ଣମାତ୍ରାରେ ରହିବାର ସୂଚନା ରହିଛି।

ଆଜି ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, କାର୍ତ୍ତିକ ଶୁକ୍ଳ ଦଶମୀ ସୋମବାର, ଶ୍ରୀଜୀଉଙ୍କ ରାଧା ଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, କପିଳାସ ମହିମା ତପୋବନ ପାଦପୀଠରେ ବାର୍ଷିକ ତପୋବନ ମେଳା, ରାଶିନକ୍ଷତ୍ର-ଦିବା ଘ.୦୧।୩୯ ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୬ ଗତେ, ଘ.୦୭।୨୦ ମଧ୍ୟେ, ଘ.୦୮।୫୪ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୨୦ ଗତେ, ଘ.୦୮।୪୩ ମଧ୍ୟେ ରାହୁକାଳ।



ଭାଜପାରେ ଯୋଗଦେବାପରେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଓ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରବିବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ: ମହେନ୍ଦ୍ର ସ୍ୱାଇଁ, ବରୀ)

## କଟକରେ କଲେଜ ଛାତ୍ରୀ ଗଣବଳାତ୍କାର ଘଟଣାରେ ରାଜନୀତି

# ଭାଜପା ସରକାରକୁ ବିଜେଡିର ଟାର୍ଗେଟ

**କଟକ,୧୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ କିଛିଦିନ ତଳେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଘଟଣାରେ ଭାଜପା ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ମୁଖ୍ୟ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ସଦସ୍ୟମାନେ ଉକ୍ତ କାଫେରେ ରବିବାର ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ କଟକ ଡିସିପି ଜଗମୋହନ ମୀନାଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରି ଏକ ଦାବିପତ୍ର ଦେଇଛନ୍ତି। ଏନେଇ ଛୁରିଆ କହିଛନ୍ତି, ଘଟଣା ପରେ ପୀଡ଼ିତା କଟକ ଜିଲାର ୩ଟି ଥାନା ଅଞ୍ଚଳର ଦ୍ୱାରସ୍ଥ ହୋଇଥିବାବେଳେ ପୋଲିସ ତାଙ୍କ ଏତଲା ରଖି ନ ଥିଲା। ଏହାକୁ ନେଇ ପୋଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାରେ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏହି କାଫେ ଥିବା ସ୍ଥାନରେ ଗତ ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀ ହୋଇଥିବା ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପାଇଁ ଭାଜପା କାର୍ଯ୍ୟାଳୟ ଖୋଲାଯାଇଥିଲା। ସେହିପରି କାଫେ ନିକଟରେ ସିଏମ୍‌ସି ୨୬ ନମ୍ବର ୱାର୍ଡ କର୍ପୋରେଟର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝାଙ୍କ ଘର ରହିଛି। ତେଣୁ ପୂର୍ଣ୍ଣଚନ୍ଦ୍ର ଓ ଗଗନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଛୁରିଆ କହିଛନ୍ତି।

ଏହି ଘଟଣାକୁ ନେଇ ଡିସିପି ମୀନା କହିଛନ୍ତି, ଉକ୍ତ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମୋବାଇଲ ଫୋନ ଯାଞ୍ଚ ପାଇଁ ଫୋରେନ୍‌ସିକ୍ ଲାବରେଟୋରିକୁ ପଠାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାରଙ୍କୁ ଧରିବା ପାଇଁ ପୋଲିସ ଖୋଳତାଡ଼ ଜାରି ରଖିଛି। ପୋଲିସ ପ୍ରଶାସନ ପୀଡ଼ିତାଙ୍କ ପରିବାର ସହ ଯୋଗାଯୋଗରେ ରହିଛି ଏବଂ ଆର୍ଥିକ ସହାୟତା ପାଇଁ ତହସିଲଦାରଙ୍କୁ କୁହାଯାଇଛି। ଉକ୍ତ କାଫେରେ ବେଆଇନ ଭାବେ ହୁକା ବ୍ୟବହାର ଅଭିଯୋଗ ଆସିଛି। ପୁରୀଘାଟ ଥାନା ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଡିସିପି ସୂଚନା ଦେଇଛନ୍ତି।

# ବିଜେଡି ସରକାରରେ ଓଡ଼ିଶା ଅପରାଧର ସାମ୍ରାଜ୍ୟ ଥିଲା: ଭାଜପା

**କଟକ,୧୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ କମିଟି ମୁଖ୍ୟ ସ୍ନେହାଙ୍ଗିନୀ ଛୁରିଆ ଗଣବଳାତ୍କାର ଘଟଣାରେ ଭାଜପାକୁ ଟାର୍ଗେଟ କରିଥିବାରୁ ତାଙ୍କୁ ସିଏମ୍‌ସି ୨୬ ନମ୍ବର ୱାର୍ଡ କର୍ପୋରେଟର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା ଜବାବ ଦେଇଛନ୍ତି। ସେ କହିଛନ୍ତି ସମ୍ପୃକ୍ତ କମିଟି ଉପସ୍ଥାପନ କରିଥିବା ତଥ୍ୟ ଅମୂଳକ। ଯେଉଁଠାରେ ଏହି ଘଟଣା ଘଟିଛି ତାହା ବିଜେଡି କର୍ପୋରେଟରଙ୍କ ଅଞ୍ଚଳ। ବିଜେଡି ସରକାର ସମୟରେ ଅପରାଧର ସାମ୍ରାଜ୍ୟ ପାଲଟିଥିଲା ଓଡ଼ିଶା। କିନ୍ତୁ ମୋହନ ସରକାର ଆସିବା ପରେ ଆପରାଧିକ ଦିଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଘଟଣାରେ ବିଜେଡି ଅଯଥା ରାଜନୀତି କରୁଛି। ତୁରନ୍ତ ପୀଡ଼ିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଭାଜପା ସରକାର ତତ୍ପର ରହିଛି। ସେହିପରି ଭାଜପା ନେତା ତଥା ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, କେବଳ ନିର୍ବାଚନ ସମୟରେ ଦଳ ପକ୍ଷରୁ ସେଠାରେ କାର୍ଯ୍ୟାଳୟ ଖୋଲାଯାଇଥିଲା। ପରେ ମାଲିକ କାହାକୁ ଘରଭଡ଼ା ଦେବେ ସେଥିପାଇଁ ଭାଜପା ଦାୟୀ ନୁହେଁ। ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ଦଶହରା ସମୟରେ ଉକ୍ତ କାଫେରେ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ ପୁରୁଷ ବନ୍ଧୁ। ଏଥିରେ ସହଯୋଗ କରିଥିଲେ କାଫେ ମାଲିକ। କାଫେ ମାଲିକ ଓ ପୁରୁଷ ବନ୍ଧୁଙ୍କ ସାଙ୍ଗମାନେ ପୀଡ଼ିତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ନେଇ ଉକ୍ତ ଭିଡିଓ ଦେଖାଇଥିଲେ। ଏହାପରେ ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏହି ଘଟଣା ପୁରୀଘାଟ ଓ ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀ ଜଣକ ବାଦାମବାଡ଼ି ଥାନା ଅଞ୍ଚଳର ଏକ କଲେଜରେ ପଢୁଥିବାରୁ ସେ ଏଠାରେ ଏତଲା ଦେଇଥିଲେ।



ଝାଡ଼ଖଣ୍ଡର ଏକ ନିର୍ବାଚନୀ ସଭାରେ ଓଡ଼ିଶା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାଷଣ ଦେଉଛନ୍ତି।

# ବିକାଶର ପ୍ରୟୋଗଶାଳା ଏବେ ଦିଗହରା ଧର୍ମଶାଳା

## ଜନସମ୍ପର୍କ ପଦଯାତ୍ରାରେ ଭାଜପା ସରକାରଙ୍କୁ ବିଜେଡିର ସମାଲୋଚନା

**ଧର୍ମଶାଳା/କାଏମା,୧୦।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକର ଶାନ୍ତିବାଜରଠାରେ ପୂର୍ବାହ୍ନରେ ଶତାଧିକ ବିଜେଡି କର୍ମୀ ଏକତ୍ରିତ ହୋଇ ବଡ଼ମଙ୍ଗଳପୁର, ବାଲିଗରି, ନରସିଂହପୁର, ଚୋରମୁହାଁ, ଧର୍ମଶାଳା ବଜାର ଦେଇ ହାଟପଡ଼ିଆ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ହାଟପଡିଆଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ପଦଯାତ୍ରା କମିଟି ମୁଖ୍ୟ ସଞ୍ଜୟ ଦାସବର୍ମା, ପ୍ରତାପ କେଶରୀ ଦେବ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ପ୍ରମିଳା ମଲ୍ଲିକ, ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁରର ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ଶାନ୍ତ ଧର୍ମଶାଳାକୁ ଅଶାନ୍ତ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ବିକାଶର ପ୍ରୟୋଗଶାଳା ସାଜିଥିବା ଧର୍ମଶାଳା ନୂତନ ସରକାର ଆସିବାପରେ ଗୋଟାଏ ଦିଗହରା ଧର୍ମଶାଳାରେ ପରିଣତ ହୋଇଛି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ପଦଯାତ୍ରାରେ ଧର୍ମଶାଳାର ଶତାଧିକ ବିଜେଡି କର୍ମୀ ସାମିଲ ହୋଇ ସରକାରଙ୍କ ବିଫଳତା ଉପରେ ନାରାବାଜି କରିଥିଲେ। ସଭାକୁ ପୂର୍ବତନ ବିଧାୟକ ବଳବନ୍ତରାୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେଶ ଚନ୍ଦ୍ର ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ପ୍ରଭାତ ବଳବନ୍ତରାୟ, ଅରୁଣ ରାଉତ, ଲୋକନାଥ ପଣ୍ଡା, ରେଣୁବାଳା ଶତପଥୀ, ମମତା ଖୁଣ୍ଟିଆ, ମମତା ଦଣ୍ଡପାଟ, କ୍ଷିତୀଶ ନାୟକ, ସୌମ୍ୟପ୍ରକାଶ ବିଶ୍ୱାଳ, ଜଗଦାନନ୍ଦ ରାଉତ, କ୍ଷୀରାବ୍ଧି ତନୟା ମଲ୍ଲିକ ପ୍ରମୁଖଙ୍କ ସମେତ ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ, ବହୁ ସରପଞ୍ଚ, ସମିତିସଭ୍ୟାସଭ୍ୟ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ମଞ୍ଚାସୀନ ବିଜେଡି ନେତା।

# ଝାଡ଼ଖଣ୍ଡ ନିର୍ବାଚନ ପ୍ରଚାରରେ କେନ୍ଦୁଝର ନେତା

**କେନ୍ଦୁଝର,୧୦।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ଝାଡ଼ଖଣ୍ଡରେ ଆସନ୍ତା ୧୩ ଓ ୨୦ରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବ। ୧୩ ତାରିଖରେ ହେବାକୁ ଥିବା ୪୩ ଟି ବିଧାନସଭା ଆସନରୁ ୧୪ଟି ଆସନରେ ଓଡ଼ିଆଙ୍କ ପ୍ରଭାବ ରହିଛି। ଫଳରେ ଉକ୍ତ ଆସନଗୁଡ଼ିରେ ଭୋଟରକୁ ଆକୃଷ୍ଟ କରିବା ପାଇଁ ଓଡ଼ିଆ ନେତାମାନେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ସମାବେଶରେ ସାମିଲ ହେଉଛନ୍ତି। ତେବେ ଚକ୍ରଧରପୁର, ଚାଇଁବସା, ଜଗନ୍ନାଥପୁର, ଷଢ଼େଇକଳା, ମାଜଗାଁ, ମନୋହରପୁର, ଜାମସେଦପୁର (ପୂର୍ବ) ଓ ଜାମସେଦପୁର (ପଶ୍ଚିମ) ପ୍ରମୁଖ ବିଧାନସଭା ଅଞ୍ଚଳରେ କେନ୍ଦୁଝର ଜିଲାର ନେତା ଡେରା ପକାଇଥିବା ସୂଚନା ମିଳିଛି। ଜିଲାର ଭାଜପା ବିଧାୟକ ଅଖିଳ ନାୟକ, ଡ. ଫକିର ନାୟକ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ରହି ପ୍ରଚାର କାର୍ଯ୍ୟରେ ସହଯୋଗ କରୁଛନ୍ତି। ରାଧାକାନ୍ତ ମହାନ୍ତ ଜଗନ୍ନାଥପୁର ବିଧାନସଭା କ୍ଷେତ୍ରର ପ୍ରବାସୀ ପ୍ରଭାରୀ ଭାବେ ରଣନୀତି କରୁଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ଏହି ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ପତ୍ନୀ ଗୀତା କୋଡ଼ା ଭାଜପାର ପ୍ରାର୍ଥୀ ଅଛନ୍ତି। ସେହିପରି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ଷଢ଼େଇକଳା, ଜଗନ୍ନାଥପୁର, ଚକ୍ରଧରପୁର ନିର୍ବାଚନମଣ୍ଡଳୀରେ ଛୋଟ ଛୋଟ ବୈଠକ କରୁଛନ୍ତି। ଚମ୍ପୁଆ ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, ନାରୀନେତ୍ରୀ ଦାସମତି ଚାତାର, ଝରଣା ମହାନ୍ତ, ମମିତା ଭୌମିକ, ତୃପ୍ତିମୟୀ ମହାନ୍ତ, ଜୟନ୍ତୀ ମହାକୁଡ, ମଞ୍ଜରୀ ମୁର୍ମୁ, ପାଟଣାର ସମବାରି ମୁଣ୍ଡା ପ୍ରମୁଖ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ରହି ନିର୍ବାଚନ ପରିଚାଳନା କରୁଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆସିବ ନୂଆ ଖସଡ଼ା



ଆର୍‌ଡିସିସ୍ତରୀୟ ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

**ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଆଦି ଚାରି ଜିଲାରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନ ଓ ଖଣିପାଇଁ ସୃଷ୍ଟି ହେଉଥିବା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ୧ ମାସ ମଧ୍ୟରେ ନୂତନ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିପାଇଁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବଲପୁର ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି।

ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ପରିବେଶ ସୁରକ୍ଷା ସହ ଲୋକଙ୍କୁ ଏକ ପ୍ରଦୂଷଣମୁକ୍ତ ପରିବେଶ ପ୍ରଦାନ କରିବା ଏହି ବୈଠକର ମୂଳ ଲକ୍ଷ୍ୟ। ଏ ଅଞ୍ଚଳରେ ଥିବା ଖଣି ଓ ବିଭିନ୍ନ ଶିଳ୍ପାନୁଷ୍ଠାନରୁ ନିର୍ଗତ ଧୂଆଁ, ପାଉଁଶ ଓ ବର୍ଜ୍ୟବସ୍ତୁ ଯୋଗୁ ବାୟୁ ଓ ଜଳ ପ୍ରଦୂଷିତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ସ୍ୱରୂପ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଥିବା ଆଇନର ନବୀକରଣ କରାଯିବ। ଏଥିପାଇଁ ବିଶେଷଜ୍ଞଙ୍କ ପରାମର୍ଶ ସହିତ ସମ୍ବଲପୁର ଆଇଆଇଏମ୍, ଭିସୁଟ୍, ଭିମ୍‌ସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ତଥ୍ୟଭିତ୍ତିକ ପରାମର୍ଶ ଗ୍ରହଣ କରି ନୂତନ ଖସଡ଼ା ପ୍ରସ୍ତୁତ କରିବାକୁ ଆର୍‌ଡିସିଙ୍କୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ବେଆଇନ ପାଉଁଶ ପରିବହନ ଓ ଡମ୍ପିଂ ରୋକିବା ପାଇଁ ପାଉଁଶ ପରିବହନ ହେଉଥିବା ରାସ୍ତାର ବିଭିନ୍ନ ସ୍ଥାନରେ ସିସି ଟିଭି ଲଗାଯାଇ ପାଉଁଶ ପରିବହନକାରୀ ଭାରିଯାନଗୁଡ଼ିକର ଗତିବିଧି ଉପରେ ନଜର ରଖାଯିବ। ଡମ୍ପିଂ ପାଇଁ ଜିଲାପାଳଙ୍କ ଜରିଆରେ ଅନୁମତି ପ୍ରଦାନ କରିବାକୁ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅବମାନନା କରୁଥିବା ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହାବ୍ୟତୀତ ଶିଳ୍ପାନୁଷ୍ଠାନର ନିର୍ଗତ ବିଷାକ୍ତ ଜଳ, ପାଉଁଶ ଓ ବର୍ଜ୍ୟବସ୍ତୁ ଆଦି ବିଷାକ୍ତ ପଦାର୍ଥରୁ ନିକଟରେ ଥିବା ଜଳାଶୟ ବା ନଦୀନାଳକୁ ରକ୍ଷା କରିବାକୁ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏଥିପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ରାଜସ୍ୱ ଅଧିକାରୀ, ପରିବହନ ଅଧିକାରୀ, ଯନ୍ତ୍ରୀ, ଜନ ପ୍ରତିନିଧିମାନଙ୍କୁ ନେଇ ଜିଲାପାଳଙ୍କ ଦ୍ୱାରା ଗଠିତ କମିଟି ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଦର୍ଶନ କରି ଏ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରି ୧ ମାସ ମଧ୍ୟରେ ଜିଲାପାଳଙ୍କ ନିକଟରେ ଦାଖଲ କରିବେ। ଉକ୍ତ ରିପୋର୍ଟ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନୂତନ ଖସଡ଼ା ପ୍ରସ୍ତୁତିରେ ସହାୟକ ହେବ। ଏହାସହ ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ଉପଯୋଗୀ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ।

ଦୀର୍ଘ ୪ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ ଏକ୍କା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ବଲପୁର ଓ ସୁନ୍ଦରଗଡ଼ ଏମ୍‌ପିଙ୍କ ପ୍ରତିନିଧି ଯୋଗଦେଇଥିଲେ। ସେହିପରି ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ ଜିଲାର ଜିଲାପାଳ ଓ ଏସ୍‌ପି, ରାଉରକେଲା ଏସ୍‌ପି, ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ ଏ.ଏସ୍.ବାବଟ୍, ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ ଉପସ୍ଥିତ ଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଆଭାସୀ ମାଧ୍ୟମରେ ବୈଠକରେ ସାମିଲ ହୋଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-226

**କାର୍ଯ୍ୟର ନାମ :** ଚେରୁପଡା ଗ୍ରୀଡରୁ ରେଲୱେ ଇନ୍‌କମିଂ ସପ୍ଲାଇ ପର୍ଯ୍ୟନ୍ତ ଉତ୍ସର୍ଗୀକୃତ 33KV ସପ୍ଲାଇକୁ ବୃଦ୍ଧି କରି ସମ୍ବଲପୁର ଷ୍ଟେସନରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ବିସ୍ତାର।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,71,07,089.89, **EMD :** ₹ 2,35,500/-, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.12.2024ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-709/P/24-25

**National Rural Recreation Mission Society**

Web : www.nrrms.com Email : nrrmsofficial@gmail.com

**ADVERTISEMENT**

NRRMS intendants to online application from eligible candidates for filing up 2300 nos. of vacancies carrying attractive remuneration for Deendayal Upadhyay Rural Infrastructure Development (DDU-RID) projects. Total number of Post- 2300 Nos.

| S.No. | POSITIONS | POSTS | S.No. | POSITIONS | POSTS |
|---|---|---|---|---|---|
| 01 | District Project Manager | 30 | 06 | MIS Assistant | 302 |
| 02 | Account Officer | 61 | 07 | Multi-Tasking Official | 276 |
| 03 | Technical Assistance | 105 | 08 | Computer Operator | 366 |
| 04 | Data Manager | 314 | 09 | Field Coordinator | 341 |
| 05 | MIS Manager | 196 | 10 | Facilitators | 309 |

Applicants are advised to go through detailed advertisement which can be downloaded from www.nrrms.com and satisfy themselves about their suitability in all parameters for the post before applying and fulfilling eligibility criteria of posts as mentioned may APPLY ONLINE from 11/11/2024 to 28/11/2024 through website **www.nrrmsvacancy.in** only.

**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**

No.B-576

E-mail - eepwdbgh@gmail.com Phone/Fax - 06646-234819

**INVITATIONS FOR BIDS (I.F.B)**
**e-Procurement Notice**
**IDENTIFICATION NO.IFB-SE PWD BGH No.13 OF 2024-25**
**No. 5265, Dated - 05.11.2024**

| | | |
|---|---|---|
| 1) | The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single** Cover System **in ONLINE MODE** for the **Civil works** as detailed in the **Detailed Tender Call Notice (D.T.C.N)** from the eligible class of contractors. | |
| 2 | No. of Building work | : **03 Nos.** |
| 3) | Cost of Tender Paper | : **Rs. 6,000/-** |
| 4) | Class of contractor | : **"D" & "C" Class Contractor** |
| 5) | Date & Time of available in web site & receipt of Bids | : **11:00 Hrs. of 13.11.2024 to 17:00 Hrs. of 22.11.2024** |
| 6) | Date of opening of Technical Bid | : **25.11.2024 at 11:30 Hrs.** |
| 7) | The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in** | |
| 8) | Any corrigendum / Addendum will be displayed in the website **https://tendersodisha.gov.in** only. | |

Sd./- Superintending Engineer, Bargarh (R&B) Division

OIPR-34039/11/0011/2425

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS) DIVISION-I**
AT/PO - PADHUANPADA, BALASORE

No.B-557

Contact No. : 06782262045, E mail ID : ee_blsrb@yahoo.co.in

**BID INVITATION NO. SE (R and B)**
**BLS-Divn-1-27/2024-25**
**Letter No. 9144 Date : 01.11.2024**

| | | |
|---|---|---|
| 1 | The Superintending Engineer, Balasore (R&B) Division-I, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works. | |
| 2 | No. of Work | : 1 No. |
| 3 | Nature of work | : Road work of Balasore (R&B) Division-I |
| 4 | Class of Contractor | : "B" Class Contractor |
| 5 | Approx. value of work | : Rs. 76.95 Lakh |
| 6 | Tender Cost | : Rs. 10,000/- |
| 7 | Availability of Bid Documents in the website | : Up to 16:00 hours of dt. 13.11.2024 |
| 8 | Date of Opening of Bid | : Dt. 14.11.2024 at 10:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in | |

Sd./- Superintending Engineer, Balasore (R&B) Division-I

OIPR-34078/11/0009/2425

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡ଼କୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ଅନ୍‌ଲାଇନ ପାଗଳାମି

କୋଭିଡ୍ ୧୯ ଯୋଗୁ ସମଗ୍ର ପୃଥିବୀ ପ୍ରଭାବିତ ହୋଇଥିଲା। ସେତେବେଳେ ପିଲାମାନଙ୍କ ପାଠପଢ଼ା ପାଇଁ ବରଦାନ ସଦୃଶ ଉଭା ହୋଇଥିଲା ସ୍ମାର୍ଟଫୋନ୍। ଅନ୍‌ଲାଇନ ଶିକ୍ଷାର ଚାହିଦା ବଢ଼ିଥିଲା। କରୋନାର ପ୍ରଭାବ କମିବା ପରେ ମଧ୍ୟ ପିଲାଙ୍କ ପଢ଼ା ଏବେ ଅନେକ କ୍ଷେତ୍ରରେ ହାଇବ୍ରିଡ୍ ମୋଡ୍‌ରେ ହେଉଛି। ଅର୍ଥାତ୍ କ୍ଲାସ୍‌ରୁମ୍ ସହ ଅନ୍‌ଲାଇନ୍‌ରେ ଛାତ୍ରୀଛାତ୍ର ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ସ୍ମାର୍ଟଫୋନ୍ ପ୍ରତି ପିଲାଙ୍କ ଆସକ୍ତି ବଢ଼ିବା ଏବେ ବଡ଼ ସମସ୍ୟା ସୃଷ୍ଟି କଲାଣି। ଖେଳପଡ଼ିଆ ଓ ପାଠାଗାରଠାରୁ ପିଲାଙ୍କ ପାଇଁ ଫୋନ୍‌ର ଆକର୍ଷଣ ବଢ଼ିଯାଇଥିବାରୁ ମାତାପିତା ଓ ଅଭିଭାବକ ଚିନ୍ତାରେ ପଡ଼ିଯାଇଛନ୍ତି। କେବଳ ପଢ଼ିବା ଭିତରେ ସ୍ମାର୍ଟଫୋନ୍ ସୀମିତ ନ ରହି ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ପିଲାଙ୍କ ସଂଖ୍ୟା ବଢୁଥିବା ଲକ୍ଷ୍ୟ କରାଯାଉଛି। ଆଗକୁ ଭୟଙ୍କର ବିପଦ ଆସୁଥିବା ଆଶଙ୍କା କରି ଅଷ୍ଟ୍ରେଲିଆ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ଦେଖିବା ଉପରେ ନିଷେଧାଜ୍ଞା ଜାରି କରିବା ଲାଗି ନିଷ୍ପତ୍ତି ନେଇଥିବା ସେଠାକାର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍ ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଅଣାଯିବ ବୋଲି ଘୋଷଣା କରିବା ପରେ ଏହାକୁ ନେଇ ବିଶ୍ୱବ୍ୟାପୀ ବିତର୍କ ଆରମ୍ଭ ହୋଇଛି। ଭାରତରେ ମଧ୍ୟ କେତେକେ ଆଲବାନିଜ୍‌ଙ୍କ ନିଷ୍ପତ୍ତିକୁ ଉଚିତ ବୋଲି କହି ଏଠାରେ ଅନୁରୂପ କଠୋର ଆଇନ ଆସିବା ସପକ୍ଷରେ ମତ ରଖୁଛନ୍ତି। ପିଲାମାନେ ସୋସିଆଲ ମିଡିଆ ଓ ପ୍ରବଳ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ସେମାନଙ୍କ ଜୀବନକୁ ସୁରକ୍ଷିତ ରଖିବା ଲାଗି ଆଲୋଚନା ହେବା ସ୍ୱାଗତଯୋଗ୍ୟ।

ଦେଖିବାକୁ ଗଲେ ସୋସିଆଲ ମିଡିଆ ସମୁଦ୍ର ଓ ଆକାଶ ପରି ବ୍ୟାପ୍ତ। ତାହାକୁ ନିୟନ୍ତ୍ରଣ କରିବା ଲାଗି କୂଳକିନାରା ଥିବା ଭଳି ମନେହେଉ ନାହିଁ। ଏହାର ସମସ୍ତ ବ୍ୟବହାରକାରୀ ସମାନ ଭାବେ ସଚେତନ ନ ଥିବାରୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଯାଉଛି। ଜାତି, ଧର୍ମ, ବର୍ଣ୍ଣଭିତ୍ତିକ ପକ୍ଷପାତଠାରୁ ଆରମ୍ଭ କରି ବିଭାଜନ ରାଜନୀତି, ଆତଙ୍କବାଦୀ କିମ୍ବା ଉଗ୍ରପନ୍ଥୀ ଚିନ୍ତାଧାରାକୁ ବିସ୍ତାର ଓ ଅଶ୍ଳୀଳ ବିଷୟବସ୍ତୁ ସାମାଜିକ ଗଣମାଧ୍ୟମରେ ଛାଇ ହୋଇଯାଉଛି। ଏହାର ଉପଭୋକ୍ତା ବର୍ଗ ଭିନ୍ନ ଥିଲେ ମଧ୍ୟ ବିଶେଷକରି ଯୁବପିଢ଼ି ଏହା ଦ୍ୱାରା ଘୋର ପ୍ରଭାବିତ ହେଉଛନ୍ତି। ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ମସ୍ତିଷ୍କ ଠିକ୍ ଭାବେ ବିକଶିତ ହୋଇ ନ ଥିବାରୁ ଅନେକ ସମୟରେ ସେମାନେ ଭୁଲ୍ ବାଟରେ ପଡ଼ିଯାଉଛନ୍ତି। ଅନ୍‌ଲାଇନ୍ ଗେମ୍‌ରେ ମାତି ବହୁ ପିଲା ଆତ୍ମହତ୍ୟା କରିଦେଉଥିବାର ଖବର ବାରମ୍ବାର କିଛିବର୍ଷ ଧରି ପ୍ରକାଶ ପାଇଆସୁଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ସୋସିଆଲ ମିଡିଆର ପ୍ରବଳ ଆସକ୍ତି ଆରମ୍ଭ ହେବା ପୂର୍ବରୁ 'ବ୍ଲୁ ହ୍ୱେଲ', 'ପବ୍‌ଜି' ଭଳି ଅନ୍‌ଲାଇନ ଖେଳ ଅନେକ ପିଲାଙ୍କ ଜୀବନ ନେଇଛି। ସେହିଭଳି ଅଶ୍ଳୀଳ ସାଇଟ୍ ଦେଖିବାରୁ ପିଲାଙ୍କୁ ସାଇବର ଠକମାନେ ଟ୍ରାପ୍ କରି ଫାଇଦା ନେଇଯାଉଛନ୍ତି। ଯିଏ ଥରେ ବି ସେଭଳି ସାଇଟ୍‌କୁ ବ୍ରାଉଜ୍ କରିଦେଇଥିବେ ଆଲ୍‌ଗୋରିଦିମ୍ ଏଭଳି ଅଛି ଯେ ତାଙ୍କ ପାଖକୁ ସମାନ ଧରଣର ବିଷୟବସ୍ତୁ ଆସିଯାଉଛି। କଅଁଳିଆ ବୟସର ହୋଇଥିବାରୁ ଅନେକେ ଭୁଲ କାର୍ଯ୍ୟ କରିବା ସ୍ୱାଭାବିକ। କେବଳ ଅଳ୍ପ ବୟସ ବର୍ଗର ନୁହେଁ, ଏବେ ସବୁ ବୟସର ନାଗରିକଙ୍କୁ ଏହି ରୋଗ ବ୍ୟାପିଲାଣି। ଏପରିକି ଅନେକ ଅସତ୍ୟକୁ ବିଭିନ୍ନ ପ୍ରକାର ଭିଡିଓ ଓ ଲେଖା ମାଧ୍ୟମରେ ଚତୁର ଏଡିଟିଂ ଦ୍ୱାରା ବାସ୍ତବ ବୋଲି ସାଧାରଣରେ ବିଶ୍ୱାସ କରାଇ ଦିଆଯାଉଛି। ଫେକ୍ ନ୍ୟୁଜ୍ ବା ମିଥ୍ୟା ଖବର ବିଷୟରେ ଅତ୍ୟନ୍ତ ସଚେତନ ଥିବା ବ୍ୟକ୍ତି ମଧ୍ୟ ବାଉଳା ହୋଇଯାଉଛନ୍ତି।

ଏଭଳି ପ୍ରଚ୍ଛଦପଟରେ ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ଦେଖିବା ଉପରେ ନିଷେଧାଜ୍ଞା ଜାରି କରିବା ଲାଗି ଅଷ୍ଟ୍ରେଲିଆ ସରକାରଙ୍କ ନିଷ୍ପତ୍ତିକୁ ଖୁଣି ହେବ ନାହିଁ। ଅନ୍ୟପକ୍ଷରେ ଆଇନ ଯେ ସମସ୍ୟାର ସମାଧାନ ଆଣିବ ତାହା ହଲପ୍ ଦେଇ କହିହେବ ନାହିଁ। କାରଣ ଯେପର୍ଯ୍ୟନ୍ତ ସୋସିଆଲ ମିଡିଆକୁ ନିର୍ଦ୍ଦିଷ୍ଟ ବୟସବର୍ଗ ଭିତରେ ରଖିବାର ସ୍ମାର୍ଟଫୋନ୍ ବିକଶିତ ହୋଇ ନାହିଁ, ପିଲାମାନଙ୍କୁ ସେଥିରୁ ଦୂରେଇ ରଖିବା ବିଷୟ ଭାବିବା ନିରର୍ଥକ ବୋଲି କୁହାଯାଉଛି। ଯଦି କୌଣସି ଯନ୍ତ୍ର ଏଭଳି ଆସେ ଯେ, ତାହାକୁ ପିଲାମାନେ ଛୁଇଁଲା ମାତ୍ରେ ସୋସିଆଲ ମିଡିଆ କାର୍ଯ୍ୟକ୍ଷମ ହୋଇପାରନ୍ତା ନାହିଁ, ତାହା ହେଲେ ସୁଫଳ ମିଳିପାରନ୍ତା। ଅବଶ୍ୟ ଏଭଳି ଫିଚର ଆଗକୁ ଆସିପାରେ, ତାହାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ସେଭଳି ଯନ୍ତ୍ରପାତି ଏବେ ନାହିଁ। ଉଦାହରଣ ସ୍ୱରୂପ, ନିକଟରେ ଇସ୍ରାଏଲ ଯେଉଁଭଳି ଭାବେ ହେଜ୍‌ବୋଲ୍ଲା ଉପରେ ପେଜର ଆକ୍ରମଣ କରିଥିଲା, ସେଥିରେ ଯନ୍ତ୍ରଟିକୁ ଧରିଥିବା ବ୍ୟକ୍ତିର ଆଇରିସ୍‌କୁ ପଢ଼ିବା ପରେ ବିସ୍ଫୋରଣ ଘଟାଯାଇପାରିଥିଲା।

ଏଠାରେ ମନେପଡ଼େ ଚାଇନା ୨୦୨୩ରେ ଏକ ନିୟମ କରିଥିଲା, ଯେଉଁଥିରେ ନାବାଳକମାନେ ସେମାନଙ୍କ ମୋବାଇଲରେ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ବ୍ୟବହାର କରିପାରିବେ ନାହିଁ। ଏଥିସହିତ ପିଲାମାନେ ଦିନକୁ ମାତ୍ର ୨ ଘଣ୍ଟା ସ୍ମାର୍ଟଫୋନ୍ ବ୍ୟବହାର କରିପାରିବେ ବୋଲି କୁହାଯାଇଥିଲା। ତାହାର କାର୍ଯ୍ୟକାରିତା କେତେ ଦୂର ସଫଳ ହୋଇଛି ସେ ନେଇ ବିଶେଷ ତଥ୍ୟ ମିଳିପାରି ନ ଥିଲେ ମଧ୍ୟ ଚାଇନାର ଉଦ୍ୟମ ଦର୍ଶାଇଥିଲା ଯେ, ସେହି ଦେଶରେ ମଧ୍ୟ ଏହି ରୋଗର ଭୟାବହତା ବ୍ୟାପିଛି। ଭାରତ ଏ ଦିଗରେ ଖୁବ୍‌ଶୀଘ୍ର ଚିନ୍ତା କରିବାର ସମୟ ଆସିଲାଣି। ତେଣୁ ସରକାର ସୋସିଆଲ ମିଡିଆ କମ୍ପାନୀ, ମାତାପିତା ଓ ଅଭିଭାବକଙ୍କ ପରାମର୍ଶ ନେଇ ଏବେଠାରୁ କିଛି ବାଟ ବାହାର ନ କଲେ ଆଗାମୀ ଦିନରେ ସମାଜ ଗୋଟେ ବଡ଼ ବିପଦର ସମ୍ମୁଖୀନ ହୋଇପାରେ। ତେବେ ପିଲାଟିଏ କେଉଁଭଳି ପରିବେଶ ଦେଇ ବଢୁଛି, ତାହା ଗୁରୁତ୍ୱ ରଖୁଥିବାରୁ ମାତାପିତା ଓ ଅଭିଭାବକ ସବୁଠୁ ଅଧିକ ସତର୍କ ରହିବା ଦରକାର। ଏହା କହିଲା ବେଳକୁ ଆମେ ମନେରଖିଛୁ ଯେ ସ୍ମାର୍ଟଫୋନ୍ ଦେବାକୁ ମାତାପିତା ମନା କରିଦେବା ହେତୁ କେତେକ ପିଲା ଆତ୍ମହତ୍ୟା କରିଦେଇଛନ୍ତି। ଏଭଳି ମାନସିକତାକୁ କେଉଁଭଳି ସମ୍ଭାଳିବା ଦରକାର ସେ ସମ୍ପର୍କରେ କେବଳ ଆଇନ ନୁହେଁ, ଅନ୍ୟ କେଉଁ ପ୍ରକାର ଉପାୟ ଅବଲମ୍ବନ କରାଯିବା ଆବଶ୍ୟକ, ତାହା ଚିନ୍ତା କରିବାର ସମୟ ଆସିଲାଣି।

# ଆମ୍ବଟାକୁଆ ଭରସାରେ ଖାଦ୍ୟ ସୁରକ୍ଷା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦୀର୍ଘ ୨୩ ବର୍ଷ ପରେ ଆମ୍ବଟାକୁଆଜନିତ ମୃତ୍ୟୁ ଘଟଣା ଏବେ ପୁଣିଥରେ ରାଜ୍ୟ ରାଜନୀତିର ପ୍ରମୁଖ ପ୍ରସଙ୍ଗରେ ପରିଣତ ହୋଇଛି। ନିକଟରେ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ କୋଇଲିରେ ପ୍ରସ୍ତୁତ ଜାଉ ଖାଇ ଗାଁର ଦୁଇଜଣ ମହିଳା ମୃତ୍ୟୁବରଣ କରିଥିବା ବେଳେ ଆହୁରି ଛଅଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଏହି ଘଟଣା ରାଜ୍ୟରେ ବିଶେଷକରି ଆଦିବାସୀବହୁଳ ଅଞ୍ଚଳଗୁଡ଼ିକରେ ଖାଦ୍ୟ ସୁରକ୍ଷାର ଭୟାବହ ସ୍ଥିତିକୁ ସାମନାକୁ ଆଣିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦିଗରେ କ୍ରମାଗତ ଭାବେ ସରକାରଙ୍କ ବିଫଳତାକୁ ପ୍ରମାଣିତ କରୁଛି।

ଭୋକ ବିକଳରେ ପିଲା ବିକ୍ରି ଓ ଆମ୍ବଟାକୁଆ କୋଇଲିରେ ପ୍ରସ୍ତୁତ ଖାଦ୍ୟକୁ ଖାଇ ମୃତ୍ୟୁବରଣ କରିବା ଏବଂ ସର୍ବୋପରି ଅନାହାର ମୃତ୍ୟୁପରି ଦୁଃଖଦାୟକ ଘଟଣା ଆମ ରାଜ୍ୟରେ ଆଦୌ ନୂଆ ନୁହେଁ। ଗତ ତିନି ଚାରି ଦଶକ ମଧ୍ୟରେ ଅବିଭକ୍ତ କୋରାପୁଟ, ଗଜପତି, କଳାହାଣ୍ଡି ଓ କନ୍ଧମାଳ ଜିଲାରେ ବିଶେଷକରି କାଶୀପୁର, ଥୁଆମୂଳ ରାମପୁର, ମୋହନା ଓ ଦାରିଙ୍ଗବାଡ଼ି ଆଦି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏଭଳି ଘଟଣା ବାରମ୍ବାର ପଦାକୁ ଆସିବା ସହ କିଛିଦିନ ପାଇଁ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଭଳି ଘଟଣା ଉନ୍ମୋଚିତ ହେଲେ ସରକାର ଓ ସରକାରୀ ଦଳ ପକ୍ଷରୁ ଚିରାଚରିତ ଭାବେ ଏହାକୁ ଘୋଡ଼େଇବା ପାଇଁ ଅଥବା ଅସ୍ୱୀକାର କରିବାକୁ ପ୍ରୟାସ କରାଯିବା ଦେଖିବାକୁ ମିଳିଥାଏ। ମାଣ୍ଡିପଙ୍କା ଘଟଣାରେ ବି ବର୍ତ୍ତମାନର ସରକାରଙ୍କ ଆଭିମୁଖ୍ୟ ପୂର୍ବ ସରକାରମାନଙ୍କ ଭଳି ଏକା ଜଣାପଡୁଛି। ଫଳରେ ଖାଦ୍ୟାଭାବଜନିତ ମୃତ୍ୟୁ ଘଟଣା ଗଣମାଧ୍ୟମରେ କିଛିଦିନ ଚର୍ଚ୍ଚା ପରେ ପ୍ରସଙ୍ଗଟି ଅନ୍ତରାଳକୁ ଚାଲିଯିବା ସହ କ୍ଷୁଧା ସମସ୍ୟା ସମାଧାନ ନ ହୋଇ ଅସମାହିତ ରହିଯାଉଛି।

ମାଣ୍ଡିପଙ୍କା ଘଟଣାରେ ରାଜ୍ୟ ସରକାର ଯେଉଁଭଳି ସମ୍ବେଦନଶୀଳତା ଦେଖାଇବା କଥା ତାହା ଦେଖାଇ ନାହାନ୍ତି। ବରଂ ଯେଉଁଭଳି ମନ୍ତବ୍ୟ ଦିଆଯାଉଛି, ତାହା ଅତ୍ୟନ୍ତ ଦାୟିତ୍ୱହୀନ ଓ ସମ୍ବେଦନହୀନ ମନେହୁଏ। ଆମ୍ବ ଟାକୁଆ ସେହି ଅଞ୍ଚଳର ଲୋକଙ୍କ ପାରମ୍ପରିକ ଖାଦ୍ୟ ବୋଲି କହି ଘଟଣାଟିକୁ ହାଲୁକା କରିବାକୁ ଚେଷ୍ଟା କରାଯାଇଛି। ଚିକିତ୍ସାଧିକାରୀ ଏହାକୁ ଖାଦ୍ୟାଭାବଜନିତ ମୃତ୍ୟୁ ବୋଲି ସ୍ୱୀକାର କରିଥିବା ବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆମ୍ବଟାକୁଆରୁ ନୁହେଁ ବରଂ ବିଷାକ୍ତ ଖାଦ୍ୟ ସେବନରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି ବୋଲି କହିଛନ୍ତି। ଉପରୋକ୍ତ ମନ୍ତବ୍ୟଗୁଡ଼ିକରୁ ସ୍ପଷ୍ଟ ଯେ ସରକାର ସମସ୍ୟାର ପ୍ରକୃତ କାରଣକୁ ସ୍ୱୀକାର କରିବା ପରିବର୍ତ୍ତେ ଲୁଚେଇବାକୁ ଚେଷ୍ଟା କରୁଛନ୍ତି।

ଏହା ସତ ଯେ ଆମ୍ବଟାକୁଆ କୋଇଲିରୁ ପ୍ରସ୍ତୁତ ଖାଦ୍ୟ କନ୍ଧମାଳ କିମ୍ବା ରାୟଗଡ଼ାର ଆଦିବାସୀମାନଙ୍କ ସ୍ୱାଭାବିକ ଖାଦ୍ୟ କଦାପି ନୁହେଁ। ସେମାନେ ଖାଦ୍ୟାଭାବଜନିତ ପରିସ୍ଥିତିରେ ପଡ଼ି ଏହାକୁ ଖାଇବାକୁ ବାଧ୍ୟ ହୋଇଥାନ୍ତି। ଏହାକୁ ପାରମ୍ପରିକ ଖାଦ୍ୟ ଓ ପୁଷ୍ଟିଦାୟକ ଖାଦ୍ୟ କହି ଏହା ସପକ୍ଷରେ ଯେଉଁମାନେ ଯୁକ୍ତି ଉପସ୍ଥାପନ କରୁଛନ୍ତି, ସେମାନେ ରାଜ୍ୟର ଖାଦ୍ୟାଭାବର ଶିକାର ଲକ୍ଷ ଲକ୍ଷ ଗରିବ ଲୋକଙ୍କ ଅସହାୟତାକୁ ପରିହାସ କରୁଛନ୍ତି ବୋଲି କୁହାଯିବ। ୨୦୦୧ରେ କାଶୀପୁରରେ ଆମ୍ବଟାକୁଆ ଖାଇ ୨୪ ଜଣ ମୃତ୍ୟୁବରଣ କରିବା ପରେ ତତ୍କାଳୀନ ମୁଖ୍ୟ ସଚିବ ସରକାରଙ୍କ ଦୋଷକୁ ଘୋଡ଼େଇବାକୁ ଯାଇ ଆମ୍ବ ଟାକୁଆରୁ ପ୍ରସ୍ତୁତ ଖାଦ୍ୟକୁ ପୁଷ୍ଟିକର ଖାଦ୍ୟ ବୋଲି କହି ଏ ସମ୍ପର୍କରେ ଏକ ଲେଖା ଖବରକାଗଜରେ ଲେଖି ସମାଲୋଚନାର ଶିକାର ହୋଇଥିଲେ। ଆଜି ମଧ୍ୟ ସରକାରରେ ଥିବା ଲୋକେ କ୍ଷୁଧାର ସ୍ଥିତିକୁ ସ୍ୱୀକାର କରିବା ପରିବର୍ତ୍ତେ ସେହିଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି। ଆମ୍ବଟାକୁଆରୁ ପ୍ରସ୍ତୁତ ଖାଦ୍ୟକୁ ଏକ ସ୍ୱାଭାବିକ ଖାଦ୍ୟ ନୁହେଁ ବରଂ ଦୁର୍ଭିକ୍ଷ ସମୟର ଖାଦ୍ୟ ବୋଲି କହିବା ଠିକ୍ ହେବ।



ମାଣ୍ଡିପଙ୍କା ଘଟଣାରୁ ଦେଶରେ ଏବଂ ବିଶେଷକରି ରାଜ୍ୟର ଆଦିବାସୀ ଅଞ୍ଚଳଗୁଡ଼ିକରେ କ୍ଷୁଧା ଓ ଖାଦ୍ୟ ଅସୁରକ୍ଷାର ଭୟଙ୍କର ସ୍ଥିତି ଜଳଜଳ ହୋଇ ଦିଶୁଛି। ଗତ କିଛି ବର୍ଷ ଧରି ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତରେ କ୍ଷୁଧାର ସ୍ଥିତି ଉଦ୍‌ବେଗଜନକ ଜଣାପଡ଼ିଛି। ଚଳିତ ବର୍ଷର ସୂଚକାଙ୍କରେ ମଧ୍ୟ କ୍ଷୁଧାର ଶିକାର ବିଶ୍ୱର ୧୨୭ଟି ଦେଶ ମଧ୍ୟରେ ଭାରତ ୧୦୫ ତମ ସ୍ଥାନରେ ରହିଛି। ସରକାର କିନ୍ତୁ ଉପରୋକ୍ତ ତଥ୍ୟକୁ ପୂରାପୂରି ଖାରଜ କରି ଆସିଛନ୍ତି। ଯଦି ଦେଶରେ ଆଦୌ କ୍ଷୁଧାର ସ୍ଥିତି ନାହିଁ ବୋଲି ସରକାର ଦାବି କରୁଛନ୍ତି, ତା'ହେଲେ ୮୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ପ୍ରତିମାସରେ ମୁଣ୍ଡପିଛା ମାଗଣା ୫ କିଲୋ ଚାଉଳ ଦେବାକୁ ପଡୁଛି କାହିଁକି?

କନ୍ଧମାଳ ଓ ରାୟଗଡ଼ା ପରି ଜିଲାଗୁଡ଼ିକରେ ଆଦିବାସୀ ଲୋକଙ୍କ ପାଖରେ ନିଜର ଆବଶ୍ୟକ ଖାଦ୍ୟ ଉତ୍ପାଦନ ପାଇଁ ଯଥେଷ୍ଟ ଚାଷଜମି ନ ଥିବାରୁ ଏବଂ ଯାହା ବି ଚାଷଜମି ରହିଛି ତାହା ଏତେ ଉତ୍ପାଦନକ୍ଷମ ନ ଥିବାରୁ ସେମାନେ ବର୍ଷର ଅଳ୍ପକିଛି ମାସ ହିଁ ଚାଉଳ ବା ମାଣ୍ଡିଆ ଖାଇବାକୁ ପାଇଥାନ୍ତି। ବର୍ଷର ବଳକା ସମୟ ସେମାନେ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ କନ୍ଦା, ଜହ୍ନା, କାଙ୍ଗୁ, ସୁଆଁ ଏପରିକି ଅନେକ ସମୟରେ ଆମ୍ବଟାକୁଆ ଓ ସଲପ ଗଛର ମଞ୍ଜିରୁ ପ୍ରସ୍ତୁତ ଖାଦ୍ୟକୁ ଖାଇବାକୁ ବାଧ୍ୟ ହୋଇଥାନ୍ତି। ଖାଦ୍ୟ ସୁରକ୍ଷା ଆଇନ ପରେ ସେମାନଙ୍କୁ ମାସିକ ଯେଉଁ ୫ କିଲୋ ଚାଉଳ ସରକାରଙ୍କ ତରଫରୁ ଦିଆଯାଉଛି, ତାହା ସେମାନଙ୍କ ଖାଦ୍ୟାଭାବକୁ କିଛି ପରିମାଣରେ ଦୂର କରୁଥିଲେ ବି ସମ୍ପୂର୍ଣ୍ଣ ଖାଦ୍ୟ ସୁରକ୍ଷା ଦେବାକୁ ସକ୍ଷମ ନୁହେଁ। କାରଣ ସରକାରଙ୍କ ଆଇସିଏମ୍‌ଆର୍ ସଂସ୍ଥାର ନିର୍ଦ୍ଧାରଣ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତିକୁ ବଞ୍ଚିବା ପାଇଁ ମାସିକ ସର୍ବନିମ୍ନ ହାରାହାରି ୧୬.୫ କିଲୋ ଖାଦ୍ୟଶସ୍ୟ ଦରକାର ପଡୁଥିବା ବେଳେ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ୫ କିଲୋ ଚାଉଳ ଦେଉଛନ୍ତି। ଏପରିକି ଚାଉଳକୁ ଛାଡ଼ିଦେଲେ ସେମାନଙ୍କ ଖାଦ୍ୟରେ ଡାଲି, ତେଲ, ପନିପରିବା ଆଦି ପୁଷ୍ଟିକର ଖାଦ୍ୟ ନାହିଁ। ଫଳରେ ସେ ଅଞ୍ଚଳର ଅଧିକାଂଶ ଲୋକ ପୁଷ୍ଟିହୀନତା ଓ ରକ୍ତହୀନତାର ଶିକାର ହୁଅନ୍ତି।

ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ପ୍ରାୟ ୩.୩୬ କୋଟି ଲୋକ ଖାଦ୍ୟଶସ୍ୟ ପାଉଛନ୍ତି। ସେମାନଙ୍କୁ ଛାଡ଼ିଦେଲେ ରାଜ୍ୟର ଆହୁରି ଲକ୍ଷ ଲକ୍ଷ ଗରିବ ଲୋକ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି ବାଦ୍ ପଡ଼ିଥିବା ଲୋକଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ବଦଳରେ ତାଲିକାରେ ଥିବା ଲୋକଙ୍କୁ ବିଭିନ୍ନ ଆଳରେ ବାଦ୍ ଦେବାକୁ ଅଧିକ ତତ୍ପରତା ଦେଖାଇଛନ୍ତି। ଆଧାର କେୱାଇସି ଯାଞ୍ଚ ନାଁରେ ମାସ ମାସ ଧରି ମାଣ୍ଡିପଙ୍କା ଗ୍ରାମବାସୀଙ୍କ ସମେତ ରାଜ୍ୟର ଲକ୍ଷ ଲକ୍ଷ ଭୋକିଲା ଲୋକଙ୍କୁ ପ୍ରତିମାସରେ ନିୟମିତ ଚାଉଳ ପାଇବାରୁ ବଞ୍ଚିତ କରାଯାଇଛି। ସରକାର ମାଣ୍ଡିପଙ୍କାରେ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାଶନ ଚାଉଳକୁ ତିନିମାସ ଧରି ବନ୍ଦ କରିବା ପରେ ନଭେମ୍ବର ୨ରେ ପ୍ରଦାନ କରିଛନ୍ତି। ଆଜି ରାଜ୍ୟର ୪୦ ଲକ୍ଷ ପରିବାର ଅକ୍ଟୋବର ମାସର ଚାଉଳ ପାଇ ନ ଥିବା ସରକାର ସ୍ୱୀକାର କରିଛନ୍ତି।

ଗ୍ରାମାଞ୍ଚଳରେ ଗରିବ ଲୋକଙ୍କୁ କାମ ଯୋଗାଇବାର ଏକମାତ୍ର ସରକାରୀ ଯୋଜନା ରୂପେ ରହିଆସିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଠିକ୍ ରୂପେ ଲାଗୁ ନ କରିବା ଫଳରେ ଲୋକଙ୍କ ଆର୍ଥିକ ସ୍ଥିତି ପ୍ରଭାବିତ ହୋଇଛି। କିନ୍ତୁ ପରିତାପର ବିଷୟ, ସରକାର ଏହି ଯୋଜନାରେ ପଞ୍ଜୀକୃତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଯାନ୍ତ୍ରିକ କାରଣ (କେୱାଇସି) ଦର୍ଶାଇ ଚଳିତ ବର୍ଷ ବାଦ୍ ଦେଇଛନ୍ତି। ଏହାସହ ଜବ୍‌କାର୍ଡଧାରୀ ଶ୍ରମିକଙ୍କୁ ବାର୍ଷିକ ୧୦୦ ଦିନ କାମ ଯୋଗାଇବା ବଦଳରେ ଚଳିତ ବର୍ଷ ସେଥିରେ ୪୯.୭% ହ୍ରାସ କରିଛନ୍ତି। ଏହାର ଫଳସ୍ୱରୂପ କନ୍ଧମାଳ ପରି କୃଷି ଉତ୍ପାଦନରେ ପଛୁଆ ଅଞ୍ଚଳରେ ଲୋକଙ୍କ ରୋଜଗାର ହ୍ରାସ ପାଇ ସେମାନଙ୍କ ଖାଦ୍ୟପଦାର୍ଥକୁ କିଣିବାର କ୍ଷମତାକୁ ଅନେକ ପରିମାଣରେ ହ୍ରାସ କରିଛି। ଉପରୋକ୍ତ ସମସ୍ତ କାରଣର ସାମୂହିକ ପ୍ରଭାବ ହିଁ ଆଜି ସେ ଅଞ୍ଚଳରେ କ୍ଷୁଧାର ସ୍ଥିତିକୁ ଉଦ୍‌ବେଗଜନକ କରିଛି।

ରାଜ୍ୟର ଗ୍ରାମାଞ୍ଚଳ ବିଶେଷ କରି ଭୟଙ୍କର ଦାରିଦ୍ର୍ୟ ଥିବା ଆଦିବାସୀ ଅଞ୍ଚଳଗୁଡ଼ିକରେ ଖାଦ୍ୟ ସୁରକ୍ଷାକୁ କେବଳ ୫ କିଲୋ ରାଶନ ଭରସାରେ ଛାଡ଼ି ନ ଦେଇ ସେମାନଙ୍କ ଦାରିଦ୍ର୍ୟ ଓ ଖାଦ୍ୟାଭାବକୁ ଦୂର କରିବାକୁ ଦୀର୍ଘମିଆଦି ନୀତିଗତ ପଦକ୍ଷେପ ନେବା ଜରୁରୀ। ସେ ଅଞ୍ଚଳରେ ଦିଆଯାଉଥିବା ରାଶନର ପରିମାଣକୁ ମାସିକ ସର୍ବନିମ୍ନ ୧୫ କିଲୋକୁ ବଢ଼ାଇବା ସହ ଡାଲି, ଖାଇବା ତେଲ ଓ ଅଣ୍ଡା ଯୋଗାଇବାର ମଧ୍ୟ ବ୍ୟବସ୍ଥା କରନ୍ତୁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ସେ ଅଞ୍ଚଳରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରି ଲୋକଙ୍କ ଆୟକୁ ବଢ଼ାଇବାକୁ ଉଦ୍ୟମ କରନ୍ତୁ। ଜଳସେଚନର ବ୍ୟବସ୍ଥା କରି ଲୋକଙ୍କ କୃଷି ଉତ୍ପାଦନକୁ ବଢ଼ାନ୍ତୁ।

ମୋ: ୯୪୩୭୧୬୭୩୯୧

# ଆଗଧାଡ଼ିର ମଣିଷ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ବୋଇଲା ଆମ ଜୀବନଜାତକରେ କେବେ ପଛୁଆ ନୁହଁ। ସବୁଠି ସବୁ ସମୟରେ ଆମେ ଆଗୁଆ। ଆଗ ଚାଲି, ଆଗ ବସିବା, ଆଗ ହସିବା, ଆଗ ଖାଇବା ସବୁଥିରେ ଆଗରେ। ଏବେ କିଆଁ ପଛୁଆ ହେବୁ। କିଛି ମିଳୁ ନ ମିଳୁ ଆମେ ଆଗରେ ହିଁ ରହିବୁ। ଏତକ କହିଦେଲା ପରେ ଗାଁର କୁଜିନେତା ସନାତନ ଟିକେ ଥୟଧରି ବସିଲା। କାଳିଆ ଚା' ଦୋକାନୀଠୁ ଗୋଟେ ଚା' ବରାଦ କଲା। ପୁଣି ଗପିଲା। ଆଗଧାଡ଼ିର ମଣିଷ ହେବା କେତେ କଷ୍ଟ ବୁଝିଲେ ଭାଇ! ପରିଶ୍ରମ ନ କଲେ ଏତକ ଭାଗ୍ୟରେ ଜୁଟେନି। ଲୋକେ ଚିହ୍ନିଲେ ତ ବାଟ ଛାଡ଼ିବେ। ଲୋକଙ୍କ ସେବା କରିଆସିଥିବାରୁ ଏତକ ଭାଗ୍ୟରେ ଜୁଟିଛି। ସମାଜର ସବା ଶେଷଧାଡ଼ିର ଲୋକଙ୍କୁ ଠେଲିପେଲି ଆଗକୁ ନେବାକୁ କାମ କରୁଛି। କାହାର ପେନ୍‌ସନ, କାହାର ଘରଠୁ ଆରମ୍ଭକରି ରାସ୍ତାଘାଟ ନିର୍ମାଣ, ସବୁରି ସୁଖଦୁଃଖରେ ଏଇ ସନାତନ ଏକା ଭରସା। ଅଞ୍ଚଳରେ କାହା ହାତରେ ପଇସା ନାହିଁ ବୋଇଲେ ସନାତନ ଘର ଆଗରେ ଉଭା। ବନ୍ଧକ ରଖି ପଛେ ଆଜିକାଲି କିଏ ବିଶ୍ୱାସରେ ମୁର୍ଚ୍ଛି ପଇସାଗଣ୍ଡାକ ପର ହାତକୁ ବଢ଼େଇବ। ସେତକ ଆସିବ ବୋଲି କି ଗ୍ୟାରେଣ୍ଟି ଅଛି! କଳବଳ କୌଶଳରେ, ଧନରେ ଲୋକଙ୍କୁ ସେବା ଯୋଗାଉଛି ବୋଲି ଲୋକେ ମାନୁଛନ୍ତି। ଅଫିସ୍, ମନ୍ଦିର, ସଭାସମିତି ସବୁଠି ଆଗ ବାଟ ମିଳୁଛି। ଆଗଧାଡ଼ିର ଚଉକି ପାଇପାରୁଛି। ସନାତନ ଅଞ୍ଚଳର କୁଜିନେତା। ଠିକାକାମ କରେ। ଯାବତୀୟ ତାରଣ ମାରଣ କାମରେ ମୁଣ୍ଡ ପୂରାଏ। ପାଣିପାଗ ଦେଖି ଛତା ବୁଲାଏ। ଯେଉଁଆଡ଼େ ବର୍ଷା ସେଦିଗରେ ଛତା ପାରି ନିଜକୁ ସୁରକ୍ଷିତ ରଖିବାରେ ଓସ୍ତାଦ୍ ସେ। ଭୋଟ ବେଳେ ଭୋଟରଙ୍କ ମଙ୍ଗ ଧରି ବୁଲେଇବା, ମିଟିଂ ବେଳେ ଲୋକ ଯୋଗାଡ଼ କରି ପଠେଇବା କାମ କରେ ସନାତନ। ମାଳ ଅଞ୍ଚଳରେ ଏମିତି ଯୋଗାଡ଼ିଆ ଗୋଟେ ଯୋଡ଼େ ଥିଲେ ନେତାଙ୍କ କଢେ ପୁଅ ବାର୍। ଅଫିସରମାନେ ବି ଶାନ୍ତି। ଜଣଙ୍କୁ ଧରିଦେଲେ ପଣେ ଶାନ୍ତି। ସୁରୁଖୁରୁରେ କାମ କରିହେବ। ସନାତନ ନିଜ ପାଇଁ ନିଜେ ବାହାଦୁରି ମାରେ। ହଲପ୍ କରି ଆଗରେ ରହି କାମ କରେ। ସନାତନ ଏ ମାଳ ଅଞ୍ଚଳର ଆଗଧାଡ଼ିର ମଣିଷ। ପକ୍କାଘର, ଗାଡ଼ିମୋଟର, ଜମିଜମା ବନ୍ଦୋବସ୍ତ କରି ଜମାଣିଆ ହୋଇ ଆସ୍ଥାନ ଜମେଇପାରିଛି।

ସମାଜର ଆଗଧାଡ଼ିର ମଣିଷଙ୍କ କାଳେ ଗୋଟେ ବଡ଼ ଇଜ୍ଜତ ଥାଏ। ଲୋକ ଦେଖିଲେ ବାଟ ଛାଡ଼ନ୍ତି। ପୋଲିସ ଅଫିସର ଗୁରୁତ୍ୱ ଦିଅନ୍ତି। ଆଗଧାଡ଼ିର ମଣିଷ ହେବା ସହଜ ନୁହଁ। କିନ୍ତୁ ଆଗଧାଡ଼ିର ମଣିଷ ହେଲାପରେ ନିଜକୁ ସହଜ କରିବା ସେତେ ସହଜ ନୁହଁ। ନିଜର ଇଚ୍ଛା ଆକାଂକ୍ଷାକୁ ମାରିବାକୁ ପଡ଼େ। ସମସ୍ତଙ୍କ ନିକଟରେ ଭଲ ଅଭିନୟ କରିବାକୁ ପଡ଼େ। ସେଥିରେ ତା'ର ସଙ୍କୋଚ ନାହିଁ। କିନ୍ତୁ ଆଗଧାଡ଼ିର ମଣିଷ ସେତିକି କରିପାରେନା। ତା'ରି ଉପରେ ସମସ୍ତଙ୍କ ନଜର ଥାଏ। ଆଚରଣ ଓ ଉଚ୍ଚାରଣରେ ଟିକିଏ ଏପଟସେପଟ ହୋଇଗଲେ ତେଣିକି ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବା ଥୟ। ତା' ପରଠାରୁ ଆଗଧାଡ଼ିର ମଣିଷ ଘରୁ ବାହାରିବା ମୁସ୍କିଲ ହୋଇଯାଏ। ଆଗଧାଡ଼ିର ମଣିଷଙ୍କ ସବୁ ଥାଇ ବି ପରାଧୀନ। ନିଜ ଇଚ୍ଛାରେ କାମ କରିବାର ସୁଯୋଗ କମ୍। ସାଧାରଣ ଭାବେ କୋଉଠିକୁ ଯିବା, କାହା ସହ ମିଶିବା କିମ୍ବା ଫୁର୍ତ୍ତିରେ ନିଜର ଖୁସିକୁ ମନେଇବା ଆଦି କରିବା ବଡ଼ ବିଷମବ୍ୟାପାର। ଆଗଧାଡ଼ିର ମଣିଷଙ୍କ ନିତିଦିନିଆ କାମ ସବୁକିଛି ପ୍ରାୟୋଜିତ ଓ ପୂର୍ବପ୍ରସ୍ତୁତ। ସହଯୋଗୀମାନେ ଯାହା ଯେମିତି କହିବେ ବଡ଼ବଡ଼ିଆମାନେ ସେମିତି କରିବାକୁ ଏକପ୍ରକାର ବାଧ୍ୟ। ଏକଥା ସତ, ସେମାନେ ପ୍ରାଚୁର୍ଯ୍ୟ ଭିତରେ ଅନେକ କିଛି ଭୋଗ କରିବାର ସୁଯୋଗ ଥାଏ। କିନ୍ତୁ ଜୀବନରେ ବେଶି ଭୋଗିବାର ସମ୍ଭାବନା ଥାଏ। ସମୟ କଡ଼ ଲେଉଟିଲେ ବଡ଼ବଡ଼ିଆଙ୍କ ଅବସ୍ଥା ଅତି କଦର୍ଯ୍ୟ ହୋଇଯାଏ। 'ବଡ଼ ଘର ବଡ଼ ଗୁମର କଥା' ବୋଲି ଯାହା କୁହାଯାଏ ସେଇ ଗୁମର ଭିତରେ ଶଢ଼ି ଶଢ଼ି ବଞ୍ଚିବାକୁ ହୁଏ। ସେଥିରୁ ମୁକୁଳିବା ବହୁତ କଷ୍ଟକର ହୋଇପଡ଼େ। ରାଜନେତା, ବଡ଼ ବଡ଼ ଶିଳ୍ପପତି, ଫିଲ୍ମ ଷ୍ଟାର, ଖେଳାଳିଠାରୁ ବଡ଼ ବଡ଼ ଅଧିକାରୀମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜର ସବୁ ଦୁଃଖକୁ ନିଜ ଭିତରେ ଚାପି ସାଇତି ରଖିବାକୁ ପଡ଼େ। ତା'ର ପ୍ରକାଶ୍ୟ ଏକ ବୋମା ସଦୃଶ। ବହୁତ କିଛି ଘଟିଯାଇପାରେ। ବଡ଼ବଡ଼ିଆଙ୍କ ବହୁତ ଦୁଃଖ।



ଜ୍ଞାନ ବାଣ୍ଟି ବାଣ୍ଟି ନିଃସ୍ୱ ହୋଇଥିବା ଦିଶାବାବୁ ବଡ଼ବଡ଼ିଆଙ୍କ ଏଇ ମରମ କଥାଟିକୁ ବୁଝାଇବା ଲାଗି ସୁରୁଡ଼ାଏ ଚା' ପିଉ ପିଉ ସନାତନ ଉଦ୍ଦେଶ୍ୟରେ କହିଲେ– 'ହଇରେ ସନା! ଯେ ଯୋଉ ଟାଉଟରି କରି ମାରି ଖାଇ ସମ୍ପାଦୁଛୁ। କ'ଣ ମିଳୁଛି। ତୋ ପାଖରେ ଶାନ୍ତି ଟିକିଏ ଅଛି ତ!' ସନା କହିଲା– 'ବାପଧନ! ତୁ କି ଲେଖାଲେଖି କରୁଛୁ କେଜାଣି। ଏତିକି ଜାଣିପାରିଲୁନି। ନେଇ ଆଣି ଥୋଇ ଜାଣିଲେ ଚୋର ବିଦ୍ୟା ସାର। ତା'ପରେ ଯେଉଁଠି ଶାନ୍ତି ଥିବ ସେଠି ଲକ୍ଷ୍ମୀ ନ ଥିବେ। ଯେଉଁଠି ଅହରହ ଲକ୍ଷ୍ମୀକୁ ଖୋଜିବୁ ସେଠି ତୁ କ'ଣ ଶାନ୍ତିରେ ରହିପାରିବୁ। ଶାନ୍ତିରେ ରହି ନ ପାରିଲେ ଆଗଧାଡ଼ିର ମଣିଷଗୁଡ଼ାକ କ'ଣ ନିଜର ପ୍ରକୃତି ଛାଡୁଛନ୍ତି। ଶାନ୍ତି ନ ଥାଉ ପଛେ ସେଇ ସେଇ ଗୋଲକଧନ୍ଦା ଭିତରେ ମୁଣ୍ଡ ପୂରାଉଛନ୍ତି। ସେଥିରୁ କାଣିଚାଏ ତ ଆମେ ଶିଖିବାକୁ ହେବ। ନ ହେଲେ ଆଗଧାଡ଼ିର ମଣିଷ ହେବ କେମିତି?' ସନାର ତତ୍ତ୍ୱବାଣୀ ଶୁଣିବା ପରେ ଲାଗିଲା ଆଗଧାଡ଼ିର ମଣିଷମାନେ କେଡ଼େ ଅସହାୟ। ଶାନ୍ତିରେ ବଞ୍ଚିବାକୁ କେତେ ସଂଗ୍ରାମ କରୁଛନ୍ତି। ପୃଥିବୀଟା ସାରା ଶାନ୍ତି ଖୋଜିଲାବେଳେ ଆଗଧାଡ଼ିର ମଣିଷମାନଙ୍କ ପ୍ରଥମ ପସନ୍ଦ ଗୋଳିପାଣି। ନିଜେ ଘାଣ୍ଟିଚକଟି ହୋଇ ଅନ୍ୟକୁ ଘାଣ୍ଟୁଥିଲେ ଏମାନଙ୍କ ମନ ଶାନ୍ତି। ଏସବୁ ନ କହି ଖାଲି ସନାକୁ ପଚାରିଲି– 'ସନା ତୋ ମୁଣ୍ଡର ମାଡ଼ କେମିତି ଅଛି। ଭଲ ହୋଇଗଲା ତ! ଏତେ ଚାଲାକ୍ ହୋଇ କେମିତି ପୋଲିସର ଲାଠିମାଡ଼ ଖାଇଲୁ। ଗଣ୍ଡଗୋଳରେ ପଛରେ, ଭୋଜିରେ ଆଗରେ। ଏଇ ମରମ କଥାକୁ ଭୁଲିଗଲୁ କେମିତି।' ସନା କହିଲା– 'ଭାଇ! ଓଲଟା କହୁଛ ତୁମେ। ଆନ୍ଦୋଳନରେ ଆଗରେ ରହି ଲାଠିମାଡ଼ ଓ ଜେଲ ଯିବାକୁ ହେବ। ଭୋଜିରେ ସମସ୍ତଙ୍କୁ ଖୁଆଇ ନିଜେ ପଛେ ଖାଇବ। ତେବେ ଯାଇ ଆଗଧାଡ଼ିର ମଣିଷ ହୋଇପାରିବ। ତେଣିକି ଯାହାସବୁ ହୋଇପାରିବ ସେକଥା ଆଉ କୁହାଯାଇପାରିବନି। ସେଇଟା ଟପ୍ ସିକ୍ରେଟ୍!' ଏତକ ଶୁଣିବା ପରେ ଦିଶାବାବୁଙ୍କ ଭିତରୁ ପ୍ରବଳ କାଶ ଉଠେଇଲା।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ମୋବାଇଲ ମାୟାରେ ଏବେ ସାରା ଦୁନିଆ। ଫୋନ୍ ପାଇଁ କେତେବେଳେ ସମ୍ପର୍କ ଭାଙ୍ଗିଯାଉଛି ତ କେବେ ଜୀବନ ମଧ୍ୟ ଚାଲିଯାଉଛି। ଏମିତି କି ପତିପତ୍ନୀଙ୍କ ମଧ୍ୟରେ ଏଥିପାଇଁ ଝଗଡ଼ା ହୋଇ ଛାଡ଼ପତ୍ର ଦିଆନିଆ ଯାଏ ବି କଥା ପହଞ୍ଚିଯାଉଛି। ଠିକ୍ ଏମିତି ଘଟଣାଟିଏ ଘଟିଛି ଉତ୍ତରପ୍ରଦେଶର ଆଗ୍ରାରେ। ଏଠାରେ ଏକ ପରିବାର ଅଦାଲତରେ ଏଭଳି ଏକ ମାମଲା ପହଞ୍ଚିଛି। ସୂଚନା ଅନୁସାରେ ଏକ ଦମ୍ପତିଙ୍କ ମଧ୍ୟରେ ଆଇଫୋନ୍‌କୁ ନେଇ ଝଗଡ଼ା ହେବାରୁ ଉଭୟଙ୍କ ମଧ୍ୟରେ ଏବେ ବିଚ୍ଛେଦ ହେବାଯାଏ କଥାଯାଇଛି। ୮ ମାସ ତଳେ ଏହି ଦମ୍ପତିଙ୍କର ବିବାହ ହୋଇଥିଲା। ବିବାହର ୫ ମାସ ପରେ ପତ୍ନୀ ଏକ ଆଇଫୋନ୍ ଦେବାକୁ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ମାତ୍ର ଆଇଫୋନ୍ ଦେଇହେବନି ଓ ଯେଉଁ ଫୋନ୍ ଅଛି ସେଥିରେ କାମ ଚଳାଇବାକୁ କହି ତାଙ୍କ ସ୍ୱାମୀ କଥା ଟାଳି ଦେଇଥିଲେ। ଆଇଫୋନ୍ ନ ଦେବାରୁ ସ୍ୱାମୀଙ୍କ ସହିତ ଝଗଡ଼ା କରି ବାପଘରକୁ ଚାଲିଯାଇଥିଲେ। ଏହାପରେ ସ୍ୱାମୀଙ୍କ ନାମରେ ପରିବାର ଅଦାଲତରେ ଅଭିଯୋଗ ବି କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ନଭେମ୍ବର ୧୯୭୫

- ପାପୁଆ ନିଉ ଗିନିରେ ଇନ୍‌ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହୋଇ ୭୦୦ ବ୍ୟକ୍ତିଙ୍କ ପ୍ରାଣହାନି।
- ଭାରତୀୟ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ତାଞ୍ଜାନିଆର ସଙ୍ଗସଙ୍ଗ ଦ୍ୱୀପ ଉପକୂଳରେ ତୈଳ ସନ୍ଧାନ କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ।

(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 2 | | | | | | 7 |
| | 8 | | | 3 | 2 | | | |
| 5 | | | | | 7 | | | |
| | 5 | 1 | | 4 | | | 8 | |
| 8 | | | | | | | | |
| 4 | | | 5 | 9 | | 3 | | |
| 7 | | | | 6 | | | 3 | 1 |
| | 6 | | | | 9 | 2 | | |
| | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 7 | 1 | 4 | 8 | 5 | 9 |
| 5 | 7 | 8 | 3 | 9 | 2 | 1 | 6 | 4 |
| 1 | 9 | 4 | 6 | 8 | 5 | 7 | 2 | 3 |
| 4 | 8 | 7 | 1 | 2 | 9 | 5 | 3 | 6 |
| 6 | 2 | 1 | 8 | 5 | 3 | 9 | 4 | 7 |
| 3 | 5 | 9 | 4 | 7 | 6 | 2 | 8 | 1 |
| 8 | 1 | 3 | 2 | 6 | 7 | 4 | 9 | 5 |
| 9 | 4 | 2 | 5 | 3 | 1 | 6 | 7 | 8 |
| 7 | 6 | 5 | 9 | 4 | 8 | 3 | 1 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆଦିବାସୀ ପ୍ରମାଣପତ୍ର ପାଇବାରେ ବିଳମ୍ବ

ମହାଶୟ,

ଓଡ଼ିଶାରେ ମିର୍ଦ୍ଧା ଏକ ସର୍ବପୁରାତନ ଆଦିମ ଆଦିବାସୀ ଜାତି। ଏମାନଙ୍କର ସ୍ୱତନ୍ତ୍ର ଭାଷା ଅଛି। ସ୍ଥଳବିଶେଷରେ ଏମାନେ କୁଡ଼ା, କୋଡ଼ା, କିଷାନ, କୁଣହୁ/କୁଣହା ମିର୍ଦ୍ଧା ଭାବେ ଜଣାଶୁଣା। ଓଡ଼ିଶା ଆଦିବାସୀ ତାଲିକାରେ ଏମାନେ କ୍ର. ନଂ.–୪୯ରେ ମିର୍ଦ୍ଧାସରେ ଅନ୍ତର୍ଭୁକ୍ତ। ଏମାନଙ୍କ ଜମି ପଟ୍ଟାରେ ମିର୍ଦ୍ଧା ଉଲ୍ଲେଖ ଥିବାରୁ ଜାତି ପ୍ରମାଣପତ୍ର ପାଇପାରୁନାହାନ୍ତି। ଏ ବିଷୟରେ ବିଭିନ୍ନ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତ୍ରୁଟି ସଂଶୋଧନ ହୋଇ ପାରୁନାହିଁ। ଜନ ସୂଚନା ଅଧିକାରରୁ ପ୍ରାପ୍ତ ତଥ୍ୟ ଅନୁସାରେ ଓଡ଼ିଶାରେ ମିର୍ଦ୍ଧାସ ବୋଲି କୌଣସି ଜାତି ନାହିଁ। ଏ ବିଷୟରେ ସରକାରଙ୍କ ନିକଟରେ ୨୦୧୭ରେ ସମସ୍ତ ତଥ୍ୟ ସହ ଆବେଦନ କରିଥିଲୁ। କିନ୍ତୁ ତା ୧୧।୦୭।୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକରେ ସଂଶୋଧନ ପାଇଁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ବର୍ଷେ ବିତି ଯାଇଥିଲେ ମଧ୍ୟ ସରକାର ସଂଶୋଧନ ପାଇଁ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ସରକାରଙ୍କୁ ଅନୁରୋଧ, ଶୀଘ୍ର ଗେଜେଟ ପ୍ରକାଶ କରି ଜାତି ପ୍ରମାଣପତ୍ର ପାଇବାର ବ୍ୟବସ୍ଥା କରନ୍ତୁ।

– ଗୋବିନ୍ଦ ପଧାନ
ମିର୍ଦ୍ଧାପଡ଼ା, ଲୋଇସିଂହା, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତହସିଲ କାର୍ଯ୍ୟାଳୟ, ଜଗତସିଂହପୁର

## ଜିଲ୍ଲା-ଜଗତସିଂହପୁର

ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ), ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ (ଜାତୀୟ ରାଜପଥ-୫୫), ଜଗତସିଂହପୁର, ଜିଲ୍ଲା-ଜଗତସିଂହପୁର

## ସର୍ବସାଧାରଣ ନୋଟିସ୍

रजिस्ट्री सं. डी.एल.- 33004/99 REGD. No. D. L.-33004/99

**भारत का राजपत्र**
**The Gazette of India**

**ଅସାଧାରଣ**
**EXTRAORDINARY**

**ଭାଗ II-ଖଣ୍ଡ ୩ ଉପ ବିଭାଗ (II)**
**PART II- SECTION 3-SUB-SECTION(II)**

**ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ**
**PUBLISHED BY AUTHORITY**

ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ / ଭାଦ୍ରବ 27, 1946
NEW DELHI, WEDNESDAY, SEPTEMBER 18, 2024 / BHADRAB 27, 1946

## ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ

### ବିଜ୍ଞପ୍ତି

ନୂଆଦିଲ୍ଲୀ, ତା. ୧୮ ସେପ୍ଟେମ୍ବର, ୨୦୨୪

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡକ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଓଡ଼ିଶା ରାଜ୍ୟର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଜଗତସିଂହପୁର ତହସିଲର ଜାତୀୟ ରାଜପଥର ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନଂ. ଆଇନର ଧାରା ୩ (କ)ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ. S.O. 3975(E) ତା. ୧୮.୯.୨୦୨୪ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି। ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ, ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶି (୨୧) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହା ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଭୂଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଜାତୀୟ ରାଜପଥ-୫୫, ତହସିଲ-ଜଗତସିଂହପୁର, ଜିଲ୍ଲା- ଜଗତସିଂହପୁର କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନର ଧାରା ୩ (ଗ) ଉପଧାରା (୧) ଅନୁସାରେ ଆପତି ଦାଏର କରିପାରିବେ। ଏ ସଂପର୍କରେ ଧାରା-୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ବୃତାନ୍ତ ବିବେଚିତ ହେବ।

କଥିତ ଅଧିନିୟମର ବିଭାଗ ୩(ଗ)ର ଉପଧାରା (୨) ଅଧିନରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା କୌଣସି ଆଦେଶ ବୃତାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଷଦ ବିବରଣୀ ଭୂଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ ଜାତୀୟ ରାଜପଥ-୫୫, ତହସିଲ-ଜଗତସିଂହପୁର, ଜିଲ୍ଲା-ଜଗତସିଂହପୁର କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି।

ସ୍ୱା/- ଭୂଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ,
ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ-୫୫), ଜଗତସିଂହପୁର, ଜିଲ୍ଲା-ଜଗତସିଂହପୁର

### ଜମିର ବିବରଣୀ

ଜଗତସିଂହପୁର ଜିଲ୍ଲା, ଜଗତସିଂହପୁର ତହସିଲର କି.ମି. ୨୯୬.୧୩ ଠାରୁ କିମି. ୩୧୧.୦୭ (ସା-ଛତର, ତହସିଲ / ଜିଲ୍ଲା- ଜଗତସିଂହପୁର) ରେ ବିସ୍ତାରିତ ଜମି ଉପରେ ଆସୁଥିବା ଏନ୍‌ଏଚ୍-୫୫ର ନିର୍ମାଣ ସହ କିମ୍ବା ବିନା ନିର୍ମାଣରେ ଅଧିଗୃହୀତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିରବଣୀ।

ରାଜ୍ୟ : ଓଡ଼ିଶା    ଜିଲ୍ଲା : ଜଗତସିଂହପୁର

| କ୍ର.ନଂ | ସର୍ଭେ /ପ୍ଲଟ ନମ୍ବର | ଜମିର ପ୍ରକାର | ଜମିର ରକବା | ଏରିଆ (ସ୍ଥାନୀୟ ୟୁନିଟ୍‌ରେ) | ଏରିଆ (ହେକ୍ଟରରେ) |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ତହସିଲ : ଜଗତସିଂହପୁର | | | | | |
| ଗ୍ରାମ: ସିଙ୍ଗାରପୁର | | | | | |
| ୧ | ୨୪୧୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୩୧ (ହେକ୍ଟର) | ୦.୦୧୩୧ |
| ୨ | ୨୪୧୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୩ | ୨୪୧୬/୩୭୩୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୪ | ୨୪୧୭ | ବେସରକାରୀ (ଚାଷଜମି) | ବିଆଳି ଦୋଫସଲି | ୦.୦୩୬୫ (ହେକ୍ଟର) | ୦.୦୩୬୫ |
| ୫ | ୨୪୪୦/୪୩୩୫ | ବେସରକାରୀ (ଚାଷଜମି) | ବିଆଳି ଦୋଫସଲି | ୦.୦୨୯୨ (ହେକ୍ଟର) | ୦.୦୨୯୨ |
| ୬ | ୨୪୪୧/୪୩୩୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଏକ | ୦.୦୦୪ (ହେକ୍ଟର) | ୦.୦୦୪ |
| ୭ | ୨୪୪୨/୪୩୩୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଏକ | ୦.୦୧୪୬ (ହେକ୍ଟର) | ୦.୦୧୪୬ |
| ୮ | ୨୮୯୩ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୨୬୬ (ହେକ୍ଟର) | ୦.୦୨୬୬ |
| ୯ | ୨୯୦୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୧୦ | ୨୯୦୬/୩୮୮୫ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୬୪ (ହେକ୍ଟର) | ୦.୦୦୬୪ |
| ୧୧ | ୨୯୦୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୨ | ୨୯୦୮ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୫ (ହେକ୍ଟର) | ୦.୦୦୫ |
| ୧୩ | ୨୯୦୯ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୨୪୩ (ହେକ୍ଟର) | ୦.୦୨୪୩ |
| ୧୪ | ୨୯୦୯/୪୦୬୫ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୧୫ | ୨୯୧୧ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୧୬ | ୨୯୧୨ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୭ | ୨୯୧୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୮୫ (ହେକ୍ଟର) | ୦.୦୦୮୫ |
| ୧୮ | ୨୯୧୭ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୦୮ (ହେକ୍ଟର) | ୦.୦୦୮ |
| ୧୯ | ୨୯୩୭ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୨୦ | ୨୯୩୭/୩୯୮୭ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୦୮୬ (ହେକ୍ଟର) | ୦.୦୦୮୬ |
| ୨୧ | ୨୯୩୮ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୧୩୭ (ହେକ୍ଟର) | ୦.୦୧୩୭ |
| ୨୨ | ୨୯୪୦ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୦୫ (ହେକ୍ଟର) | ୦.୦୧୦୫ |
| ୨୩ | ୨୯୪୦/୪୪୭୩ | ବେସରକାରୀ (ଘରବାରି) | ଘରବାରୀ ଏକ | ୦.୦୦୩୬ (ହେକ୍ଟର) | ୦.୦୦୩୬ |
| ୨୪ | ୨୯୪୦/୪୪୭୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୧୨ (ହେକ୍ଟର) | ୦.୦୦୧୨ |
| ୨୫ | ୨୯୪୪ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୨୬ | ୨୯୪୪/୪୨୪୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୯୯ (ହେକ୍ଟର) | ୦.୦୦୯୯ |
| ୨୭ | ୨୯୪୪/୪୪୦୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୧୫ (ହେକ୍ଟର) | ୦.୦୧୧୫ |
| ୨୮ | ୨୯୪୫ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୪ (ହେକ୍ଟର) | ୦.୦୦୪ |
| ୨୯ | ୨୯୪୫/୩୬୫୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୧୧୨ (ହେକ୍ଟର) | ୦.୦୧୧୨ |
| ୩୦ | ୨୯୪୫/୪୪୧୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୦୧ (ହେକ୍ଟର) | ୦.୦୧୦୧ |
| ୩୧ | ୨୯୪୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୮୫ (ହେକ୍ଟର) | ୦.୦୦୮୫ |
| ୩୨ | ୨୯୪୯ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୧୩ (ହେକ୍ଟର) | ୦.୦୦୧୩ |
| ୩୩ | ୨୯୪୯/୪୩୦୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୭୩ (ହେକ୍ଟର) | ୦.୦୦୭୩ |
| ୩୪ | ୨୯୪୯/୪୩୦୯ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୩୫ | ୨୯୪୯/୪୩୪୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୮ (ହେକ୍ଟର) | ୦.୦୦୮ |
| ୩୬ | ୨୯୪୯/୪୩୪୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୫୪ (ହେକ୍ଟର) | ୦.୦୦୫୪ |
| ୩୭ | ୨୯୪୯/୪୩୪୮ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୯୪ (ହେକ୍ଟର) | ୦.୦୦୯୪ |
| ୩୮ | ୨୯୫୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୫ (ହେକ୍ଟର) | ୦.୦୦୫ |
| ୩୯ | ୨୯୫୮ | ଦରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୫ (ହେକ୍ଟର) | ୦.୦୦୫ |
| ଗ୍ରାମ: ଚାନ୍ଦଗାଁମକୁରାଇ | | | | | |
| ୪୦ | ୨୦୫୫ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୬୧ (ହେକ୍ଟର) | ୦.୦୦୬୧ |
| ୪୧ | ୬୧୩ | ବେସରକାରୀ (ପତିତ) | ପତିତ | ୦.୦୦୩ (ହେକ୍ଟର) | ୦.୦୦୩ |
| ୪୨ | ୬୧୪ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୩ (ହେକ୍ଟର) | ୦.୦୦୩ |
| ୪୩ | ୬୩୨ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୩୧ (ହେକ୍ଟର) | ୦.୦୦୩୧ |
| ୪୪ | ୬୩୪ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୩୧ (ହେକ୍ଟର) | ୦.୦୦୩୧ |
| ୪୫ | ୭୪୩ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୧୩ (ହେକ୍ଟର) | ୦.୦୧୩ |
| ୪୬ | ୭୫୦ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୮୮ (ହେକ୍ଟର) | ୦.୦୦୮୮ |
| ଗ୍ରାମ: ବାଁବରଡା | | | | | |
| ୪୭ | ୧୬୮ | ବେସରକାରୀ (ଚାଷଜମି) | ଚକ | ୦.୦୦୭ (ହେକ୍ଟର) | ୦.୦୦୭ |
| ୪୮ | ୧୭୬ | ବେସରକାରୀ (ଚାଷଜମି) | ଚକ | ୦.୦୦୫ (ହେକ୍ଟର) | ୦.୦୦୫ |
| ୪୯ | ୧୭୭ | ବେସରକାରୀ (ଚାଷଜମି) | ଚକ | ୦.୦୦୩ (ହେକ୍ଟର) | ୦.୦୦୩ |
| ୫୦ | ୩୨ | ବେସରକାରୀ (ଚାଷଜମି) | ଚକ | ୦.୦୦୧୧ (ହେକ୍ଟର) | ୦.୦୦୧୧ |
| ୫୧ | ୪୭ | ବେସରକାରୀ (ଚାଷଜମି) | ଚକ | ୦.୦୧୫୮ (ହେକ୍ଟର) | ୦.୦୧୫୮ |
| ୫୨ | ୪୯ | ବେସରକାରୀ (ଚାଷଜମି) | ଚକ | ୦.୦୧୮୭ (ହେକ୍ଟର) | ୦.୦୧୮୭ |
| ଗ୍ରାମ: ପାଟଣିଗାଁ | | | | | |
| ୫୩ | ୭୯୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୫ (ହେକ୍ଟର) | ୦.୦୦୫ |
| ଗ୍ରାମ: ମକୁନ୍ଦପୁର | | | | | |
| ୫୪ | ୧୮୬୩/୫୦୦୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୧୨୧ (ହେକ୍ଟର) | ୦.୦୧୨୧ |
| ୫୫ | ୧୮୬୩/୫୦୩୨ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୧୨୧ (ହେକ୍ଟର) | ୦.୦୧୨୧ |
| ୫୬ | ୧୯୦୫/୪୭୬୮ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୬ (ହେକ୍ଟର) | ୦.୦୦୬ |
| ଗ୍ରାମ: ଆନନ୍ଦପୁର | | | | | |
| ୫୭ | ୧୧୬ | ବେସରକାରୀ (ଚାଷଜମି) | ଚକ | ୦.୦୦୩ (ହେକ୍ଟର) | ୦.୦୦୩ |

| କ୍ର.ନଂ | ସର୍ଭେ /ପ୍ଲଟ ନମ୍ବର | ଜମିର ପ୍ରକାର | ଜମିର ରକବା | ଏରିଆ (ସ୍ଥାନୀୟ ୟୁନିଟ୍‌ରେ) | ଏରିଆ (ହେକ୍ଟରରେ) |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ଗ୍ରାମ: ପଳଦା | | | | | |
| ୫୮ | ୨୮୩ | ବେସରକାରୀ (ଚାଷଜମି) | ଚକ | ୦.୦୦୫ (ହେକ୍ଟର) | ୦.୦୦୫ |
| ୫୯ | ୫୯ | ବେସରକାରୀ (ଚାଷଜମି) | ଚକ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ଗ୍ରାମ: କାଠିଆପଡ଼ା | | | | | |
| ୬୦ | ୨୦୧/୨୯୫୪ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୧୩୧ (ହେକ୍ଟର) | ୦.୦୧୩୧ |
| ୬୧ | ୩୧୬ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪୨ (ହେକ୍ଟର) | ୦.୦୦୪୨ |
| ୬୨ | ୩୧୬/୩୩୮୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୦୯ (ହେକ୍ଟର) | ୦.୦୦୦୯ |
| ୬୩ | ୩୧୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୫୩ (ହେକ୍ଟର) | ୦.୦୦୫୩ |
| ୬୪ | ୩୧୭/୩୩୮୨ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୨୪ (ହେକ୍ଟର) | ୦.୦୦୨୪ |
| ୬୫ | ୭୦୫/୩୦୫୬ | ବେସରକାରୀ (ଘରବାରି) | ଘରବାରୀ | ୦.୦୩୬୪ (ହେକ୍ଟର) | ୦.୦୩୬୪ |
| ୬୬ | ୮୫୯/୩୦୬୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୬୭ | ୮୬୩/୨୮୫୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ଗ୍ରାମ: ଅବିଧିଆନନ୍ଦପୁର | | | | | |
| ୬୮ | ୮୪୪ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୧୨୧ (ହେକ୍ଟର) | ୦.୦୧୨୧ |
| ୬୯ | ୮୪୫ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଦୁଇ | ୦.୦୦୯ (ହେକ୍ଟର) | ୦.୦୦୯ |
| ୭୦ | ୮୪୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୬ (ହେକ୍ଟର) | ୦.୦୦୬ |
| ୭୧ | ୮୪୮ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୭୨ | ୮୬୨ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୨୪୩ (ହେକ୍ଟର) | ୦.୦୨୪୩ |
| ୭୩ | ୮୬୩ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୨୧୮ (ହେକ୍ଟର) | ୦.୦୨୧୮ |
| ଗ୍ରାମ: ଗୁମୁଟିପୁର | | | | | |
| ୭୪ | ୪୮୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୭୫ | ୪୯୩ | ବେସରକାରୀ (ଚାଷଜମି) | ଘରବାରୀ | ୦.୦୦୨ (ହେକ୍ଟର) | ୦.୦୦୨ |
| ୭୬ | ୪୯୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ଗ୍ରାମ: ପୁରୁଷୋତ୍ତମପୁର | | | | | |
| ୭୭ | ୧୨୩ | ବେସରକାରୀ (ଚାଷଜମି) | ଚକ | ୦.୦୨୫୨ (ହେକ୍ଟର) | ୦.୦୨୫୨ |
| ୭୮ | ୧୨୪ | ସରକାରୀ (ଆଡି ବନ୍ଧ) | ଆଡ଼ି | ୦.୦୦୭୧ (ହେକ୍ଟର) | ୦.୦୦୭୧ |
| ୭୯ | ୧୨୫ | ବେସରକାରୀ (ଚାଷଜମି) | ଚକ | ୦.୦୮୯ (ହେକ୍ଟର) | ୦.୦୮୯ |
| ୮୦ | ୧୨୬ | ବେସରକାରୀ (ଚାଷଜମି) | ଚକ | ୦.୦୦୨ (ହେକ୍ଟର) | ୦.୦୦୨ |
| ୮୧ | ୧୨୯ | ବେସରକାରୀ (ଚାଷଜମି) | ଚକ | ୦.୦୦୪ (ହେକ୍ଟର) | ୦.୦୦୪ |
| ୮୨ | ୧୩୦ | ବେସରକାରୀ (ଚାଷଜମି) | ଚକ | ୦.୦୬୪୮ (ହେକ୍ଟର) | ୦.୦୬୪୮ |
| ୮୩ | ୧୩୧ | ବେସରକାରୀ (ଚାଷଜମି) | ଚକ | ୦.୦୪୪୫ (ହେକ୍ଟର) | ୦.୦୪୪୫ |
| ୮୪ | ୧୩୨ | ବେସରକାରୀ (ଚାଷଜମି ନୁହେଁ) | ପତିତ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୮୫ | ୧୩୩ | ବେସରକାରୀ (ଚାଷଜମି) | ଚକ | ୦.୦୪୮୬ (ହେକ୍ଟର) | ୦.୦୪୮୬ |
| ୮୬ | ୧୩୭ | ବେସରକାରୀ (ଚାଷଜମି) | ଚକ | ୦.୧୦୧୧ (ହେକ୍ଟର) | ୦.୧୦୧୧ |
| ୮୭ | ୧୩୮ | ବେସରକାରୀ (ଚାଷଜମି) | ଚକ | ୦.୦୭୨୯ (ହେକ୍ଟର) | ୦.୦୭୨୯ |
| ୮୮ | ୧୩୯ | ବେସରକାରୀ (ଚାଷଜମି) | ଚକ | ୦.୦୦୯ (ହେକ୍ଟର) | ୦.୦୦୯ |
| ୮୯ | ୧୪୦ | ବେସରକାରୀ (ଚାଷଜମି) | ଶାରଦ ଦୁଇ | ୦.୦୪୬୫ (ହେକ୍ଟର) | ୦.୦୪୬୫ |
| ୯୦ | ୧୪୧ | ବେସରକାରୀ (ଚାଷଜମି ନୁହେଁ) | ପତିତ | ୦.୦୨୩୩ (ହେକ୍ଟର) | ୦.୦୨୩୩ |
| ୯୧ | ୧୪୨ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୭ (ହେକ୍ଟର) | ୦.୦୦୭ |
| ୯୨ | ୧୪୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୪୮୬ (ହେକ୍ଟର) | ୦.୦୪୮୬ |
| ୯୩ | ୧୪୪ | ବେସରକାରୀ (ଚାଷଜମି) | ଶାରଦ ଦୁଇ | ୦.୦୪୮୬ (ହେକ୍ଟର) | ୦.୦୪୮୬ |
| ୯୪ | ୧୪୫ | ବେସରକାରୀ (ଚାଷଜମି ନୁହେଁ) | ପତିତ | ୦.୦୦୮୩ (ହେକ୍ଟର) | ୦.୦୦୮୩ |
| ୯୫ | ୧୪୬ | ସରକାରୀ (ଗୋଚର) | ଗୋଚର | ୦.୦୧୨୨ (ହେକ୍ଟର) | ୦.୦୧୨୨ |
| ୯୬ | ୨୭/୫୯୯ | ବେସରକାରୀ (ଚାଷଜମି) | ଶାରଦ ଦୁଇ | ୦.୦୦୨ (ହେକ୍ଟର) | ୦.୦୦୨ |
| ୯୭ | ୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୧୬ (ହେକ୍ଟର) | ୦.୦୦୧୬ |
| ୯୮ | ୩୩୨ | ସରକାରୀ (କେନାଲ) | ନାଳ | ୦.୦୬୮୮ (ହେକ୍ଟର) | ୦.୦୬୮୮ |
| ୯୯ | ୩୪୬ | ବେସରକାରୀ (ଚାଷଜମି) | ଚକ | ୦.୦୪୪୫ (ହେକ୍ଟର) | ୦.୦୪୪୫ |
| ୧୦୦ | ୩୪୭ | ବେସରକାରୀ (ଚାଷଜମି) | ଚକ | ୦.୦୨୪୩ (ହେକ୍ଟର) | ୦.୦୨୪୩ |
| ୧୦୧ | ୩୪୮ | ବେସରକାରୀ (ଚାଷଜମି) | ଚକ | ୦.୦୪୪୫ (ହେକ୍ଟର) | ୦.୦୪୪୫ |
| ୧୦୨ | ୩୪୯ | ବେସରକାରୀ (ଚାଷଜମି) | ଚକ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୧୦୩ | ୪୩୨ | ସରକାରୀ (କେନାଲ) | ନାଳ | ୦.୦୮୪୯ (ହେକ୍ଟର) | ୦.୦୮୪୯ |
| ୧୦୪ | ୪୩୫ | ବେସରକାରୀ (ଚାଷଜମି) | ଚକ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୧୦୫ | ୪୩୭, ୪୩୭/୫୯୧ | ବେସରକାରୀ (ଘରବାରି) | ଘରବାରୀ | ୦.୧୧୭୩ (ହେକ୍ଟର) | ୦.୧୧୭୩ |
| ୧୦୬ | ୪୩୮ | ବେସରକାରୀ (ଚାଷଜମି) | ଚକ | ୦.୧୧୭୩ (ହେକ୍ଟର) | ୦.୧୧୭୩ |
| ଗ୍ରାମ: ସୁଜଙ୍ଗ | | | | | |
| ୧୦୭ | ୩୭୭/୯୭୮ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ଗ୍ରାମ: ପୋଟଳ | | | | | |
| ୧୦୮ | ୯୧/୪୮୬ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୫ (ହେକ୍ଟର) | ୦.୦୦୫ |
| ଗ୍ରାମ: ନରସିଂହପୁର | | | | | |
| ୧୦୯ | ୨୦୦ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୧୦ | ୩୭/୩୫୫୫ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୧୦୧ (ହେକ୍ଟର) | ୦.୦୧୦୧ |
| ଗ୍ରାମ: ଖେରସ | | | | | |
| ୧୧୧ | ୨୮୬୨ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୪୮୬ (ହେକ୍ଟର) | ୦.୦୪୮୬ |
| ୧୧୨ | ୨୯୨୩ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୧୧୩ | ୩୦୯୭/୫୦୫୭ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୭୭ (ହେକ୍ଟର) | ୦.୦୦୭୭ |
| ୧୧୪ | ୩୧୧୦ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୧୫ | ୩୧୧୦/୪୭୭୩ | ବେସରକାରୀ (ଚାଷଜମି) | ପତିତ | ୦.୦୦୭୨ (ହେକ୍ଟର) | ୦.୦୦୭୨ |
| ୧୧୬ | ୩୭୦୫/୪୫୪୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୩୨ (ହେକ୍ଟର) | ୦.୦୦୩୨ |
| ୧୧୭ | ୩୭୨୭ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୧ (ହେକ୍ଟର) | ୦.୦୦୧ |
| ୧୧୮ | ୪୧୧/୪୩୩୪ | ବେସରକାରୀ (ଚାଷଜମି) | ଶାରଦ ଜଳ ଦୋଫସଲି ଏକ | ୦.୦୦୩ (ହେକ୍ଟର) | ୦.୦୦୩ |
| ଗ୍ରାମ: ଇଟାପଡ଼ା | | | | | |
| ୧୧୯ | ୧୧ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୫ (ହେକ୍ଟର) | ୦.୦୦୫ |
| ୧୨୦ | ୧୩୫ | ବେସରକାରୀ (ଚାଷଜମି) | ବିଆଳି ଦୋଫସଲି | ୦.୦୦୦୪ (ହେକ୍ଟର) | ୦.୦୦୦୪ |
| ୧୨୧ | ୧୩୯ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୫ (ହେକ୍ଟର) | ୦.୦୦୫ |
| ୧୨୨ | ୧୪୦ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୨୫ (ହେକ୍ଟର) | ୦.୦୦୨୫ |
| ୧୨୩ | ୧୪୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୧ (ହେକ୍ଟର) | ୦.୦୦୧ |
| ୧୨୪ | ୧୪୩ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୧ (ହେକ୍ଟର) | ୦.୦୦୧ |
| ୧୨୫ | ୧୪୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୨୧ (ହେକ୍ଟର) | ୦.୦୧୨୧ |
| ୧୨୬ | ୧୪୫ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୬୨ (ହେକ୍ଟର) | ୦.୦୧୬୨ |
| ୧୨୭ | ୧୪୬ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୨୮ | ୧୪୯ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୧୨୯ | ୧୫୦ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୩୦ | ୧୫୧ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୭ (ହେକ୍ଟର) | ୦.୦୦୭ |
| ୧୩୧ | ୧୫୨ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୨୧ (ହେକ୍ଟର) | ୦.୦୧୨୧ |
| ୧୩୨ | ୧୫୭ | ବେସରକାରୀ (ଚାଷଜମି) | ଶାରଦ ତିନି | ୦.୦୧୯୪ (ହେକ୍ଟର) | ୦.୦୧୯୪ |
| ୧୩୩ | ୧୫୮ | ବେସରକାରୀ (ଜଳାଶୟ) | ଜଳାଶୟ ଦୁଇ | ୦.୦୧୩ (ହେକ୍ଟର) | ୦.୦୧୩ |
| ୧୩୪ | ୧୬୪ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୯୧ (ହେକ୍ଟର) | ୦.୦୦୯୧ |
| ୧୩୫ | ୧୬୫ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୩୬ | ୧୬୬ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୩୭ | ୧୬୬ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୩୮ | ୧୬୬/୪୧୫ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୨୫ (ହେକ୍ଟର) | ୦.୦୦୨୫ |
| ୧୩୯ | ୧୬୬/୪୨୫ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୨୫ (ହେକ୍ଟର) | ୦.୦୦୨୫ |
| ୧୪୦ | ୧୬୭ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୫ (ହେକ୍ଟର) | ୦.୦୦୫ |
| ୧୪୧ | ୧୯ | ବେସରକାରୀ (ଚାଷଜମି) | ଚକ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୪୨ | ୨ | ବେସରକାରୀ (ଚାଷଜମି) | ଚକ | ୦.୦୩୮ (ହେକ୍ଟର) | ୦.୦୩୮ |
| ୧୪୩ | ୨୭୭, ୨୭୭/୩୭୪, ୨୭୭/୩୮୧, ୨୭୭/୩୯୫, ୨୭୭/୩୮୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୮୧ (ହେକ୍ଟର) | ୦.୦୦୮୧ |
| ୧୪୪ | ୨୭୮ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୪୫ | ୨୭୯ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୪୬ | ୨୮୦ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୪ (ହେକ୍ଟର) | ୦.୦୦୪ |
| ୧୪୭ | ୨୮୯ | ବେସରକାରୀ (ଘରବାରି) | ଘରବାରୀ | ୦.୦୧୨୧ (ହେକ୍ଟର) | ୦.୦୧୨୧ |
| ୧୪୮ | ୩୦୫ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୫ (ହେକ୍ଟର) | ୦.୦୦୫ |
| ୧୪୯ | ୩୦୬ | ବେସରକାରୀ (ଚାଷଜମି) | ଚକ | ୦.୦୦୬୫ (ହେକ୍ଟର) | ୦.୦୦୬୫ |
| ୧୫୦ | ୩୦୭ | ବେସରକାରୀ (ଚାଷଜମି) | ଚକ | ୦.୦୧୩ (ହେକ୍ଟର) | ୦.୦୧୩ |
| ୧୫୧ | ୩୦୮ | ବେସରକାରୀ (ଚାଷଜମି) | ଚକ | ୦.୦୦୭୨ (ହେକ୍ଟର) | ୦.୦୦୭୨ |
| ୧୫୨ | ୩୦୯ | ବେସରକାରୀ (ଚାଷଜମି) | ଚକ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୫୩ | ୩୧୦ | ବେସରକାରୀ (ଚାଷଜମି) | ଚକ | ୦.୦୦୭୨ (ହେକ୍ଟର) | ୦.୦୦୭୨ |
| ୧୫୪ | ୩୧୧ | ସରକାରୀ (ରାସ୍ତା) | ଚକ ରାସ୍ତା | ୦.୦୦୧ (ହେକ୍ଟର) | ୦.୦୦୧ |
| ୧୫୫ | ୩୧୨ | ବେସରକାରୀ (ଚାଷଜମି) | ଚକ | ୦.୦୦୬ (ହେକ୍ଟର) | ୦.୦୦୬ |
| ୧୫୬ | ୩୩୬/୩୫୯ | ବେସରକାରୀ (ଘରବାରି) | ଘରବାରୀ | ୦.୦୦୨୫ (ହେକ୍ଟର) | ୦.୦୦୨୫ |
| ୧୫୭ | ୫ | ବେସରକାରୀ (ଚାଷଜମି) | ଚକ | ୦.୦୪୦୫ (ହେକ୍ଟର) | ୦.୦୪୦୫ |
| ୧୫୮ | ୯ | ବେସରକାରୀ (ଚାଷଜମି) | ଚକ | ୦.୦୦୧୬ (ହେକ୍ଟର) | ୦.୦୦୧୬ |
| | | | | ମୋଟ | ୨.୩୮୦୭ |

[F. No. RO/BBSR/11011/NH/IAHE/39/Smbp-Nuagaon/2017/3A2]

ABHAY JAIN, Director

ଧରିତ୍ରୀ DHARITRI
ଧରିତ୍ରୀ 50 Years

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ଦ୍ୱିତୀୟ ଟି୨୦**

ଗୋଇବେରା,୧୦।୧୧(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୬ ଉଇକେଟ ହରାଇ ୧୨୪ ରନ୍ କରିଛି। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଦକ୍ଷିଣ ଆଫ୍ରିକା ୧୨ ଓଭରରେ ୬ ଉଇକେଟ ହରାଇ ୬୭ ରନ୍ କରିଛି।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ପାରି ନ ଥିଲେ। ପ୍ରଥମ ଓଭରରେ ପୂର୍ବ ମ୍ୟାଚ୍‌ର ଶତକ ହାସଲକାରୀ ସଞ୍ଜୁ ସାମସନ୍ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ଅଭିଷେକ ଶର୍ମା ନିଜର ଖରାପ ଫର୍ମ ଜାରି ରଖି ମାତ୍ର ୪ ରନ୍ କରି ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୪ ରନ୍ କରି ଆଉଟ ହୋଇଥିଲେ। ଭାରତ ୧୫ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ ତିଳକ ବର୍ମା(୨୦) ଓ ଅକ୍ଷର ପଟେଲ(୨୭) ଚତୁର୍ଥ ଉଇକେଟରେ ୩୦ ରନ୍ ଯୋଡିଥିଲେ। ତେବେ ଦଳୀୟ ସ୍କୋର ୪୫ ରନ୍‌ରେ ତିଳକ ବର୍ମା ଆଉଟ ହୋଇଥିଲେ। ତିଳକଙ୍କ ଉଇକେଟ ପତନ ପରେ ହାର୍ଦ୍ଦିକ ପାଣ୍ଡ୍ୟା କ୍ରିଜରେ ଯୋଗଦେଇଥିଲେ। ଭାରତର ଟପ୍ ସ୍କୋରର ରହିଥିବା ପାଣ୍ଡ୍ୟା ଧିମା ୩୯* ରନ୍‌ର ଇନିଂସ ଖେଳିଥିବା ବେଳେ ଅକ୍ଷର ପଟେଲଙ୍କ ସହ ୨୫ ରନ୍ ଯୋଡ଼ିଥିଲେ। ସକାରାତ୍ମକ ଢଙ୍ଗରେ ବ୍ୟାଟିଂ କରୁଥିବା ଅକ୍ଷର ୨୧ ବଲ୍‌ରୁ ୨୭ ରନ୍ କରିଥିବା ବେଳେ ଦୁର୍ଭାଗ୍ୟଜନକ ଭାବରେ ରନ୍ ଆଉଟ ହୋଇଥିଲେ। ପରେ ନିର୍ଭରଯୋଗ୍ୟ ରିଙ୍କୁ ସିଂ ମଧ୍ୟ ୯ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ୪୫ ବଲ୍ ଖେଳିଥିବା ହାର୍ଦ୍ଦିକ ୪ ଚୌକା ଓ ୧ ଛକା ମାରି ୩୯ ରନ୍‌ରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ୍,ଜେରାଲ୍ଡ କୋଜି, ଆଣ୍ଡିଲେ ସିମେଲାନେ, ଏଡେନ୍ ମାରକ୍ରମ ଓ ଏନ୍‌କାବାୟୋଞ୍ଜି ପିଟର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳୁଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୨୪/୬(ହାର୍ଦ୍ଦିକ ପାଣ୍ଡ୍ୟା-୩୯, ଅକ୍ଷର ପଟେଲ-୨୭, ତିଳକ ବର୍ମା-୨୦, ଏନ୍‌କାବାୟୋଞ୍ଜି ପିଟର-୧/୨୦, ଏଡେନ୍ ମାରକ୍ରମ-୧/୪, ଆଣ୍ଡିଲେ ସିମେଲାନେ-୧/୨୦)।

## ଗଫ୍ ଜିତିଲେ ଡବ୍ଲ୍ୟୁଟିଏ ଫାଇନାଲ୍ସ

ରିୟାଦ, ୧୦।୧୧ (ଏପି)

କୋକୋ ଗଫ୍ ପ୍ରଥମ ଥର ଡବ୍ଲ୍ୟୁଟିଏ ଫାଇନାଲ୍ସ ଜିତିଛନ୍ତି। ଫାଇନାଲରେ ସେ ଅଲିମ୍ପିକ ଚାମ୍ପିୟନ ଝେଙ୍ଗ୍ କ୍ୱିନୱେନଙ୍କୁ ୩-୬, ୬-୪, ୭-୬ (୨)ରେ ହରାଇ ଦେଇଛନ୍ତି। ୨୦୧୪ରେ ସେରେନା ୱିଲିୟମ୍ସଙ୍କ ପଛକୁ ୨୦ବର୍ଷୀୟା ଗଫ୍ ପ୍ରଥମ ଆମେରିକୀୟ ଭାବେ ଏଟିପି ଫାଇନାଲ୍ସ ଜିତିଛନ୍ତି। ଟାଇଟଲ ହାସଲ କରି ସେ ପୁରସ୍କାର ବାବଦରେ ୪.୮ ବିଲିୟନ ଡଲାର ପକେଟସ୍ଥ କରିଛନ୍ତି। ୨୦୦୪ରେ ମାରିଆ ଶାରାପୋଭାଙ୍କ ପରେ ଏହି ଚାମ୍ପିୟନଶିପ୍ ଜିତିବାରେ ସେ ସର୍ବକନିଷ୍ଠ ଖେଳାଳି। ଶାରାପୋଭା ଯେବେ ଟାଇଟଲ ବିଜୟୀ ହୋଇଥିଲେ ସେହିବର୍ଷ ଗଫ୍ ଜନ୍ମ ଗ୍ରହଣ କରିଥିଲେ। ଫାଇନାଲ ପଥରେ ଏହି ଆମେରିକୀୟ ଖେଳାଳି ବିଶ୍ୱର ଦୁଇ ଟପ୍ ଖେଳାଳି ଆରିନା ସାବାଲେଙ୍କା ଓ ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ଝେଙ୍ଗ୍ ଟ୍ରଫି ସହ ସିଜନ ଶେଷ କରିବା ଲକ୍ଷ୍ୟରେ ଥିଲେ।

# ପଏଣ୍ଟ ବାଣ୍ଟିଲା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ୍ ସୁପର ଲିଗ୍**

ଭୁବନେଶ୍ୱର, ୧୦।୧୧ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଏକ ମ୍ୟାଚ ୧-୧ଗୋଲ୍‌ରେ ଆମୀମାଂସିତ ଭାବେ ଶେଷ ହୋଇଛି। ପରାଜୟରୁ ଫେରିଥିବା ଓଏଫ୍‌ସି ଘରୋଇ ଦର୍ଶକଙ୍କ ସମ୍ମୁଖରେ ଚମତ୍କାର ପ୍ରଦର୍ଶନ କରିଥିଲା। ଓଏଫ୍‌ସି ପକ୍ଷରୁ ହ୍ୟୁଗୋ ବୁମୋସ(୪) ଓ ମୋହନ ବାଗାନ ପକ୍ଷରୁ ମାନବୀର ସିଂ(୩୬)ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରବିବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଖେଳର ୪ର୍ଥ ମିନିଟ୍‌ରେ ହ୍ୟୁଗୋ ବୁମୋସ ପ୍ରଥମ ଗୋଲ ଦେଇ ଘରୋଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ମୋହନବାଗାନ ଗୋଲକିପର ବିଶାଲ କେଥଙ୍କ ତ୍ରୁଟିରୁ ଓଏଫ୍‌ସିକୁ ଫ୍ରି କିକ୍ ମିଳିଥିବା ବେଳେ ବୁମୋସ ସ୍କୋର କରିଥିଲେ। ତେବେ ୩୬ତମ ମିନିଟ୍‌ରେ ମୋହନବାଗାନର ମାନବୀର ସିଂଙ୍କ ଗୋଲ ଯୋଗୁ ମ୍ୟାଚ ୧-୧ ସ୍ତରକୁ ଚାଲି ଆସିଥିଲା। ଏହି ମ୍ୟାଚରେ ଖେଳର ୩୯ପ୍ରତିଶତ ଅଂଶ ବଲ୍ ଓଡ଼ିଶା ଏଫ୍‌ସି ଅକ୍ତିଆରରେ ରହିଥିବା ବେଳେ ମୋହନବାଗାନ ଅଧୀନରେ ଅବଶିଷ୍ଟ ୬୧ ପ୍ରତିଶତ ଅଂଶ ରହିଥିଲା। ରବିବାର ମ୍ୟାଚ ଫଳାଫଳ ପରେ ଓଡ଼ିଶା ଏଫ୍‌ସି ୮ଟି ମ୍ୟାଚରୁ ୯ ପଏଣ୍ଟ ସହ ଟେବୁଲରେ୯ମ ସ୍ଥାନରେ ରହିଥିବା ବେଳେ ମୋହନ ବାଗାନ ୭ ଟି ମ୍ୟାଚରୁ ୧୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଓଏଫ୍‌ସି ଓ ମୋହନବାଗାନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।(ଫଟୋ: ବିକାଶ ନାୟକ)

# ସୁବ୍ରତ ଦାସଙ୍କୁ ଦଶମ ଟାଇଟଲ

**ଅଲ୍ ଓଡ଼ିଶା ସ୍ନୁକର ଓ ବିଲିୟାର୍ଡସ ଚାମ୍ପିୟନଶିପ୍**

ଭୁବନେଶ୍ୱର,୧୦।୧୧(ସରୋଜ ଜେନା)

ଭୁବନେଶ୍ୱରରେ ଅନୁଷ୍ଠିତ ୩୦ତମ ଅଲ୍ ଓଡ଼ିଶା ସ୍ନୁକର ଓ ବିଲିୟାର୍ଡସ ଚାମ୍ପିୟନଶିପ୍‌ର ବିଲିୟାର୍ଡସ ଇଭେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ସୁବ୍ରତ କୁମାର ଦାସ। ରବିବାର ଅନୁଷ୍ଠିତ ଫାଇନାଲରେ କୁନାଲ ଅଗ୍ରୱାଲଙ୍କୁ ୪-୧ରେ ପରାସ୍ତ କରି କଟକ କ୍ଲବର ସୁବ୍ରତ ଦଶମ ରାଜ୍ୟ ଟାଇଟଲ ହାସଲ କରିଛନ୍ତି। ବେଷ୍ଟ ଅଫ୍ ୭ ଫର୍ମାଟରେ ମ୍ୟାଚ ଖେଳାଯାଉଥିବା ବେଳେ ସୁବ୍ରତ ୧୫୦-୫୨, ୧୫୦-୯୯, ୧୪୫-୧୫୦, ୧୫୨-୯୫ ଓ ୧୫୧-୧୨୨ରେ ବିଜୟୀ ହୋଇଥିଲେ। ବିଲିୟାର୍ଡସରେ ଏହା ସୁବ୍ରତଙ୍କର ୧୦ମ ଟାଇଟଲ ହୋଇଥିବା ବେଳେ ସେ ଅନ୍ୟତମ ରାଜ୍ୟ ଚାମ୍ପିୟନ ଏହସାନ ଉଲ ହକ କ୍ୟୁରେଶୀଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।



ସେହିପରି ସ୍ନୁକର ମ୍ୟାଚରେ ଚେତନ ଆନନ୍ଦ ୩-୧ରେ ସମୀର ଅଲୀଙ୍କୁ, ଜ୍ଞାନ ଦାସ ୩-୦ରେ ନିଶି ପ୍ରକାଶଙ୍କୁ, ଅବିନାଶ ମହାପାତ୍ର ୩-୧ରେ ଅମୀୟ ରଞ୍ଜନ ନାୟକଙ୍କୁ, ସୁବ୍ରତ ଦାସ ୩-୧ରେ ଅଭିଷେକ ଦାସ ଓ କୁନାଲ ଅଗ୍ରୱାଲ ୩-୦ରେ ରାହୁଲ ହାଲିଙ୍କୁ ପରାସ୍ତ କରିଥିଲେ। ଉଦ୍‌ଭାସ ମହାପାତ୍ରଙ୍କ ବିପକ୍ଷ ମ୍ୟାଚ୍‌ରେ ଅସିତ ଚୌଧାରୀଙ୍କୁ ୱାକ୍‌ଓଭର ମିଳିଥିଲା।

## ୨୨ ବର୍ଷ ପରେ ସିରିଜ୍ ଜିତିଲା ପାକିସ୍ତାନ

ପର୍ଥ,୧୦।୧୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚକୁ ୮ ଉଇକେଟରେ ଜିତିବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୨-୧ରେ ଜିତି ନେଇଛି ପାକିସ୍ତାନ। ଏହା ସହ ଅଷ୍ଟ୍ରେଲିଆ ମାଟିରେ ୨୨ ବର୍ଷ ପରେ ଏକ ସିରିଜ ଜିତିବାରେ ସମର୍ଥ ହୋଇଛି ପାକିସ୍ତାନ। ଶେଷ ଥର ପାଇଁ ୨୦୦୨ରେ ଦଳ ସିରିଜ୍ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୩୧.୫ ଓଭରରେ ୧୪୦ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୨୬.୫ ଓଭରରେ ୨ ଉଇକେଟରେ ୧୪୩ ରନ୍ କରି ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ପାଇଁ ସିନିୟର ଖେଳାଳି ପ୍ୟାଟ୍ କମିନ୍ସ, ଜୋଶ ହେଜେଲଉଡ, ମିଚେଲ୍ ଷ୍ଟାର୍କ ଓ ମାର୍ନସ୍ ଲାବୁଶେନଙ୍କୁ ବିଶ୍ରାମ ଦେଇଥିଲା। ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦୃଷ୍ଟିରେ ରଖି ଦଳ ଏହି ନିଷ୍ପତ୍ତି ନେଇଥିଲା।

ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ପେସ୍ ବୋଲର ମାନେ ମିଳିତ ଭାବରେ ୯ ଉଇକେଟ ନେଇଥିଲେ। ଶାହିନ ଶାହ ଆଫ୍ରିଦି ଓ ନସିମ ଶାହ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ହରିସ ରୌଫ୍ ୨ ଓ ମହମ୍ମଦ ହସନେନ୍ ୧ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସନ୍ ଆବୋଟ ସର୍ବାଧିକ ୩୦ ଓ ଓପନର ମାଥ୍ୟୁ ଶର୍ଟ ୨୨ ରନ୍ କରିଥିଲେ। ଘରୋଇ ଦଳର ୬ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିଲେ। ସେଟ୍ ହୋଇ ସାରିଥିବା ମାଥ୍ୟୁ ଶର୍ଟ ଓ ଘାତକ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ଆଉଟ କରିଥିଲେ ହରିସ୍ ରୌଫ୍।

୧୪୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ପାକିସ୍ତାନ ପକ୍ଷରୁ ସାଇମ୍ ଆୟୁବ (୪୨) ଓ ଅବଦୁଲ୍ଲା ଶଫିକ୍(୩୭) ପ୍ରଥମ ଉଇକେଟରେ ୮୪ ରନ୍ ଯୋଡ଼ିଥିଲେ। ଉଭୟ ଖେଳାଳି ମାତ୍ର ୫ ବଲ୍ ବ୍ୟବଧାନରେ ଆଉଟ ହୋଇଥିଲେ ମଧ୍ୟ ବାବର ଆଜମ୍ ୨୮ ଓ ମହମ୍ମଦ ରିଜୱାନ ୩୦ ରନ୍‌ରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ।

# ସରକାରଙ୍କ ପରାମର୍ଶ ଲୋଡିଲା ପିସିବି

**ପାକିସ୍ତାନ ଯିବନି ଭାରତ**

କରାଚୀ,୧୦।୧୧

ପାକିସ୍ତାନରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଯୋଗ ଦେବାକୁ ମନା କରି ଦେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବର୍ତ୍ତମାନ ସରକାରଙ୍କ ପରାମର୍ଶ ଲୋଡ଼ିଛି। ଭାରତ ସରକାରଙ୍କ ପକ୍ଷରୁ ଅନୁମତି ମିଳି ନ ଥିବା ଦର୍ଶାଇ ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ନ ଯିବାର ନିଷ୍ପତ୍ତି ନେଇ ଆଇସିସିକୁ ଶନିବାର ଇ ମେଲ୍ କରିଥିଲେ। ରବିବାର ଆଇସିସି ଏହି ଘଟଣା ସମ୍ପର୍କରେ ପିସିବିକୁ ଇ ମେଲ୍ କରିଥିଲା। ରବିବାର ପିସିବି ପକ୍ଷରୁ ଇମେଲ ମିଳିଥିବା ନେଇ ସ୍ୱୀକାର କରାଯାଇଥିଲା। ଇ ମେଲ ମିଳିବା ପରେ ପିସିବି ଏହି ଘଟଣା ସମ୍ପର୍କରେ ପାକିସ୍ତାନ ସରକାରଙ୍କ ପରାମର୍ଶ ଲୋଡ଼ିଛି। ପିସିବିର ପରବର୍ତ୍ତୀ ପଦକ୍ଷେପ କଣ ରହିବ ଏହା ପାକିସ୍ତାନ ସରକାରଙ୍କ ଉପରେ ନିର୍ଭର କରୁଛି। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ-ମାର୍ଚ୍ଚରେ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଭାରତୀୟ ଦଳ ଗସ୍ତ ନ କରିବା ନେଇ ପ୍ରାରମ୍ଭିକ ରିପୋର୍ଟ ଆସୁଥିବା ବେଳେ ଟୁର୍ନାମେଣ୍ଟ ହାଇବ୍ରିଡ୍ ମଡେଲରେ ଖେଳାଯିବା ନେଇ ଆଲୋଚନା ମଧ୍ୟ ହେଉଥିଲା। ତେବେ ଶୁକ୍ରବାର ପିସିବି ମୁଖ୍ୟ ଏଭଳି କୌଣସି ଯୋଜନା ନ ଥିବା ନେଇ କହିଥିଲେ। ବିସିସିଆଇ ପକ୍ଷରୁ ଖେଳାଳିଙ୍କ ସୁରକ୍ଷା ଓ ସରକାରଙ୍କ ଠାରୁ ଅନୁମତି ମିଳୁ ନ ଥିବା ଦର୍ଶାଇ ଟୁର୍ନାମେଣ୍ଟକୁ ହାଇବ୍ରିଡ ମଡେଲରେ କରିବା ପାଇଁ ଚିଠି ଲେଖା ଯାଇଥିଲା। ପୂର୍ବରୁ ୨୦୨୨ ଏସିଆ କପ୍ ପାକିସ୍ତାନରେ ହେବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ଯିବା ପାଇଁ ରାଜି ନ ହେବା କାରଣରୁ ପରବର୍ତ୍ତୀ ସମୟରେ ଏହା ହାଇବ୍ରିଡ୍ ମଡେଲରେ ଶ୍ରୀଲଙ୍କା ଓ ପାକିସ୍ତାନରେ ଖେଳା ଯାଇଥିଲା। ଉଭୟ ଦେଶ ମଧ୍ୟରେ ୧୨ ବର୍ଷ ହେବ କୌଣସି ଦିନିକିଆ ଦ୍ୱିପାକ୍ଷିକ ସିରିଜ୍ ଖେଳା ଯାଇ ନ ଥିବା ବେଳେ ୧୭ ବର୍ଷ ହେବ ଟେଷ୍ଟ ସିରିଜ୍ ଖେଳା ଯାଇନାହିଁ।




# ମୈନାକ ପୁରୁଷ, ଶ୍ୱେତପଦ୍ମା ମହିଳା ଚାମ୍ପିୟନ

**ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୦।୧୧ (ବିଜୟ ରଣା)

କଟକ, ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟିପରପୋଜ ଇନ୍‌ଡୋର ହଲ୍‌ରେ ୩୦ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ ପ୍ରତିଯୋଗିତାର ୫ମ ଦିବସରେ ସିଙ୍ଗଲ୍ସ ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ଏଜି ଓଡ଼ିଶାର ମୈନାକ ଦାସ ଓ ମହିଳା ବିଭାଗରେ ଶ୍ୱେତପଦ୍ମା ଦଳେଇ (ଆଚାର୍ଯ୍ୟ ହରିହର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର) ଚାମ୍ପିୟନ ହୋଇଛନ୍ତି। ମୈନାକ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ଶାଶ୍ୱତ ସାମଲଙ୍କୁ ୪-୨ ଗେମ୍‌ରେ ହରାଇ ଦେଇଛନ୍ତି। ମହିଳା ଫାଇନାଲରେ ଶ୍ୱେତପଦ୍ମା ୪-୩ ଗେମ୍‌ରେ ଏଜି ଓଡ଼ିଶାର ନେହା କୁମାରୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ କଟକର ଜିଜ୍ଞାଂସୁ ସାହୁ କଟକର ମହମ୍ମଦ ଜିସାନ୍‌ଙ୍କୁ ୪-୧ ଗେମ୍‌ରେ ପରାଜିତ କରି ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ଶ୍ୱେତପଦ୍ମା ଦଳେଇ ୪-୦ରେ କଟକର ଉର୍ଜା ବର୍ମାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ୧୭ବର୍ଷରୁ କମ୍ ବିଭାଗ ବାଳକ ବିଭାଗରେ ଜିଜ୍ଞାଂଶୁ ସାହୁ, ବାଳିକା ବିଭାଗରେ ଉର୍ଜା ବର୍ମା ଚାମ୍ପିୟନ ହୋଇଛନ୍ତି। ସେହିପରି ୧୫ବର୍ଷରୁ କମ୍ ବାଳକ ବିଭାଗରେ ପୁରୀର ଜିଜ୍ଞାଂଶୁ ସାଇ କିରନ ଚାମ୍ପିୟନ ଓ ଖୋର୍ଦ୍ଧାର ଜୟତ୍ରଶୁ ଦାସଗୁପ୍ତା ରନରଅପ୍ ହୋଇଛନ୍ତି। ବାଳିକା ବିଭାଗରେ କଟକର ସାକ୍ଷୀ ଭଗତ ଚାମ୍ପିୟନ ଓ ଆରାଧ୍ୟା ସାହୁ ରନରଅପ୍ ହୋଇଛନ୍ତି। ସେହିପରି ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଜିଜ୍ଞାଂଶୁ ସାଇ କିରନ ଚାମ୍ପିୟନ ଏବଂ କଟକର ସୟଦ ଅର୍ସ ଅଲି ରନରଅପ୍ ହୋଇଛନ୍ତି। ବାଳିକାରେ ଆରାଧ୍ୟା ସାହୁ ଓ ଶ୍ୱେତା ବର୍ମା ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ୧୧ବର୍ଷରୁ କମ୍ ବାଳକ ବିଭାଗରେ କଟକର ଆଭାନିଶ ସୁବ୍ରମଣ୍ୟମ ଓ ଖୋର୍ଦ୍ଧାର ସୁବିତ ପ୍ରଧାନ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ବାଳିକା ବିଭାଗରେ କଟକର ଆରାଧ୍ୟା ସାହୁ ଚାମ୍ପିୟନ୍ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ତଥା ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଷ୍ଟା) ସଭାପତି ସଞ୍ଜୟ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଆସୋସିଏଶନର ସାଂଗଠନିକ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନୀହାର ରଞ୍ଜନ ମିଶ୍ର ଏବଂ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଗଣ ଉପସ୍ଥିତ ଥିଲେ।

# ସତ୍ୟମ୍ ସ୍ୱରୂପ ଚାମ୍ପିୟନ

**ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୦।୧୧ (ଏପି)

ସ୍ଥାନୀୟ କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ୪ର୍ଥ ସୁରେନ୍ଦ୍ର ପ୍ରସାଦ ଦାସ ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍‌ରେ କଟକ ଗୁରୁନାନକ ପବ୍ଲିକ ସ୍କୁଲର ସତ୍ୟମ୍ ସ୍ୱରୂପ ସାହୁ (୪.୫ ପଏଣ୍ଟ) ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗରେ ଦେବାଂଶି ଷଡ଼ଙ୍ଗୀ, ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଟିସିଏସ୍‌ର ବରିଷ୍ଠ ପରାମର୍ଶଦାତା ଇଂ. ରଞ୍ଜନ ଷଡ଼ଙ୍ଗୀ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ଦାସଙ୍କ ଭଉଣୀ ଶୁଭ୍ରଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ଭୀର ମୁହଁରୁ ବୋଥାମଙ୍କୁ ବଞ୍ଚାଇଲେ ହ୍ୟୁଗ୍ସ

ମେଲବୋର୍ନ, ୧୦।୧୧

ଦିନ ଥିଲା ଖେଳ ପଡ଼ିଆରେ ଇଂଲଣ୍ଡର କିମ୍ବଦନ୍ତୀ କ୍ରିକେଟର ଇଆନ ବୋଥାମ ଏବଂ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ମର୍ଭ ହ୍ୟୁଗ୍ସଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ଥିଲା। ଏବେ କିନ୍ତୁ ସମୟ ଆଉ ନାହିଁ। ଅଷ୍ଟ୍ରେଲିଆର ଉତ୍ତରାଞ୍ଚଳ ଅନ୍ତର୍ଗତ ଏକ କୁମ୍ଭୀର ପ୍ରବଣ ନଦୀରୁ ବୋଥାମଙ୍କୁ ମରଣ ମୁହଁରୁ ବଞ୍ଚାଇଛନ୍ତି ହ୍ୟୁଗ୍ସ, ଯାହା କି ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ସପ୍ତାହରେ ଏହି ଘଟଣାଟି ଘଟିଛି। ଖବର ଅନୁସାରେ ୬୮ବର୍ଷୀୟ ବୋଥାମ ଗତ ସପ୍ତାହରେ ତାଙ୍କର ଏହି ପୁରାତନ ବନ୍ଧୁ ଏବଂ ଅନ୍ୟ କେତେଜଣ ସାଙ୍ଗଙ୍କ ସହିତ ୪ଦିନିଆ ଭ୍ରମଣରେ ଡାରୱିନର ଦକ୍ଷିଣ ପଶ୍ଚିମାଞ୍ଚଳରେ ରହିଥିବା ମୋୟଲ ନଦୀକୁ ମାଛ ମାରିବା ପାଇଁ ଯାଇଥିଲେ। ନଦୀରେ ସେ ଗୋଟିଏ ବୋଟ୍‌ରୁ ଅନ୍ୟ ଏକ ବୋଟ୍‌କୁ ଯାଉଥିବା ବେଳେ ବୋଥାମଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ଖସି ପଡ଼ିଥିଲେ। ଏହା ଦେଖି ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ହ୍ୟୁଗ୍ସ ତୁରନ୍ତ କେତେଜଣ ମାଛଧରାଳିଙ୍କ ସହ ବୋଥାମଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ବୋଥାମଙ୍କୁ ଉଦ୍ଧାର କରାଗଲା ବେଳେ ବୋଟ୍ ପାର୍ଶ୍ୱରେ ଘଷି ହୋଇ ତାଙ୍କର ଗୁରୁତର ଭାବେ ଆଞ୍ଚୁଡି ହୋଇଯାଇଛି। ତାଙ୍କୁ କୁମ୍ଭୀର ମୁହଁରୁ ବଞ୍ଚାଇ ଥିବାରୁ ବୋଥାମ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ପୋଷ୍ଟରେ ହ୍ୟୁଗ୍ସ ଓ ଅନ୍ୟ ଉଦ୍ଧାରକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଆଗକୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆରେ ଉଭୟ ବୋଥାମ ଓ ହ୍ୟୁଗ୍ସ କମେଣ୍ଟ୍ରି କରିବେ।



ହ୍ୟୁଗ୍ସ

## ବିଶ୍ୱବିଦ୍ୟାଳୟ ଶୁଟିଂ ଚାମ୍ପିୟନଶିପରେ କଳିକେଶ, ଜୟନ୍ତ

ବଲାଙ୍ଗୀର,୧୦।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏନଆରଆଇ)ର ସଭାପତି କଳିକେଶ ସିଂ ଦେଓ ଏବଂ ରାଜନେତା ଜୟନ୍ତ ଚୌଧାରୀ ଦିଲ୍ଲୀର ଡକ୍ଟର କର୍ନି ସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ ଶୁଟିଂ ଚାମ୍ପିଅନଶିପରେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୨୩ ଦେଶରୁ ୨୮୦ ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ଭାରତ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଉଭୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଆଇଟିଏଫ୍ ୱାର୍ଲ୍ଡ ଟେନିସ: ଡାଲିବର ଚାମ୍ପିୟନ

ଭୁବନେଶ୍ୱର,୧୦।୧୧(ସରୋଜ ଜେନା)

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ଏକ ନମ୍ବର ସିଡ୍‌ର ମାନ୍ୟତା ପାଇଥିବା ଚେକ୍ ରିପବ୍ଲିକ୍‌ର ଡାଲିବର ସ୍ୱିକ୍ରିନା ୬-୨, ୬-୦ରେ ଟୁର୍ନାମେଣ୍ଟରେ ସପ୍ତମ ସିଡ୍‌ର ମାନ୍ୟତା ପାଇଥିବା ଆମେରିକାର ନିକ୍ ଚାପେଲଙ୍କୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଟୁର୍ନାମେଣ୍ଟ ବିଜୟୀ ହୋଇଥିବା ଡାଲିବରଙ୍କୁ ୩୬୦୦ ଡଲାରର ପୁରସ୍କାର ରାଶି ସହିତ ୨୫ ଏଟିପି ସିଙ୍ଗଲ୍ସ ପଏଣ୍ଟ ହାସଲ କରିଥିଲେ। ଅନ୍ୟପକ୍ଷରେ ରନର୍ ଅପ୍ ରହିଥିବା ନିକ୍ ୨୧୨୦ ଡଲାର ସହିତ ୧୬ ଏଟିପି ସିଙ୍ଗଲ୍ସ ପଏଣ୍ଟ ହାସଲ କରିଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ ଓଟିଏ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅସିତ କୁମାର ତ୍ରିପାଠୀ ଓ ଅବସରପ୍ରାପ୍ତ ଆଇପିଏସ୍ ତଥା ଅବୈତନିକ ସମ୍ପାଦକ ଡ. ସତ୍ୟଜିତ ମହାନ୍ତି ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ରହିଥିବା ସଞ୍ଜୀବ ପଣ୍ଡା, ଓଟିଏ ଉପ ସଭାପତି ବ୍ରହ୍ମାନନ୍ଦ ମିଶ୍ର, ଆଇଟିଏଫ୍ ସୁପରଭାଇଜର ଅଭିଷେକ ମୁଖାର୍ଜୀ, ସହକାରୀ ସୁପରଭାଇଜର ପ୍ରବୀଣ କୁମାର ନାୟକ, ଓଟିଏ ମ୍ୟାନେଜର ବିସ୍ମୟ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନରଅପ୍ ଖେଳାଳି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା–୮+୬
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୧/୨୦୨୪ (୮+୬=୧୪ ପୃଷ୍ଠା) Bhubaneswar, Monday, November 11/2024 Page 14 ₹ 7.00 BALASORE
୫୦ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 346 ମୂଲ୍ୟ ₹୭/-

## ମାଣବସା ଗୁରୁବାରରେ ମାଣ୍ଡିଆ ଭୋଗ ଲଗାଅ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)

### ୨ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ତୃତ ଖାଦ୍ୟ ସମ୍ମିଳନୀ' ଉଦ୍‌ଘାଟିତ

ରାଜ୍ୟରେ ମିଲେଟ ଜାତୀୟ ଫସଲର ଉତ୍ପାଦନ ଏବଂ ବ୍ୟବହାରକୁ ବୃଦ୍ଧି କରାଯିବ। ଓଡ଼ିଶାକୁ ଭାରତର ମିଲେଟ ହବ୍‌ରେ ପରିଣତ କରାଯିବ। ଏଥିପାଇଁ ଚଳିତ ବର୍ଷ ବଜେଟରେ ୬୪୯ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏହା ସହିତ ମାଣବସା ଗୁରୁବାରରେ ମାଣ୍ଡିଆକୁ ଭୋଗ ଭାବେ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳାମାନଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ରବିବାର ଲୋକସେବା ଭବନ କନଭେନ୍‌ଶନ ସେଣ୍ଟରଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ୨ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ତୃତ ଖାଦ୍ୟ ସମ୍ମିଳନୀ'କୁ ଉଦ୍‌ଘାଟନ କରି କହିଛନ୍ତି, ପୁଷ୍ଟିଶସ୍ୟ ଓ ଚାଷ ପ୍ରଣାଳୀ ଆମ ଆଦିବାସୀ ଜନଜାତି ସମ୍ପ୍ରଦାୟଙ୍କ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ପୁଷ୍ଟିଶସ୍ୟର ପ୍ରାଚୀନତା ଏବଂ ଆମ ସଂସ୍କୃତି ଓ ଐତିହ୍ୟ ସହିତ ଏହାର ନିବିଡ଼ତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ 'ଶ୍ରୀଅନ୍ନ' ଭାବେ ନାମିତ କରିଛନ୍ତି। ପୁଷ୍ଟିଶସ୍ୟ ବା ଶ୍ରୀଅନ୍ନ ଜାତୀୟ ଫସଲ ଆମ ରାଜ୍ୟରେ କୃଷିର ଏକ ଅଭିନ୍ନ ଅଂଶବିଶେଷ। ଜଳବାୟୁ ସହିଷ୍ଣୁତା ଗୁଣ ସହ ମାଣ୍ଡିଆ ଏବଂ ଅନ୍ୟାନ୍ୟ ପୁଷ୍ଟିଶସ୍ୟଗୁଡ଼ିକ ପୁଷ୍ଟି ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଅବିଭକ୍ତ କୋରାପୁଟ ଜିଲାରୁ ଆରମ୍ଭ ହୋଇଥିବା ଏହି ଶ୍ରୀଅନ୍ନ ଚାଷ ଆଜି ସାରା ଦେଶରେ ଏକ ବିପ୍ଳବର ରୂପ ନେଇଛି ଏବଂ ବର୍ତ୍ତମାନ ସାରା ରାଜ୍ୟରେ ଶ୍ରୀଅନ୍ନ ଚାଷ ହେଉଛି। ପ୍ରାୟ ୧୭୭ ବ୍ଲକରେ ଏହି ଚାଷକୁ ସମ୍ପ୍ରସାରଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭାରତରେ ପ୍ରାୟ ୧୪ ପ୍ରକାର ପୁଷ୍ଟିଶସ୍ୟ ଶ୍ରୀଅନ୍ନ ଭାବେ ମାନ୍ୟତା ପାଇଛି। ସେଥିମଧ୍ୟରୁ ବାଜରା, ଜୱାର, ମାଣ୍ଡିଆ ସବୁଠାରୁ ଅଧିକ ଆଦୃତ। ଓଡ଼ିଶାରେ ମାଣ୍ଡିଆ ସବୁଠାରୁ ଅଧିକ ଉତ୍ପାଦନ ହେଉଥିବା ବେଳେ ସୁଆଁ, କାଙ୍ଗୁ, କୋଦ, ଜହ୍ନା ପରି ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଫସଲ ମଧ୍ୟ ବହୁଳ ଭାବେ ଚାଷ କରାଯାଉଛି। ଏସବୁ ପୁଷ୍ଟିଶସ୍ୟ ଗ୍ଲୁଟେନମୁକ୍ତ, ଅଧିକ ସ୍ନେହସାର, ଆଣ୍ଟି-ଅକ୍ସିଡାଣ୍ଟ ଏବଂ ବହୁତ କମ୍ ଗ୍ଲାଇସେମିକ୍ ସୂଚକାଙ୍କ ଧାରକ ହୋଇଥିବା ଯୋଗୁ ଏହା ମଧୁମେହ ରୋଗ ପ୍ରତିରୋଧ କରିବା ସହିତ ☞ପୃଷ୍ଠା–୫

## ଅନାସ୍ଥା ପୂର୍ବରୁ ବିଷ ପିଇଲେ ସରପଞ୍ଚ

ବରଗଡ଼/ଗାଇସିଲେଟ୍,୧୦।୧୧ (ପ୍ରେମାନନ୍ଦ ଖମାରୀ/ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ତାଲପାଲି ପଞ୍ଚାୟତର ସରପଞ୍ଚ ଉର୍ମିଳା ସେଠ ରବିବାର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବିଷକ୍ରିୟାରୁ ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ବୈଠକର ୨ଦିନ ପୂର୍ବରୁ ସରପଞ୍ଚ ସେଠଙ୍କ ଏଭଳି ଆତ୍ମହତ୍ୟା ଉଦ୍ୟମକୁ ନେଇ ସବୁଆଡ଼େ ଚର୍ଚ୍ଚା ହେଉଛି। ଗାଇସିଲେଟ୍ ପୋଲିସ କୀଟନାଶକ ବୋତଲକୁ ଜବତ କରିଛି। ତେବେ ସେ କୀଟନାଶକ ପିଇଛନ୍ତି କି ନାହିଁ ଡାକ୍ତରୀ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଗାଇସିଲେଟ୍ ଥାନା ଏସ୍‌ଆଇ ପ୍ରଦୀପ କୁମାର ତ୍ରିପାଠୀ କହିଛନ୍ତି। ସେହିପରି ଆସନ୍ତା ୧୨ତାରିଖରେ ଅନାସ୍ଥା ଭୋଟ କାର୍ଯ୍ୟକ୍ରମ ରହିଛି ବୋଲି ଗାଇସିଲେଟ୍ ବିଡିଓ ଲକ୍ଷ୍ମଣ ମାଝୀ କହିଛନ୍ତି।

ତାଲପାଲି ପଞ୍ଚାୟତ ୧୬ ୱାର୍ଡକୁ ନେଇ ଗଠିତ। ଗତ ପଞ୍ଚାୟତ ନିର୍ବାଚନରେ ଏଠାରୁ ସେମେଲମୁଣ୍ଡା ଗ୍ରାମର ଉର୍ମିଳା ସେଠ ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେ ବିଜେଡି ସମର୍ଥିତ ପ୍ରାର୍ଥୀ ଥିଲେ। ଅନ୍ୟପଟେ ଉକ୍ତ ପଞ୍ଚାୟତରେ ତାଙ୍କ କାର୍ଯ୍ୟକଳାପକୁ ନେଇ ୱାର୍ଡସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସରପଞ୍ଚ ସେଠଙ୍କ ବଦଳରେ ତାଙ୍କ ସ୍ୱାମୀ ନିରାକାର ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରିବା ସହିତ ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଆସୁଥିଲେ ବୋଲି ୱାର୍ଡସଭ୍ୟମାନେ ଅଭିଯୋଗ କରି ଆସୁଥିଲେ। ଇତିମଧ୍ୟରେ ଉକ୍ତ ପଞ୍ଚାୟତର ୱାର୍ଡ ନଂ-୧୩ (ଜନକେଡ଼ା)ର ସଭ୍ୟ ମନ୍ଦୋଦରୀ ବରିହାଙ୍କ ଦେହାନ୍ତ ହୋଇଥିବାବେଳେ ଅନ୍ୟ ୧୫ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚ ☞ପୃଷ୍ଠା–୫

## ଗାଡ଼ି ମଡ଼ାଇ ଡବଲ ମର୍ଡର

### ଜମିବାଡ଼ି ବିବାଦରୁ ବଡ଼ବାପା, ଭାଉଜଙ୍କୁ ମାରିଦେଲେ

କେନ୍ଦୁଝର/ ରାମଚନ୍ଦ୍ରପୁର/ ଆନନ୍ଦପୁର (ନରେଶ ଚନ୍ଦ୍ର ପଟ୍ଟନାୟକ/ ଗଣେଶ୍ୱର ସା/ ସୁଶାନ୍ତ କୁମାର ସାହୁ), ୧୦।୧୧

କେନ୍ଦୁଝର ଜିଲା ଘଷିପୁରା ଥାନା ନଦୁଆଁ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ଟିପ୍ପର ଚଢ଼ାଇ ୨ ଜଣଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ପାଣୁ ପୃଷ୍ଟି(୭୨) ଓ ସଞ୍ଜୁଲତା ପଲେଇ(୪୫)। ମୃତକ ଦ୍ୱୟ ସମ୍ପର୍କରେ ଅଭିଯୁକ୍ତଙ୍କ ବଡ଼ବାପା ଓ ଭାଉଜ ବୋଲି ଜଣାପଡ଼ିଛି। ପୋଲିସ ଗାଡ଼ି ଜବତ କରିବା ସହ ଅଭିଯୁକ୍ତ ଭଞ୍ଜ ପୃଷ୍ଟି(୪୦)ଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଥାନା ଆଗରେ ରୁଣ୍ଡ ହୋଇ ହୋହାଲ୍ଲା କରିଛନ୍ତି।

ସୂଚନା ଅନୁଯାୟୀ, ପାଣୁ ଓ ତାଙ୍କ ୩ ଭାଇଙ୍କ ମଧ୍ୟରେ ଜମି ଓ ଘରବାଡ଼ି ବଣ୍ଟାକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ପାଣୁ ଓ ଭଞ୍ଜଙ୍କ ବାପା ଦୁଇଭାଇ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ଜମି ଭାଗବଣ୍ଟାରେ କୌଣସି ସମାଧାନ ହୋଇପାରୁ ନ ଥିଲା। ଭାଗବଣ୍ଟାରେ ବଡ଼ବାପା ପାଣୁ ସମସ୍ୟା କରୁଥିବାରୁ ତାଙ୍କ ପରିବାରକୁ ଗାଡ଼ି ଚଢ଼ାଇ ହତ୍ୟା କରିବା ନେଇ ଭଞ୍ଜ ବିଭିନ୍ନ ସମୟରେ ଧମକ ଦେଉଥିଲେ। ରବିବାର ଉକ୍ତ ଘଟଣାକୁ ନେଇ ଭଞ୍ଜ ଓ ପାଣୁଙ୍କ ପରିବାର ☞ପୃଷ୍ଠା–୫



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮୦,୦୦୦ ଡଲାର ଉପରେ ବିଟ୍ କଏନ୍

**ନୂଆଦିଲ୍ଲୀ,୧୦।୧୧**

ବର୍ତ୍ତମାନ ସମୟରେ ବିଟ୍ କଏନ୍ କାରବାରକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜାରି ରହିଛି। ଏପରିକି ପ୍ରଥମ ଥର ପାଇଁ ବିଟ୍ କଏନ୍‌ର ମୂଲ୍ୟ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ରବିବାର ବିଟ୍ କଏନ୍ ମୂଲ୍ୟରେ ୪.୭% ବୃଦ୍ଧି ଘଟି ୮୦,୦୯୨ ଡଲାରରେ ପହଞ୍ଚିଛି। ଏହା ପୂର୍ବରୁ ବିଟ୍ କଏନ୍‌ର ମୂଲ୍ୟ ୭୯,୭୦୦ ଡଲାର ଥିଲା।



ସେହିଭଳି ଗତ କିଛି ସପ୍ତାହ ହେବ ବିଶ୍ୱସ୍ତରରେ ଡିଜିଟାଲ କାରବାର (କ୍ରିପ୍ଟୋକରେନ୍ସି)ରେ ସୁଧାର ଆସିଥିଲାବେଳେ ବିଭିନ୍ନ ବର୍ଗର ନିବେଶକ ଡିଜିଟାଲ କାରବାରକୁ ଅଧିକ ସୁରକ୍ଷିତ ଓ ଶକ୍ତିଶାଳୀ ମନେ କରୁଥିବାରୁ ଉଭୟ ବଜାର ଓ ବ୍ୟବସାୟୀ ଡିଜିଟାଲ କାରବାରରେ ନିବେଶ କରୁଛନ୍ତି। ଫଳରେ ବିଟ୍ କଏନ୍‌ର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଅପରପକ୍ଷରେ ଆମେରିକାର ପ୍ରେସିଡେଣ୍ଟ ନିର୍ବାଚନ ଓ ଟ୍ରମ୍ପଙ୍କ ଐତିହାସିକ ବିଜୟ ଫଳାଫଳ ମଧ୍ୟ ଡିଜିଟାଲ କାରବାର ଓ ବିଟ୍ କଏନ୍ ମୂଲ୍ୟର ଅନ୍ୟତମ ପ୍ରମୁଖ କାରଣ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ଦୀର୍ଘ ଦିନ ଧରି ଚର୍ଚ୍ଚା ପରିସରରୁ ବାହାରି ଯାଇଥିବା ବିଟ୍ କଏନ ପୁନର୍ବାର ବଜାରରେ ଉତ୍ସାହ ଭରି ଦେଇଛି ବୋଲି ଡିଜିଟାଲ ବଜାରର ନିବେଶକମାନେ ମତବ୍ୟକ୍ତ କରିଛନ୍ତି। ଏପରିକି ଗତ ଦୁଇ ବର୍ଷ ହେବ ଡିଜିଟାଲ କାରବାରର ଚାହିଦା ପୂର୍ବାପେକ୍ଷା ଅଧିକ ବଢିଥିବାବେଳେ ବିଟ୍ କଏନ୍‌ର ମୂଲ୍ୟ ମଧ୍ୟ ସେହି ତୁଳନାରେ ପ୍ରାୟ ୯୧%ବଜାର ଅଂଶ ଯୋଗଦାନ କରି ମୂଲ୍ୟ ବୃଦ୍ଧିରେ ଯଥେଷ୍ଟ ଅଭିବୃଦ୍ଧି ହାସଲ କରିଛି।

# ମହିନ୍ଦ୍ରା ଇଲେକ୍ଟ୍ରିକ୍ ଏସ୍ୟୁଭିର ଟିଜର ରିଲିଜ

**ନୂଆଦିଲ୍ଲୀ,୧୦।୧୧**




ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମ୍ ଆଣ୍ଡ ଏମ୍ ବା ମହିନ୍ଦ୍ରା)ର ବହୁ ପ୍ରତୀକ୍ଷିତ ଯାନ ତଥା ଇଲେକ୍ଟ୍ରିକ୍ ଏସ୍ୟୁଭି 'ଏକ୍ସଇଭି ୯ଇ ଓ ବିଇ ୬ଇ'ର ଟିଜର ରିଲିଜ ନିକଟରେ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୨୬ରେ ଏହାର ଅନଲିମିଟ୍ ଇଣ୍ଡିଆ ୱାର୍ଲଡ୍ ପ୍ରିମିୟର କାର୍ଯ୍ୟକ୍ରମ ଚେନ୍ନାଇଠାରେ ଅନୁଷ୍ଠିତ ହେବାକୁ ଯାଉଛି।

ସେହିଭଳି ଇଲେକ୍ଟ୍ରିକ୍ ଅରିଜିନ୍ ଆଇଏନ୍‌ଜିଏଲ୍‌ଓ ଢାଞ୍ଚାରେ ନିର୍ମିତ ଏହି ୨ଟି ମଡେଲକୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯିବ। ଏପରିକି ଆଇଏନ୍‌ଜିଏଲ୍‌ଓ ଢାଞ୍ଚାରେ ପ୍ରସ୍ତୁତ କରାଯାଇଥିବା ଏହି ମଡେଲ ଦ୍ୱୟ ଗ୍ରାହକଙ୍କ ହୃଦୟରେ ଭାରତୀୟ ଓ ଆଭିମୁଖ୍ୟ ବିଶ୍ୱସ୍ତରୀୟ ହୋଇଥିବାବେଳେ ଏଥିରେ ବିଭିନ୍ନ ଇଣ୍ଟେଲିଜେଣ୍ଟ ଓ ଆକର୍ଷଣୀୟ ନବସୃଜନ ଅନ୍ତର୍ଭୁକ୍ତ ରହିଛି। ଏହି ଶ୍ରେଣୀର ଅଗ୍ରଣୀ ସୁରକ୍ଷା ମାନକଠାରୁ ଆରମ୍ଭ କରି ଉନ୍ନତ ପ୍ରଦର୍ଶନ, ରେଞ୍ଜ ଓ ଦକ୍ଷତା ସହିତ ଆଇଏନ୍‌ଜିଏଲ୍‌ଓକୁ ବିବିଧ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ସେହିପରି ଏକ୍ସଇଭି ୯ଇ ବିଳାସପୂର୍ଣ୍ଣ ଇଲେକ୍ଟ୍ରିକ୍ ଯାନକୁ ପୁନଃ ପରିକଳ୍ପନା ଏବଂ ବିଇ ୬ଇ ବଳିଷ୍ଠ, ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ପ୍ରଦାନ କରିବ।


## ତୃତୀୟ ଜନ୍ମ ଦିନର ଶୁଭେଚ୍ଛା



**ଅକ୍ଷିତ ଅନୁରାଗ (ରିଷୁ)**

ଆଜି ତୋର ତୃତୀୟ ଜନ୍ମ ଦିନରେ ପରମ ପିତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଜଣାଉଛୁ କି ତୋର ଚଲାପଥ ନିଷ୍କଣ୍ଟକ ଓ କୁସୁମିତ ହେଉ।

ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ

ଧ-୧୯୧୩


# ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟରିଚ ପ୍ରୋଗ୍ରାମ

**ଭୁବନେଶ୍ୱର,୧୦।୧୧ (ଅଭୟ ଦାଶ)**

ଦେଶର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରର ହିତାଧିକାରୀମାନେ ସବଳ ହେବାର ଆବଶ୍ୟକତା ରହିଛି। ଏପରିକି ଘରୋଇ ବଜାରରେ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ମାଇକ୍ରୋ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ ବା ଏମ୍‌ଏସ୍‌ଏମ୍‌ଇ)ର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ବେଙ୍ଗାଲୁରୁର ପିନିଆ କ୍ଲଷ୍ଟରଠାରେ ଆୟୋଜିତ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟରିଚ ପ୍ରୋଗ୍ରାମରେ ଯୋଗ ଦେଇ ଏଭଳି କିଛି କହିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବା ସହ ଏମ୍‌ଏସ୍‌ଏମ୍‌ଇ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଏବଂ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ କିଛି ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସେହିପରି ଚଳିତ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକ ଋଣ ଦେବାକୁ ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଦେଶର ୧୪୯ଟି ସ୍ଥାନ ଏବଂ ଓଡ଼ିଶାର ୬ଟି ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟରିଚ ପ୍ରୋଗ୍ରାମ ଏକା ସାଙ୍ଗରେ ଆୟୋଜନ କରାଯାଇଥିଲା। ଏପରିକି ବେଙ୍ଗାଲୁରୁର ପିନିଆ କ୍ଲଷ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଝୀ ବିହାରର ଗୟାରୁ ଭିଡିଓ କନଫରେନ୍ସ (ଭିସି) ମାଧ୍ୟମରେ ଅଂଶଗ୍ରହଣ କରିଥିଲାବେଳେ ବେଙ୍ଗାଲୁରୁରେ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ସହ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଏବଂ ଡିଏଫ୍‌ଏସ୍ ସଚିବ ମଧ୍ୟ ଉପସ୍ଥିତ ଥିଲେ।

ସେହିଭଳି ଓଡ଼ିଶାରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଓଡ଼ିଶାର ଆବାହକ ୟୁକୋ ବ୍ୟାଙ୍କ ପକ୍ଷରୁ ୬ଟି ଏଲ୍‌ଡିଏମ୍ ଓ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ବ୍ରହ୍ମଗିରି, ବରଗଡ଼ ଓ ରମ୍ଭାଠାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରିକି ସମସ୍ତେ ଭିସି ମାଧ୍ୟମରେ ବେଙ୍ଗାଲୁରୁ ସହିତ ସଂଯୁକ୍ତ ହୋଇଥିଲେ। ଯେଉଁଠାରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୫୦ ଏମ୍‌ଏସ୍‌ଏମ୍‌ଇ ଗ୍ରାହକ ଏବଂ ବ୍ୟାଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏପରିକି ସମସ୍ତ ୬ଟି ସ୍ଥାନରେ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜୋନାଲ ହେଡମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଟ୍ରେଡରଙ୍କୁ ସହଯୋଗ କରିବ ଟିଁବିଟି

**ନୂଆଦିଲ୍ଲୀ,୧୦।୧୧**

ଭାରତର ଅନ୍ୟତମ ଉଚ୍ଚ ରେଟିଂ ଟ୍ରେଡିଂ ଆପ୍ 'ଅପଷ୍ଟକ୍ସ' ପକ୍ଷରୁ ଟିକ୍ ବାଏ ଟିକ୍ ବା ଟିଁବିଟି ଡାଟାର ଶକ୍ତି ଥିବା ଉନ୍ନତ ଟ୍ରେଡିଂ ବୈଶିଷ୍ଟ୍ୟକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଟିଁବିଟି ଇଞ୍ଜିନ୍ ଭାବେ ନାମକରଣ କରାଯାଇଥିବା ଏହି ବୈଶିଷ୍ଟ୍ୟ, ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଷ୍ଟକ୍ ବଜାର ବ୍ୟବସ୍ଥାରେ ଅପ୍‌ଷ୍ଟକ୍ସର ନେତୃତ୍ୱକୁ ଆହୁରି ସୁଦୃଢ଼ କରିବ। ୨୦୨୪ ଜୁନ୍ ସୁଦ୍ଧା ଭାରତର ଖୁଚୁରା ନିବେଶକ ସଂଖ୍ୟା ୧୬.୨ କୋଟିକୁ ବୃଦ୍ଧି ପାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଇକ୍ୱିଟି କ୍ୟାଶ ବର୍ଗରେ ସେମାନଙ୍କ ଅବଦାନ ୩୫.୯% ରହିଛି, ତେବେ ୨୦୨୪ମାର୍ଚ୍ଚ ସୁଦ୍ଧା ଏଫ୍‌ଆଣ୍ଡଓ କ୍ଷେତ୍ରରେ ମାସିକ କାରବାର ୮୭୪୦କୋଟି ଟଙ୍କାରେ ପହଞ୍ଚିଛି। ସୀମିତ ଅର୍ଡର ଦେବା, ଅର୍ଡର କାର୍ଯ୍ୟକାରୀ ସଫଳତାରେ ଉନ୍ନତି ଆଣିବା, କ୍ଷତି କମ୍ କରିବା ଏବଂ ଅଭିଜ୍ଞଙ୍କ ଭଳି ଟ୍ରେଡିଂ କରିବାରେ ଟ୍ରେଡରମାନଙ୍କ ଲାଗି ସହାୟକ ହେବା ପାଇଁ ଅପଷ୍ଟକ୍ସ ପକ୍ଷରୁ ଟିଁବିଟି ଇଞ୍ଜିନର ଶୁଭାରମ୍ଭ କରାଯାଇଛି। ଠିକ୍ ଟ୍ରେଡିଂ କରିବାରେ ଟ୍ରେଡରଙ୍କୁ ସହଯୋଗ କରିବାର ମିଶନ ଅନୁସାରେ ଏହାକୁ ଆରମ୍ଭ କରାଯାଇଛି ଏବଂ ଏହା ରିଟେଲ୍ ଟ୍ରେଡରମାନଙ୍କ ପାଖରେ ଉଚ୍ଚ ମାନର ଡାଟା ପହଞ୍ଚାଉଛି, ଯାହା ପୂର୍ବରୁ କେବଳ ସଂସ୍ଥାଗତ ନିବେଶକମାନଙ୍କ ଲାଗି ସଂରକ୍ଷିତ ରହିଥିଲା। ଅର୍ଡରକୁ ସଫଳତାର ସହ କାର୍ଯ୍ୟକାରୀ କରିବା, ରଣନୀତିରେ ଉନ୍ନତି ଆଣିବା ଏବଂ ବିପଦ କମ୍ କରିବା ଲାଗି ଟିଁବିଟି ଇଞ୍ଜିନ୍ ବ୍ୟବହାରକାରୀମାନଙ୍କୁ ଶକ୍ତିଶାଳୀ ଟୁଲ୍‌ସ ଓ ସୂଚନା ପ୍ରଦାନ କରୁଛି। ଅପଷ୍ଟକ୍ସର ସହ ପ୍ରତିଷ୍ଠାତା ତଥା ସିଇଓ ରବି କୁମାର କହିଛନ୍ତି, ଭାରତର ଖୁଚୁରା ଟ୍ରେଡିଂ ଦୃଶ୍ୟପଟରେ ଉଦୟ ହେଉଥିବା ବେଳେ ସୂକ୍ଷ୍ମ ଓ ବାସ୍ତବ ସମୟ ଡାଟା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଟିଁବିଟି ଇଞ୍ଜିନ ଜରିଆରେ ଟ୍ରେଡରମାନଙ୍କୁ ବୁଦ୍ଧିମାନ ଓ ସୂଚନା ଆଧାରରେ ନିଷ୍ପତ୍ତି ଗ୍ରହଣ କରିବା ଲାଗି ଆବଶ୍ୟକ ସମୃଦ୍ଧ ଟୁଲ୍ ପ୍ରଦାନ କରି ଆମେ ରିଟେଲ ଓ ସଂସ୍ଥାଗତ ଟ୍ରେଡିଂ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରୁଛୁ।


# Classified Everyday

0674-2580101, 2549949



## REAL ESTATE

**SALE**

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1907

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ଭୁବନେଶ୍ୱର ନଖରା ତ୍ରିନାଥବଜାର ପାଖରେ ଘରବାରୀ ପ୍ଲଟ୍ ଏବଂ Duplex ମିଳୁଛି। 7855922165. D-76208

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିତୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

Commercial Hall at Bhubaneswar Gajapati Nagar main road side ground floor approx 1000/- sft. near Kalinga Hospital Chhak for sale. Contact Ph No- 7008283108, no brokers. D-1887

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-1906

## HEALTH CARE

Newly open Jyoti SPA positively health benefits (Expert therapist). 8458067955. D-76166

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

## LOST

Notice is hereby given to General Public that, **I, Sri Sarat Chandra Singh** has lost the Original link RSD bearing No.- **11081200755, Dtd.04.01.2012 Executed in favour of Ashalata Sahani,** in respect of Plot No.- 1203 from Khata No.- 533/617, Tahasil- Bhubaneswar, Mouza- Bankuala, Dist.- Khordha, while he was coming from Rasulgarh square to his residence at Pandara lost the original sale deed somewhere and inspite of his best efforts failed to trace the same. Therefore, if any one has found the same, Please Contact- **Advocate, Sri N.C. Pattnaik, Mob- 9853311189, of PNBHFL, At Sahid Nagar, Bhubaneswar,** within **15 days** from the date of the publication, failing which the document will lose its legal force and any misuse of the document will be punishable under law. D-76208

## AFFIDAVIT

By virtue of an affidavit sworn before Notary Public, Bhubaneswar on dated 10th November, 2024, I, Shema Zabid, Address Plot No.-B1-99, Lingaraj Vihar, Pokhariput, P.S.-Airfield, Bhubaneswar, Dist.-Khurda, Odisha, PIN-751020, declare that I have changed my name from Shama Sultana Niazo to Shema Zabid. Henceforth, I shall be known as Shema Zabid for all purposes.
Shema Zabid
D-1904

By virtue of an affidavit sworn before Executive Magistrate Bhadrak, I, Amulya Mohalik(52) Vill-Kasati, P.o.-Talagopabindha, P.s.- Tihidi, Dist.- Bhadrak, Odisha, Pin- 756116. In my daughters Aadhaar Card bearing No.- 213510059576 her name is mentioned Dibyarupa Mohalik. I declare that I have changed my daughters name from DIBYARUPA MOHALIK to DIBYARUPA MAHALIK . Henceforth She shall be known as Dibyarupa Mahalik for all purposes. D-1912

ଆମ୍ଭେ ସଂଯୁକ୍ତା ନାୟକ ଓରଫ ମଞ୍ଜୁଲତା ନାୟକ, ସ୍ୱାମୀ- ସମ୍ଭୁନାଥ ନାୟକ, ଗ୍ରାମ/ପୋ.ଅ- ଜାମୁଝାଡ଼ି, ଭାୟା/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା ୨୫।୦୧।୨୦୨୪ରିଖରେ ସିମୁଳିଆ ତହସିଲଦାରଙ୍କ ଇଜିଲାସରେ କରିଥିବା ସତ୍ୟପାଠ ନଂ.-୨୨୨ ଓ ୨୪୬ ମୂଳେ ଘୋଷଣା କରୁଅଛୁକି ଉପରୋକ୍ତ ଦୁଇଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ସଂଯୁକ୍ତା ନାୟକ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବାବେଳେ ଆମ୍ଭେ ଗତ ତା ୦୫।୦୩।୨୦୧୫ରିଖରେ ଆମ୍ଭର ଡାକ ନାମ ମଞ୍ଜୁଲତା ନାୟକ ନାମରେ ସିମୁଳିଆ ପୋଷ୍ଟ ଅଫିସରୁ କେତେକ କେ.ଭି.ପି. କ୍ରୟ କରିଥିଲୁ। ଉକ୍ତ ଦୁଇ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ କେ.ଭି.ପି. ଟଙ୍କା ଉଠାଇବା ପାଇଁ ଏହା ପ୍ରକାଶ କରୁଅଛୁ। ଧ-୧୯୦୩

I, Nirupama Pradhan, Wife of Mr. Dipti Ranjan Swain, resident of SWAIN HOUSE, At/P.O.- Ukundara, Dist.- Jagatsinghpur, Pin-754111, Odisha declare by this affidavit No.- 73AA 654197 dtd.- 08.11.2024 that now onwards I shall be known as NIRUPAMA SWAIN for all future purposes. D-1908

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର ଆର୍.ପି.କେସ୍ ନଂ.-୧୬୯୬/୨୦୧୫

ଶ୍ରୀ ମୀନାକ୍ଷୀ ଟେକ୍ସଟାଇଲ୍ସ ପ୍ରାଇଭେଟ ଲିମିଟେଡ୍ .....ବାଦୀ

ବନାମ

ଏନ. ରାମା ରାଓ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୧. ଏନ ରାମା ରାଓ, ୨. ଏନ. ମୁରଲୀଧର ରାଓ, ଉଭୟଙ୍କର ପିତା ଏନ. ଲକ୍ଷ୍ମୀନାରାୟଣ ନାଇଡୁ, ସା- ପେନସନ ଲେନ, ଥାନା/ଜିଲ୍ଲା- କଟକ, ୩. ଶରତ କୁମାର ଦାସ, ୪. ନାରାୟଣ ଦାସ, ଉଭୟଙ୍କର ପିତା ଚିନ୍ତାମଣି ଦାସ, ଉଭୟ ପ୍ରତିବାଦୀମାନଙ୍କର ବାସସ୍ଥାନ ଗ୍ରାମ- ହରପୁର, ପୋଷ୍ଟ- ଯାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୩ ଏବଂ ୪ ନୋଟିସ ଜାରି ହୋଇ ମୃତ ଥିବା ହେତୁ, ଏବଂ ପ୍ରତିବାଦୀ ନଂ.-୧ ଏବଂ ୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୬।୧୧।୨୦୨୪ ଦିବା ୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ହରପୁର, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୪୦, ସାବକ ପ୍ଲଟ୍ ନଂ.-୫୮, ସିକିମ ଖାତା ନଂ.-୧୭, ଏରିଆ- ଏ୦.୧୦୯ଡି., ହାଲ୍ ଖାତା ନଂ.-୧୬୫, ହାଲ୍ ପ୍ଲଟ୍ ନଂ.-୮୦, ଏରିଆ- ପାର୍ଟ ।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୯୦୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଫେସର ଡ. ଶ୍ରୀନିବାସ ମିଶ୍ର**
ପ୍ଲଟ୍ ନଂ.-୨୧୨, ଶହୀଦନଗର, ଭୁବନେଶ୍ୱର
ଆବିର୍ଭାବ: ତା୨୬।୧୦।୧୯୨୭
ତିରୋଧାନ: ତା୨୨।୧୧।୨୦୨୩
ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପ୍ରଦ ମନୋଭାବ ଅବିସ୍ମରଣୀୟ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଜାମାତା, କନ୍ୟା, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ।**
ଧ-୧୮୯୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ**



**୰ଦଉହରି ନାୟକ**
ନାରୀଗାଁ, ମଙ୍ଗଳପୁର, ଯାଜପୁର, N-6/386, IRC Village, Bhubaneswar
ଆବିର୍ଭାବ: ୧୬।୦୨।୧୯୪୭
ତିରୋଧାନ: ୨୨।୧୧।୨୦୨୩
କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ତିଥି ତା ୧୧।୧୧।୨୦୨୪ରିଖ ବିଶିଷ୍ଟ ସମାଜସେବୀ, ନାରୀଗାଁ ହାଇସ୍କୁଲର ପ୍ରତିଷ୍ଠାତା ସଭ୍ୟ ତଥା ପ୍ରଥମ ସମ୍ପାଦକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତୁମର ଆତ୍ମା ଶାନ୍ତିରେ ରହୁ ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୯୧୦

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପୀନାଥ ପଣ୍ଡା**
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର
ତିରୋଧାନ: କାର୍ତ୍ତିକ ବଡ଼ ଦଶମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
ତମର ପିଲାମାନେ ।
ଧ-୧୯୦୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ନବଘନ ବେହେରା**
ଜନ୍ମସ୍ଥାନ- ବନପ୍ରଭା, ଗଣେଶ୍ୱରପୁର, ଗୋପ
ଆବିର୍ଭାବ: ୧୩।୦୨।୧୯୫୦
ତିରୋଧାନ: କାର୍ତ୍ତିକ ଦଶମୀ ୨୨।୧୧।୨୦୨୩
ବାପା ତୁମର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ଶୁଭଆଶୀର୍ବାଦ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୧୯୧୧

## ଟ୍ରାକ୍ଟର ଧକ୍କାରେ ବାଳକଙ୍କ ମୃତ୍ୟୁ

ସୋର, (ଜନ୍ମେଜୟ ମିଶ୍ର)-ସୋର ଥାନା ମାଣିପୁରଠାରେ ରବିବାର ଟ୍ରାକ୍ଟର ଧକ୍କାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ହେଲେ ସୋର ଥାନା ଆଙ୍କୁଣି ଗ୍ରାମର ସୁବାସ ବିଜୁଳିଙ୍କ ପୁଅ ରୋହିତ ବିଜୁଳି (୧୫)। ସେ ରାସ୍ତାରେ ଯାଉଥିବା ବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ମୃତ୍ୟୁ ଘଟିଛି। ସୋର ପୋଲିସ ଶବ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଏହା ସୋର ଥାନାରେ ମାମଲା(ନଂ. ୯୩୪/୨୪) ରୁଜୁ ହୋଇଛି।

**ବାଲେଶ୍ୱର**

## ମାଛଧରାକୁ ନେଇ ଗଣ୍ଡଗୋଳ: ଜଣେ ମୃତ

ଖଇରା, ୧୦।୧୧(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ଥାନା ପଳସା ପଞ୍ଚାୟତ ଅଧୀନ ଅର୍ଜୁନପୁର ଗ୍ରାମରେ ମାଛଧରାକୁ ନେଇ ଦୁଇପକ୍ଷ ମଧ୍ୟରେ ଗଣ୍ଡଗୋଳରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟପକ୍ଷରୁ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଦେବେନ୍ଦ୍ର ପ୍ରସାଦ ଦାସ(୭୦)। ସେହିଭଳି ଆହତ ଜଣକ ହେଲେ ଶ୍ରୀତମ ମହାପାତ୍ର। ଗାଁ ନାଳରୁ ମାଛ ଧରିବା ଘଟଣାକୁ ନେଇ ଗୋଟିଏ ପକ୍ଷର ଦିବାକର ଦାସ, ତାଙ୍କ ସ୍ତ୍ରୀ ମନୋରମା, ତରଣୀସେନ ଓ ତାଙ୍କ ପିତା ଦେବେନ୍ଦ୍ର ଦାସଙ୍କ ସହ ଅନ୍ୟପକ୍ଷର ଶ୍ରୀକାନ୍ତ ମହାପାତ୍ର ଓ ତାଙ୍କ ସମର୍ଥକଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଠେଲାପେଲା ଯୋଗୁ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ପୁଅ ତରଣୀସେନ ଅଭିଯୋଗ କରିଥିବା ବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅପରପକ୍ଷ ପକ୍ଷରୁ କୁହାଯାଇଛି।

## ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ସାମିଲ ପାଇଁ ଆହ୍ୱାନ

### ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ମହୋତ୍ସବ

ବାଲେଶ୍ୱର, ୧୦।୧୧(ବାଞ୍ଛାନିଧି ଦେ)



କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ।

ଚଳିତବର୍ଷ ମାଣ୍ଡିଆ ଦିବସ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ରବିବାର ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରି ମାଣ୍ଡିଆ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଅନୁସୂୟା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରିବା ସରକାରଙ୍କ ଲକ୍ଷ୍ୟ। ଏହାଦ୍ୱାରା ପୁଷ୍ଟି ସାଧନ ହେବା ସହ ଚାଷୀ ଲାଭାନ୍ୱିତ ହୋଇପାରିବେ। ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟ ସାମିଲ କରାଇବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ମିଶନ ଶକ୍ତି ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସହକାରୀ କୃଷି ଅଧିକାରୀ ବୌଦ୍ଧିକ ଚାନ୍ଦିନୀ ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ। କୃଷି ଜିଲା ଅଧିକାରୀ ତୁଷାରକାନ୍ତି ତୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ସମ୍ବନ୍ଧୀୟ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଏହି ସମ୍ମିଳନୀରେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲା ଅଧୀନ ବିଭିନ୍ନ ବ୍ଲକରୁ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା।

## ଗୋସେବାରେ ଦମ୍ପତି



ଦେଶୀ ଗାଈଙ୍କ ସେବାରେ ବ୍ୟସ୍ତ ଦମ୍ପତି।

ସୋର, ୧୦।୧୧(ଜନ୍ମେଜୟ ମିଶ୍ର)

ଉଭୟ ଦମ୍ପତିଙ୍କ ବୟସ ୬୫ ଟପିଗଲାଣି। ଦୁଇଜଣଙ୍କ ମଧ୍ୟରେ ଚଞ୍ଚଳତା ଦେଖିଲେ ସତେଯେମିତି ସେମାନଙ୍କ ନିକଟରେ ବୟସ ହାର ମାନିଛି ଭଳି ଅନୁମେୟ ହୁଏ। ଦୀର୍ଘବର୍ଷ ଧରି ନିରବିଚ୍ଛିନ୍ନ ଭାବେ ସେମାନେ ଗୋସେବା କରି ପ୍ରାଣୀସେବା ମହତ ସେବା ବୋଲି ପ୍ରମାଣ କରିଦେଇଛନ୍ତି। ଏଭଳି ଏକ ଦମ୍ପତି ହେଲେ ବାଲେଶ୍ୱର ଜିଲା ସୋର ମ୍ୟୁନିସପାଲିଟି ଅଧୀନ ବାଲେଶ୍ୱର ଗ୍ରାମର ରାମଚନ୍ଦ୍ର ଓଝା(୭୫) ଓ ସ୍ତ୍ରୀ ରମା ଓଝା(୬୮)।
ସେମାନେ କେବେ ବାର୍ଦ୍ଧକ୍ୟକୁ ଅନୁଭବ କରିନାହାନ୍ତି। ସେ ସ୍ଥାନୀୟ ଈଶ୍ୱରପୁର ଗ୍ରାମରେ ରହି ସେଠାରେ ଗୋରୁ ରଖିଛନ୍ତି। ରାମଚନ୍ଦ୍ର ୧୫ବର୍ଷରୁ ମାତ୍ର ୩ରୁ ୪ଟି ଗୋରୁ ରଖିବା ଆରମ୍ଭ କରିଥିଲେ। ସେମାନେ ପାଖାପାଖି ୭୦ଟି ଗୋରୁ ପହଞ୍ଚାଇ ପାରିଥିଲେ। ଏବେ ତାଙ୍କ ପାଖରେ ୪୫ଟି ଗୋରୁ ଥିବା ଜଣାପଡିଛି। ତାଙ୍କର ସମସ୍ତ ଗୋରୁ ଦେଶୀ ଅଟନ୍ତି। ବଡ଼ିଭୋରରୁ ଉଠି ଉଭୟ ଦମ୍ପତି କାମରେ ଲାଗିପଡନ୍ତି। କୁଣ୍ଡା, ଘାସ ଓ ତୋରାଣି ସଂଗ୍ରହ କରି ଗୋରୁମାନଙ୍କୁ ଖାଇବାକୁ ଦେଇଥାନ୍ତି। ତାଙ୍କର ଥିବା ୬ଟି ଦେଶୀ ଗାଈଠାରୁ କ୍ଷୀର ସଂଗ୍ରହ କରି ଏହାକୁ ବିକ୍ରୟ କରି ଜୀବିକା ନିର୍ବାହ କରିଥାନ୍ତି। ଗୋଚର ଜମି ନ ଥିବାରୁ ଗୋରୁ ଚରାଇବା କଷ୍ଟକର ହେଉଥିବା କହିଛନ୍ତି ରାମଚନ୍ଦ୍ର। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଗୋସେବା କରିବେ ବୋଲି ଦମ୍ପତି ପ୍ରକାଶ କରିଛନ୍ତି।

## ଚାଷୀଙ୍କ ହୃଦୟରେ ଅଛନ୍ତି ବୈଜ୍ଞାନିକ ଦେବୀପ୍ରସାଦ

ସିମୁଳିଆ, ୧୦।୧୧(ସନ୍ତୋଷ ନାୟକ)

ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୃତ୍ତିକା ବିଜ୍ଞାନୀ ଡ. ଦେବୀପ୍ରସାଦ ଦାଶଙ୍କୁ ଏହି ବିଜ୍ଞାନକେନ୍ଦ୍ର ପରିସରରେ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ମାଲକାନାଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ରୂପେ ପଦୋନ୍ନତି ପାଇଛନ୍ତି। ଏହି ଅବସରରେ ବିଜ୍ଞାନକେନ୍ଦ୍ରରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ସମସ୍ତ ଜୀବନଜୀବିକା ସହଯୋଗୀ, କୃଷକ ଓ ବିଭିନ୍ନ କର୍ମଚାରୀ ଯୋଗ ଦେଇଥିଲେ। ବୈଜ୍ଞାନିକ ଡ. ଦେବୀପ୍ରସାଦ କୃଷକମାନଙ୍କ ବନ୍ଧୁ, ତାଙ୍କୁ କେବେ ଭୁଲିହେବ ନାହିଁ କିମ୍ବା ବିଦାୟ ଦିଆଯାଇପାରିବ ନାହିଁ, ତାଙ୍କ ପାଇଁ ଚାଷୀମାନଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ, ପୁଣି ସେ ଏହି କେନ୍ଦ୍ରର ମୁଖ୍ୟ ରୂପେ ଯୋଗଦେବେ ବୋଲି ମତପ୍ରକାଶ ପାଇଥିଲା। ବୈଜ୍ଞାନିକ ଦାଶ ନିଜ ବକ୍ତବ୍ୟରେ ଲୋକମାନଙ୍କ ଭଲ ପାଇବା ହିଁ ତାଙ୍କ ଶ୍ରେଷ୍ଠ ପୁରସ୍କାର ବୋଲି ମତବକ୍ତ କରିଥିଲେ। ବୈଜ୍ଞାନିକ ଡ. ଦେବୀପ୍ରସାଦ ଗତ ୨୦୦୪ରେ ନିଜ କର୍ମଜୀବନ ଆରମ୍ଭ କରିଥିଲେ। ଗତ ୨୦୦୫ରୁ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେବା ସହିତ କୃଷକମାନଙ୍କ ମଧ୍ୟରେ ଏହି ଧାରଣା ପ୍ରବେଶ କରାଇଥିଲେ। ବୈଜ୍ଞାନିକ ଡ. ଦେବୀପ୍ରସାଦ ଗତ ୨୦୦୯ରେ ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ର ଓ ପରେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ଗତ ୨୦୧୪ ରୁ ଗତ ୧୦ବର୍ଷ ଧରି ମୃତ୍ତିକା ବୈଜ୍ଞାନିକ ରୂପେ କାର୍ଯ୍ୟ କରିଥିଲେ।



ବିଭିନ୍ନ କୃଷକ ଓ କୃଷକ ସଙ୍ଗଠନ ପକ୍ଷରୁ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାଶଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।

## ଠାକୁରମୁଣ୍ଡା ଜୟକୃଷ୍ଣ କ୍ଲବ ଚାମ୍ପିୟନ

### ବିଏମ୍‌ବି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖଇରା, ୧୦।୧୧(ଉତ୍କଳବନ୍ଧୁ ପଣ୍ଡା)



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଗେଇପୁର ମିନିଷ୍ଟାଡିୟମରେ ଚାଲିଥିବା ୨୧ତମ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଓଡିଶା ଠାକୁରମୁଣ୍ଡାର ଜୟକୃଷ୍ଣ କ୍ଲବ ଝାଡ଼ଖଣ୍ଡ ଆରବିଏଫସିକୁ ପରାଜିତ କରି ଚଳିତବର୍ଷ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଗୋଲ୍ ଦେବାକୁ ସକ୍ଷମ ହୋଇ ନ ଥିବା ବେଳେ ଠାକୁରମୁଣ୍ଡା ପେନାଲ୍ଟିରେ ଆରବିଏଫସିକୁ ୬-୫ରେ ପରାସ୍ତ କରିଥିଲା। ରେଫେରି ଭାବେ ଆରତୀ ମହାନ୍ତି, ବୀଣାପାଣି ବିରୁଆ, ସୀତା ମାରାଣ୍ଡି ଖେଳ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱନାଥ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଶିଶୁ ରୋଗ ବିଶେଷଜ୍ଞ ଡା ବ୍ରଜସୁନ୍ଦର ସ୍ୱାଇଁ, ସମିତିସଭ୍ୟା ପ୍ରିୟତ୍ତମା ମୁଦୁଲି, ଯୁବନେତା ନୀଳମାଧବ ପଣ୍ଡା, ମଣ୍ଡଳ ସଭାପତି ପତିତପାବନ କର, କୁପାରୀ ସମିତିସଭ୍ୟ ଅକ୍ଷୟ ଜେନା, ଶଙ୍କର୍ଷଣ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ବିଜୟୀ ଓଡିଶାର ଠାକୁରମୁଣ୍ଡା ଟିମ୍‌କୁ ୪୦ ହଜାର ଓ ରନର୍ସଅପ ଝାଡଖଣ୍ଡ ଦଳକୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ। ମୋଟ ୩୨ଦଳ ଅଂଶଗ୍ରହଣ କରିଥିଲେ। ଜିଲା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଭ୍ୟ ଶିବଶଙ୍କର ଖିଲାର, ବୁଲୁ ସ୍ୱାଇଁ, ଦିଲୀପ ସ୍ୱାଇଁ, ସହଦେବ ବେହେରା, ମାନସ ସ୍ୱାଇଁ, ଭୀମସେନ ନାଇକି, ବିଶ୍ୱନାଥ ଜେନା, ଦୀପକ ମହାରଣା, ମହାବୀର ସିଂ, ଶ୍ରୀକାନ୍ତ ଦେଉରୀଙ୍କ ସମେତ ବିଏମବି କ୍ଲବର ସମସ୍ତ ସଭ୍ୟ ତଥା ଶିକ୍ଷକ ସନ୍ତୋଷ ଦକ୍ଷିଣରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ମାଛ ଧରୁଥିବା ଯୁବକ ଚାପି ହୋଇ ମୃତ

### ନଦୀ ଭିତରକୁ ଧସିଲା ବାଉଁଶବୁଦା


ନୀଳଗିରି, ୧୦।୧୧(ପ୍ରଶାନ୍ତ ବିଶ୍ୱାଳ)

ବରହମପୁର ଥାନା ଅଧୀନ କମଳା ନଦୀର ଭୋଗଦିଆ ଘାଟରେ କଣ୍ଟାବଣିଆ ଗ୍ରାମର ସାନୁ ସିଂ ମାଛ ଧରିବାକୁ ଯାଇଥିବା ବେଳେ ବାଉଁଶବୁଦା ଧସିବାରୁ ସେ ପ୍ରାଣ ହରାଇଛନ୍ତି। ନଦୀକୂଳଗୁଡିକ ବାତ୍ୟା ଦାନାର ପ୍ରଭାବରେ ବାଉଁଶବୁଦା ମୂଳର ମାଟି ସବୁ ଦୁର୍ବଳ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ଥିଲା। ତେବେ ଯୁବକମାନେ ଏଥିପ୍ରତି ଗୁରୁତ୍ୱ ନ ଦେଇ ମାଛ ମାରୁଥିବା ବେଳେ ହଠାତ୍ ବାଉଁଶବୁଦା ଧସିଯାଇଥିଲା। ଫଳରେ ତଳେ ମାଛ ଧରୁଥିବା ସାନୁଙ୍କ ଉପରେ ବାଉଁଶବୁଦା ମୂଳ ସହ ଉପୁଡ଼ି ପଡ଼ିବାରୁ ବାଉଁଶବୁଦା ତଳେ ସେ ପାଣି ଭିତରେ ଚାପିହୋଇ ରହିଯାଇଥିଲେ। ଫଳରେ ସାଥୀରେ ଥିବା ଯୁବକମାନେ ଜୀବନବିକଳରେ କୂଳକୁ ଉଠିଯାଇଥିଲେ। ନୀଳଗିରି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସେତେବେଳକୁ ଦୀର୍ଘସମୟ ଧରି ସାନୁ ପାଣି ଭିତରେ ଚାପିହୋଇ ରହିଯାଇଥିଲେ। ନୀଳଗିରି ଅଗ୍ନିଶମ ବିଭାଗକୁ ଅବଗତ କରାଯିବା ପରେ ଉଭୟ ଅଗ୍ନିଶମ ବାହିନୀ ଓ ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

**ମୟୂରଭଞ୍ଜ**

## ସୁରକ୍ଷିତ ସ୍ଥାନ ଖୋଜୁଛି 'ଯମୁନା'

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାଘୁଣୀ ଯମୁନା।

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କୋର୍ ଅଞ୍ଚଳରେ ମହାବଳ ବାଘୁଣୀ 'ଯମୁନା' ଘୁରିବୁଲୁଛି। ଏନ୍‌କ୍ଲୋଜରରୁ ଛଡ଼ାଯିବା ପରେ ସେ ସୁରକ୍ଷିତ ବାସସ୍ଥାନ ଖୋଜିବାରେ ଲାଗିଛି। ଉପଯୁକ୍ତ ବାସସ୍ଥଳୀ ସହିତ ସହଜ ଖାଦ୍ୟ ଅନ୍ୱେଷଣ ଭଳି ଅଞ୍ଚଳ ଚିହ୍ନଟ କରିବା ପରେ ସାଥୀ ଖୋଜିବା ଆରମ୍ଭ କରିବ। ପରେ ବଂଶ ବୃଦ୍ଧି କରିବ ବୋଲି ବନ ବିଭାଗ ଆଶା ରଖିଛି।

ମହାରାଷ୍ଟ୍ରର ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଅଣାଯାଇଥିବା ୨ବର୍ଷ ୭ମାସର ମହାବଳ ବାଘୁଣୀ 'ଯମୁନା'କୁ ଶିମିଳିପାଳ ଅଭୟାରଣ୍ୟରେ ଛଡ଼ାଯାଇଛି। ଯମୁନା ଦେହରେ ଲାଗିଥିବା ରେଡିଓକଲାର ମାଧ୍ୟମରେ ତାର ଗତିବିଧି ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀମାନେ ନଜର ରଖିଛନ୍ତି। ତେବେ ଯେତେବେଳ ପର୍ଯ୍ୟନ୍ତ ବାଘୁଣୀ ନିଜ ଛୁଆର ସୁରକ୍ଷା, ନିର୍ଭୟ ସ୍ଥାନ, ନିଶବ୍ଦ ଅଞ୍ଚଳ, ଉପଯୁକ୍ତ ବାସସ୍ଥଳୀ ଓ ସହଜ ଖାଦ୍ୟ ଅନ୍ୱେଷଣ ଭଳି ସ୍ଥାନ ପାଇ ନ ଥାଏ ସେତେବେଳ ପର୍ଯ୍ୟନ୍ତ ଅଣ୍ଡିରା ବାଘ ସହିତ ସମ୍ପର୍କ ସ୍ଥାନ କରିବାକୁ ଅନିଚ୍ଛା ପ୍ରକାଶ କରେ। ଉପଯୁକ୍ତ ପାଣିପାଗରେ ନିଜେ ତିଷ୍ଠି ରହିବା ସହ ଛୁଆମାନଙ୍କୁ ସୁରକ୍ଷିତ ରଖିବା ଭଳି ସ୍ଥାନ ବାଛିଥାଏ। ପରେ ଅଣ୍ଡିରା ବାଘ ସହିତ ସମ୍ପର୍କ ବୃଦ୍ଧି କରିବାକୁ ଇଚ୍ଛା ପ୍ରକାଶ କରେ। ମହାବଳ ଅଣ୍ଡିରା ବାଘ ସହିତ ବାଘୁଣୀର ଘମାଘୋଟ ଲଢ଼େଇ ହୋଇଥାଏ। ଏପରିକି ଉଭୟଙ୍କ ମଧ୍ୟରେ ଜୀବନହାନି ହେବା ଭଳି ଲଢ଼େଇରେ ଯେଉଁ ଅଣ୍ଡିରା ବାଘ ଜିତିଥାଏ ତାହା ସହିତ ବାଘୁଣୀ ସମ୍ପର୍କ ସ୍ଥାପନ କରିଥାଏ। ମହାବଳ ବାଘ ଓ ବାଘୁଣୀମାନେ ପରିବାର ଭଳି ରହିବାକୁ ପସନ୍ଦ କରିଥାନ୍ତି। ସାଥୀ ହୋଇ ଖାଦ୍ୟ ଅନ୍ୱେଷଣରେ ଯାଇ ଶିକାର କରି ଖାଇବାକୁ ପସନ୍ଦ କରିଥାନ୍ତି। ତେବେ ବାଘୁଣୀମାନେ ବିଶେଷ କରି ୧୦ବର୍ଗ କି.ମି. ପର୍ଯ୍ୟନ୍ତ ନିଜର ସୁରକ୍ଷିତ ଅଞ୍ଚଳ ବାଛିଥାନ୍ତି। ସହଜରେ ଖାଦ୍ୟ ମିଳିପାରୁଥିଲେ ଅଳ୍ପ ଏରିଆରେ ରହିବାକୁ ପସନ୍ଦ କରିଥାନ୍ତି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ତେବେ ୩ ବର୍ଷ ବୟସର ବାଘୁଣୀମାନେ ମା' ହେବାକୁ ଇଚ୍ଛା ପ୍ରକାଶ କରୁଥିବାରୁ ଯମୁନାର ପାଖାପାଖି ସେହି ବୟସ ହୋଇଗଲାଣି। ଖୁବ୍ ଶୀଘ୍ର ସେ ଅଣ୍ଡିରା ବାଘ ସହିତ ସମ୍ପର୍କ ଯୋଡ଼ିବ ବୋଲି ବନ ବିଭାଗ ସୂଚନା ଦେଇଛି। ତେବେ ପାହାଡ଼ିଆ ଅଞ୍ଚଳରେ ଯମୁନାର ଗତିବିଧିକୁ ନେଇ ୨୪ ଘଣ୍ଟିଆ ନଜର ରଖିବାର ଆବଶ୍ୟକତା ରହିଛି। ପାଦରେ ଚାଲି କିମ୍ବା ସଫାରୀ ଗାଡ଼ିରେ ପାହାଡିଆ ଅପହଞ୍ଚ ଅଞ୍ଚଳକୁ ଯିବା କଷ୍ଟକର ହୋଇପଡ଼ିବ। ସେଥି ନିମନ୍ତେ ହାତୀ ପିଠିରେ ବସି ଏହାର ନୀରିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

### କଳାବାଘ ଦେଖି ଖୁସିହେଲେ ପର୍ଯ୍ୟଟକ

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଅତି ନିକଟରୁ ଏକ କଳାବାଘ(ମେଲାନିଷ୍ଟିକ) ଦେଖି ପର୍ଯ୍ୟଟକମାନେ ଖୁସି ପ୍ରକଟ କରିଛନ୍ତି। ସଫାରୀରେ ବୁଲି କଳାବାଘ ଦେଖିବା ସହ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ପର୍ଯ୍ୟଟକମାନେ ତାଲିମପ୍ରାପ୍ତ ଗାଇଡ୍ ଏବଂ ଡ୍ରାଇଭରମାନଙ୍କ ସହିତ ସଫାରି ଯାନରେ ମେଲାନିଷ୍ଟିକ ବାଘ ଦେଖିବାର ସୁଯୋଗ ପାଉଛନ୍ତି। ଏହା ଏକ ଅଣ୍ଡିରା ମହାବଳ ବାଘ ଟି-୩୧ ବୋଲ୍ଡ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

## ଶ୍ରୀ ଅନ୍ନ ଅଭିଯାନରେ ଖାଦ୍ୟମେଳା,ସମ୍ମିଳନୀ

### ଜିଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୪



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ମୁଖ୍ୟ ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମିଲେଟ ବର୍ଷ ଏବଂ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏଥି ସହିତ ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନରେ ଜିଲାସ୍ତରୀୟ ଖାଦ୍ୟମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ।
ପ୍ରାରମ୍ଭରେ ଜିଲା କୃଷି ଅଧିକାରୀ ସିଦ୍ଧାର୍ଥ ଶଙ୍କର ବେହୁରା ମାଣ୍ଡିଆ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରେ ମାଣ୍ଡିଆ ଚାଷକୁ ବ୍ୟାପକ କରାଇ ଶସ୍ୟ ଉତ୍ପାଦନ କରାଇ ପାରିଥିବା ୧୪ ଜଣ ଚାଷୀ ଓ ଏସଏଚ୍‌ଜି ମହିଳାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ରୋଷେଇ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଅତିଥି ମିଲେଟ ଚାଷ କିପରି ଜିଲାରେ ଅଧିକ ଲୋକ ଚାଷ କରିବେ ଏବଂ ସମସ୍ତଙ୍କ ଖାଦ୍ୟ ଥାଳିରେ କିପରି ମିଲେଟ ପହଞ୍ଚିବ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଣ୍ଡିଆରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଓ ଶ୍ରୀ ଅନ୍ନ ଶସ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ପରେ ଅତିଥିମାନେ ଜିଲାସ୍ତରୀୟ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଉପ ନିର୍ଦ୍ଦେଶିକା ସୁଶ୍ରୀ ମଧୁସ୍ମିତା ଜେନା ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ପରିଚାଳନାରେ ସହାୟତା କରିଥିଲେ। ମିଲେଟ ଉପରେ ପର୍ଯ୍ୟବେସିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ବ୍ଲକରୁ ଆସିଥିବା ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଲେଟ ଚାଷୀ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ବାଙ୍ଗିରିପୋଷି,୧୦।୧୧(ସଞ୍ଜୟ କୁମାର ଅଗ୍ରୱାଲା): ବାରିପଦା ସଦର ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଝାରପୋଖରିଆ,ବାଙ୍ଗିରିପୋଷି, କୁଲିଅଣା ଥାନା ପୋଲିସ ରବିବାର ଚଢ଼ାଉ କରି ଏକ କାର୍‌ରୁ ୧ କୁଇଣ୍ଟାଲ ୨୦ କେଜିଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ କଟକ ଜିଲା ମାଣିଆବନ୍ଧ ଥାନା ଅଞ୍ଚଳର କୁନା ସେଠ୍(୩୦), ବେଣୁଧର ପ୍ରଧାନ(୨୬)।
ଫୁଲବାଣୀ ଅଞ୍ଚଳରୁ ଏକ ହୁଣ୍ଡାଇ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ଖବରପାଇ ପୋଲିସ ପିଛା କରିଥିଲା। ପୋଲିସକୁ ଦେଖି କାର୍ ଚାଳକ ଓ ସହଯୋଗୀମାନେ ଭୟରେ ବାଙ୍ଗିରିପୋଷି ପଞ୍ଚାୟତ ମଣଦା ନିକଟସ୍ଥ ଏକ ପରିତ୍ୟକ୍ତ କ୍ରଶର ନିକଟରେ ଗାଡ଼ି ଛାଡି ଦୌଡି ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ବାରିପଦା ଏସ୍‌ଡିପିଓ ପ୍ରଧାନ ଏବଂ ବାଙ୍ଗିରିପୋଷି ପୋଲିସ ୨ ଜଣଙ୍କୁ ମାଡ଼ି ବସିଥିଲେ।

## 'ଚପଳା ପୋଖରୀ' ଲୋକାର୍ପିତ

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବାରିପଦା ଲାୟନ୍ସ କ୍ଲବଠାରେ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ପଞ୍ଚମ ଗଳ୍ପ ସଂକଳନ 'ଚପଳା ପୋଖରୀ'ର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାରିପଦା ସହର ତଥା ଜିଲାର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପଦ୍ମଶ୍ରୀ ଡ.ଦମୟନ୍ତୀ ବେଶ୍ରା ଏବଂ ସାଗରିକା ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦିକା ସୌରିନ୍ଦ୍ରୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସମୀକ୍ଷକ ଭାବେ ବିଶିଷ୍ଟ କବି ଓ ପ୍ରାବନ୍ଧିକ ଡ. ନୀଳକଣ୍ଠ ମିଶ୍ର ଉପସ୍ଥିତ ରହି ପୁସ୍ତକରେ ସ୍ଥାନିତ ୩୬ଟି କ୍ଷୁଦ୍ର ଗଳ୍ପର ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଓ ବକ୍ତାଭାବେ ଦୈନିକ ଖବରକାଗଜ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାମ୍ବାଦିକ ଶଶି ରଞ୍ଜନ ମଲ୍ଲିକ ଏବଂ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସତ୍ତ୍ୱାଧିକାରୀ ବିଶିଷ୍ଟ ସାହିତ୍ୟିକ କାଳିପଦ ପଣ୍ଡା ଯୋଗଦେଇ ଗାଳ୍ପିକଙ୍କ ମୟୂରଭଞ୍ଜ ମାଟି ମନସ୍କତାକୁ ନେଇ ବକ୍ତବ୍ୟ ରଖିଥିଲେ। ସମାରୋହରେ ସଂକଳନର ପ୍ରଚ୍ଛଦ ଯୁବ ଚିତ୍ରଶିଳ୍ପୀ ସ୍ୱରୂପ କୁମାର ନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ ଦଳବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସମ୍ପାଦକ ଶିଉଲାଲ ମହାନ୍ତ ଧନ୍ୟବାଦ ଦେଇଥିଲେ। ପରିଷଦର ପୂର୍ବତନ ସଭାପତି ଅଜିତ କୁମାର କବାଟ, ଅନ୍ୟତମ ଉପସଭାପତି ଜୟନ୍ତ କୁମାର ଦ୍ୱାରୀ, କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,୧୦।୧୧(ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିତ୍ରଡ଼ା ଗ୍ରାମର ରଇବୁ ମହାନ୍ତ। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ରଇବୁ ସାଇକେଲ ଯୋଗେ ଘରକୁ ଯାଉଥିବା ସମୟରେ ଶୀର୍ଷାପାଳ ଛକରୁ ମାତ୍ର ଶହେ ମିଟର ଦୂର ତଥା ଚିତ୍ରଡ଼ା ଫାଣ୍ଡି-ଶୀର୍ଷାପାଳ ଛକ ମଝିରେ ଏକ ପଲସର ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ରଇବୁଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ରଇବୁଙ୍କ ପୁଅ ବୁଦ୍ଧେଶ୍ୱର ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ପୋଲିସ ଜବତ କରିଛି।

## ଶୁଭକାର୍ଯ୍ୟରେ କଇଁଚି ମରାଯିବନି: ମନ୍ତ୍ରୀ

ବାରିପଦା,୧୦।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶୁଭକାର୍ଯ୍ୟରେ କଇଁଚି ମାରି ଫିତା କଟା ନ ଯାଇ ଫିତାକୁ ବାନ୍ଧି ଖୋଲାଯିବ ବୋଲି ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମୟୂରଭଞ୍ଜ ଜିଲା କୃଷି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ମାଣ୍ଡିଆ ଦିବସରେ ଫିତା କାଟିବାକୁ ଯାଇ ମନ୍ତ୍ରୀ ଏପରି ମନ୍ତବ୍ୟ ଦେଇଛନ୍ତି। କୌଣସି ଶୁଭ କାର୍ଯ୍ୟରେ ଆଉ କଇଁଚି ମରା ଯିବନି ଏଣିକି ଫିତା ବାନ୍ଧି ତାହାକୁ ଖୋଲାଯିବ ବୋଲି କହିଛନ୍ତି। ତେବେ ମନ୍ତ୍ରୀଙ୍କ ଏହି କଥାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

## ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବୈଠକ

ଭଣ୍ଡାରିପୋଖରୀ, ୧୦।୧୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୩୧ ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ରାଜ୍ୟସ୍ତରରୁ ପ୍ରଶିକ୍ଷଣ ପାଇଥିବା ପ୍ରଶିକ୍ଷକ ରତିକାନ୍ତ ବେହେରା ଡିଜିଟାଲ ଆସେସ୍‌ମେଣ୍ଟ ଉପରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଯଶୋର୍ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ନନ୍ଦ ଉତ୍କର୍ଷ ବାବଦରେ କହିଥିଲେ। ବିଭିନ୍ନ କ୍ଲବ ଓ ଏହାର ମୂଲ୍ୟାୟନ ବାବଦରେ କହିଥିଲେ କୁଲଣା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ ମଲ୍ଲିକ। ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଜେନା ଅନ୍ୟତମ ପ୍ରଶିକ୍ଷକ ଭାବେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ରହଣିଆ ସ୍କୁଲ ପ୍ରଧାନ ଶିକ୍ଷକ ଦେବଦତ୍ତ ଜେନା ପିଏମ୍‌ସୀ ଯୋଜନା ଉପରେ କହିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଓ ସୁଦର୍ଶନ ସେଠୀ ଧନ୍ୟବାଦ ଦେଇଥିଲେ।

# 'ମଧୁମେହ ରୋଗର ମହୌଷଧି ମାଣ୍ଡିଆ'

### ଶ୍ରୀଅନ୍ନ ଅଭିଯାନ, ଜିଲାସ୍ତରୀୟ ମାଣ୍ଡିଆ ଦିବସରେ ଖାଦ୍ୟମେଳା

ଭଦ୍ରକ, ୧୦।୧୧ (ସନାତନ ରାଉତ)



ମାଣ୍ଡିଆ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓଡ଼ିଶାର ଶ୍ରୀଅନ୍ନ ଓ ପାରମ୍ପରିକ କୃଷି ସଚେତନତା ଆଧାରରେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ କୃଷି ବିଭାଗ ଜରିଆରେ ରବିବାର ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ଚରମ୍ପାସ୍ଥିତ ମହାରାଜା ଅଗ୍ରେସନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମାଣ୍ଡିଆରେ ରୋଗ ନିରୋଧକ ଶକ୍ତି ରହିଛି। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇବା ସହ ଜୀବନଶୈଳୀକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି। ମାଣ୍ଡିଆ ମଧୁମେହ ରୋଗର ମହୌଷଧି ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା, କାର୍ଯ୍ୟକ୍ରମର ସଂଯୋଜକ ଜିଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନର ଫାଷ୍ଟଫୁଡ୍, ପିଜା, ଚାଓମିନ ଭଳି ଖାଦ୍ୟ ଖାଇ ଅଳ୍ପ ବୟସରୁ ପିଲାମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ଜୈବିକ ପଦ୍ଧତିରେ ପ୍ରାକୃତିକ ଚାଷ କରି ଦେଶୀ ଖାଦ୍ୟକୁ ଆପଣାଇଲେ ନୀରୋଗ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ମାଣ୍ଡିଆ ଚାଷ ଅଳ୍ପ ଖର୍ଚ୍ଚ, ଅଳ୍ପ ବର୍ଷା ଓ ଅଳ୍ପ ପରିଶ୍ରମରେ ହୋଇପାରୁ ଥିବାରୁ ଅଧିକରୁ ଅଧିକ ଏହି ଚାଷ କରିବା ଲାଗି ସଚେତନ ସହ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କୃଷି ଅଧିକାରୀ କହିଥିଲେ। ଜିଲାର ବନ୍ତ ବ୍ଲକରେ ମାଣ୍ଡିଆ ଚାଷ ହୋଇଥିବା ବେଳେ ଅନ୍ୟ ବ୍ଲକଗୁଡ଼ିକରେ କରାଯିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଖାଦ୍ୟ ମେଳାରେ ବିଭିନ୍ନ ମହିଳା ଗୋଷ୍ଠୀ ଦ୍ୱାରା ମାଣ୍ଡିଆ ପ୍ରସ୍ତୁତି ପିଠା, କେକ୍, ଲଡୁ, ବିସ୍କୁଟ୍, ହାଲୁଆ, କାକରା, ମଣ୍ଡାପିଠା ଆଦି ଷ୍ଟଲ୍ ଖୋଲାଯାଇଥିଲା। ଅତିଥିମାନେ ଷ୍ଟଲ୍ ବୁଲି ଦେଖିବା ସହ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇଥିଲେ। ଏହି ଅବସରରେ ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଅଧୀନ କୁଆଁର୍ଦ୍ଧା ଗ୍ରାମର ମାଣ୍ଡିଆ ଚାଷୀ ଅଭିମନ୍ୟୁ ଆଇଚ ଓ କାଦବରାଙ୍ଗ ପଞ୍ଚାୟତ ସୁଆଁପଦା ଗ୍ରାମର ଚନ୍ଦ୍ରଶେଖର ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଖାଦ୍ୟ ଷ୍ଟଲ ପକାଇଥିବା ମହିଳା ଗୋଷ୍ଠୀ ମଧ୍ୟରୁ ଶ୍ରେଷ୍ଠ ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ ସହ ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କୃଷି ଜିଲା ଅଧିକାରୀ ଶଶୀଭୂଷଣ ମହାପାତ୍ର, ଗଣେଶ ଚନ୍ଦ୍ର ମାଝୀ, ସହକାରୀ କୃଷି ନିର୍ଦ୍ଦେଶକ ବିଶ୍ୱରଞ୍ଜନ ରାଉତ, ସହଯୋଗୀ କୃଷି ଅଧିକାରୀ ସତ୍ୟଜିତ୍ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ସାଧାରଣ ସଭାରେ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ବିଜେଡି ନେତୃବୃନ୍ଦ।

ଧାମନଗର, ୧୦।୧୧ (ଦେବେନ୍ଦ୍ର ଆଦିଆ)

ବର୍ତ୍ତମାନ ରାଜ୍ୟରେ ଚାଲିଥିବା ସରକାର ପ୍ରତିଶ୍ରୁତି ଅନୁଯାୟୀ କଥା ରଖିପାରୁ ନାହାନ୍ତି। ନବୀନ ସରକାରଙ୍କ କାର୍ଯ୍ୟକୁ ରଙ୍ଗ ମାରି ଖାଲି ବାହା ବାହା ନେବାକୁ ବସିଛନ୍ତି ବୋଲି ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ଧାମନଗର ବ୍ଲକ ଦୋବଲ ଜୋନ୍‌ର କାଳୀବଜାର ପଡ଼ିଆଠାରୁ ଦଳୀୟ ନେତା ଓ କର୍ମୀ ପଦଯାତ୍ରାରେ ବାହାରି ବଜାର ପରିକ୍ରମା କରି ଏସ୍‌ଏଜେ ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ଦାସ, ରାଜେନ୍ଦ୍ର ଦାସ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଡା. ସଞ୍ଜୟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ଉର୍ମିଳା ବିଶ୍ୱାଳ, ସାରଦା ପ୍ରସନ୍ନ ସାହୁ, ବିଦ୍ୟୁତ୍‌ଲତା ନାୟକ, ଚୁନୀବାଳା ବିଶ୍ୱାଳ, ଏନ୍‌ଏସି ଚେୟାରମ୍ୟାନ ନିବେଦିତା ଜେନା, ପ୍ରତାପ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏମ୍.ଡି. ନୁରାନି ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ସରକାର ସମୟରେ ହୋଇଥିବା ଜନହିତକର ଯୋଜନା ବିଷୟରେ ଲୋକଙ୍କୁ କହିବା ସହ ବର୍ତ୍ତମାନର ସରକାରଙ୍କୁ ସମାଲୋଚନା କରିଥିଲେ। ଏବେ ଭୋକ ବିକଳରେ ଆଦିବାସୀ ଅଞ୍ଚଳରେ ଲୋକେ ଆମ୍ବ ଟାକୁଆ ଖାଇ ପ୍ରାଣ ହରାଇବା ଭଳି ଘଟଣା ଘଟିଛି, ଯାହା ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ କେବେ ଘଟିନାହିଁ। ଏବେବି ଓଡ଼ିଶାର ଲୋକେ ନବୀନ ପଟ୍ଟନାୟକଙ୍କୁ ଖୋଜୁଛନ୍ତି ବୋଲି ସେମାନେ କହିଥିଲେ। ଏନ୍‌ଏସି ସଭାପତି ସୁଶାନ୍ତ ରାଉତ, ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ, କୃଷ୍ଣଚନ୍ଦ୍ର ପତିଙ୍କ ସମେତ ଦଳ ସମର୍ଥନରେ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସଭାପତି ଓ ବିଜେଡି କର୍ମୀ ଏଥିରେ ଯୋଗ ଦେଇଥିଲେ।

## 'କନିକା ବାଲି'ରେ ଚାନ୍ଦବାଲିର ଐତିହ୍ୟ ଓ ପରମ୍ପରାର ଠିକଣା

ତିହିଡ଼ି, ୧୦।୧୧ (ସଞ୍ଜିତ ବଳ)

ବନ୍ଦର ନଗରୀ ଚାନ୍ଦବାଲି ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ। ଏହାର କଥା ଓ ଗାଥା ଗୌରବମୟ ଇତିହାସ ବହନ କରୁଛି। କନିକା ଅଞ୍ଚଳର ସ୍ୱତନ୍ତ୍ରତା ଥିବା ଅନେକ କିମ୍ବଦନ୍ତୀ 'କନିକା ବାଲି' ପୁସ୍ତକରେ ସନ୍ନିବେଶିତ ହୋଇଥିବା ଉନ୍ମୋଚନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ଚାନ୍ଦବାଲି ବ୍ଲକ ଅଧୀନ ମତୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଶୋକ କୁମାର ପଣ୍ଡାଙ୍କ ଲିଖିତ 'କନିକା ବାଲି'ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏହି ପୁସ୍ତକରେ ଚାନ୍ଦବାଲିର ଐତିହ୍ୟ ଓ ପରମ୍ପରାର ଠିକଣା ଥିବା କହିଥିଲେ। ଚାନ୍ଦବାଲି କଲେଜର ଅଧ୍ୟକ୍ଷ ଡ. ତରଣୀସେନ ପଣ୍ଡାଙ୍କ ପୌରୋହିତ୍ୟରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ମୁଖ୍ୟବକ୍ତା ଭାବେ ରାଜକନିକା ଆଶ୍ରିତ ଶୈଳେନ୍ଦ୍ର ନାରାୟଣ କଲେଜର ପୂର୍ବତନ ଅଧ୍ୟକ୍ଷ ବୈକୁଣ୍ଠ ନାଥ ପରିଡ଼ା ଯୋଗ ଦେଇଥିଲେ। ମତୋ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିଭୂତି ଭୂଷଣ ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। କବି ମନୋଜ କୁମାର ଭଳ ସ୍ୱାଗତ ଭାଷଣ ଓ ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ ଅତିଥି ପରିଚୟ ଦେଇଥିଲେ। କଥାକାର ସୁବାସ ମହାନ୍ତି, ପ୍ରଫୁଲ୍ଲ ବାରିକ, ପ୍ରଶାନ୍ତ ପାଣିଗ୍ରାହୀ, ତାରାକାନ୍ତ ମହାନ୍ତି, ସାଧୁ ନାୟକ, ରବୀନ୍ଦ୍ର ରଣା, ରମେଶ ନାୟକ, ଜୟକୃଷ୍ଣ ନାୟକ, ଗୌରହରି ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନିମାଇଁ ଦାସ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ 'କନିକା ବାଲି' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସତ୍ୟଜିତ୍, ସ୍ନେହା ଚାମ୍ପିୟନ



ଅତିଥିଙ୍କ ସହ ସତ୍ୟଜିତ ଗୋଚ୍ଛାୟତ।

### ରାଜ୍ୟ ସାଇକେଲ ଚାଳନା ପ୍ରତିଯୋଗିତା

ଭଣ୍ଡାରିପୋଖରୀ, ୧୦।୧୧ (ରାଜେନ୍ଦ୍ର ଶତପଥୀ)

ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ସତ୍ୟଜିତ ଗୋଚ୍ଛାୟତ ଓ ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ୯ମ ଶ୍ରେଣୀ ଛାତ୍ରୀ ସ୍ନେହା ଦାସ ରାଜ୍ୟସ୍ତରୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା କଟକ ପୋଲିସ ପଡ଼ିଆରେ ଗତ ୬ ଓ ୭ ତାରିଖରେ ଅନୁଷ୍ଠିତ ପ୍ରତିଯୋଗିତାରେ ବାଳକ ବର୍ଗରେ ସତ୍ୟଜିତ ଓ ବାଳିକା ବର୍ଗରେ ସ୍ନେହା ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ମୁଖ୍ୟଅତିଥି, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପାଲ, ଗଣଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପରିଡ଼ା, ଓଡ଼ିଶା ସାଇକ୍ଲିଂ ସଭାପତି ମିନତି ମହାପାତ୍ର ଓ ସମ୍ପାଦକ ପ୍ରସନ୍ନ ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦୁଇ ଚାମ୍ପିୟନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ମନିନ୍ଦର ନାୟକ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନାଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲାର ପ୍ରତିଯୋଗୀମାନେ ଯାଇଥିଲେ। ବାପା ସୁବାସ ଗୋଚ୍ଛାୟତ ଓ ବାରିକପୁର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସତ୍ୟଜିତ ସାଇକେଲ ଚାଳନା ପାଇଁ ପ୍ରଶିକ୍ଷଣ ନେଉଛନ୍ତି।

## ବାଇକ୍ ରାଲି, ସାଧାରଣ ସଭା

ଭଣ୍ଡାରିପୋଖରୀ, ୧୦।୧୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଅବସରରେ ବାଇକ୍ ରାଲି ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ବଲିଘାଇଠାରୁ ବାଇକ୍ ଶୋଭାଯାତ୍ରା ବାହାରି ଛତାବର ଛକ ମଧ୍ୟ ଦେଇ ମଞ୍ଜୁରୀରୋଡ୍ ବଜାରରେ ପହଞ୍ଚିଥିଲା। ସେଠାରେ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ଯୁବନେତା ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ସଂଯୋଜନାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସଞ୍ଜୀବ ପରିଡ଼ା, ସରପଞ୍ଚ ପରମାନନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ମାଝୀ, ଜଗନ୍ନାଥ ଭାରତୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା କହିବା ସହ ବିଜେଡି ସରକାର ସମୟରେ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜନସାଧାରଣଙ୍କ ଯୋଗଦାନରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଅତୁଟ ଥିବା ପ୍ରମାଣ କରୁଛି ବୋଲି ନେତାମାନେ କହିଥିଲେ। ନାଆଁମୀ ସମିତିସଭ୍ୟ ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତିହିଡ଼ି, ୧୦।୧୧ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ଶଶିଶୋଭା ସହଯୋଗ ବାଳିକା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶଶଧର ଓଝାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି କବି ଦୀନବନ୍ଧୁ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ଶ୍ରୀମଦ୍ ଭଗବତ ଗୀତା ପ୍ରବଚକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଯୋଗଦେଇ କର୍ତ୍ତବ୍ୟନିଷ୍ଠା ଜଣେ ଶିକ୍ଷକଙ୍କ ଆଦର୍ଶର ପରିଚାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରି ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ବାଞ୍ଛାନିଧି ହାଇସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପତି, ଭଣ୍ଡାରିପୋଖରୀ ସାରୁଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, ସ୍ଥାନୀୟ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଗତି ରଞ୍ଜନ ରାୟ, ମମତା ନନ୍ଦ, ଜ୍ୟୋତିର୍ମୟୀ ଦାସ, ମନୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ଶୁକ୍ଳ ଅତିଥି ପରିଚୟ ଏବଂ ପଣ୍ଡିତ ଦେବେନ୍ଦ୍ର ଉଦ୍‌ଗାତା ଧନ୍ୟବାଦ ଦେଇଥିଲେ।

## ମଣ୍ଡପ ବୁଲି ମା' କାଳୀଙ୍କୁ ଦର୍ଶନ କଲେ ବିଧାୟକ



ବ୍ଲକରୋଡ୍ ପୂଜା ମଣ୍ଡପରେ ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟମାନେ।

ବାସୁଦେବପୁର, ୧୦।୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରରେ କାଳୀପୂଜା ଚାଲିଥିବା ବେଳେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ ୪ ମଣ୍ଡପ ବୁଲି ମା' କାଳୀଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟବଜାରରେ ଥିବା ସର୍ବପୁରାତନ ପୀଠ ଆମ କାଳୀ ମଣ୍ଡପ, ବ୍ଲକରୋଡ୍ ପୂଜା ମଣ୍ଡପ, ହାଇସ୍କୁଲ ଛକ କାଳୀ ମଣ୍ଡପ ଓ ତାରିଣୀ ଛକସ୍ଥିତ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରିଥିଲେ। କଂଗ୍ରେସର ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ନଗର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, କାଉନସିଲର ଭକ୍ତରଞ୍ଜନ ପଟ୍ଟନାୟକଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ। ବାସୁଦେବପୁର କାଳୀପୂଜା ୧୦ ଦିନରେ ପହଞ୍ଚିଥିବା ବେଳେ ମଣ୍ଡପଠାରେ ଓ ସହରରେ ପ୍ରବଳ ଭିଡ଼ ହେଉଛି।

## 'ରେଣୁବାଳା ଥିଲେ ଯଶସ୍ୱୀ ଗାଳ୍ପିକା'



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୧୦।୧୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ଅନ୍ୟତମ ଯଶସ୍ୱୀ ଗାଳ୍ପିକା, ସ୍ୱାଭିମାନର ଜୀବନ୍ତ ପ୍ରତୀକ, ଅମାୟିକ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ରେଣୁବାଳା ନାୟକ। ପ୍ରତିଟି ପଲକ ଗଳ୍ପର ସମାହାର ବୋଲି ଆତ୍ମନିର୍ଭରଶୀଳ କଥାଶିଳ୍ପୀ ରେଣୁବାଳାଙ୍କ ମତ ଥିଲା। ତାଙ୍କ ଏକାଦଶାହ ଅବସରରେ ଚରମ୍ପାସ୍ଥିତ ବାସଭବନରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ଗଗନ ରାଉତଙ୍କ ସଭାପତିତ୍ୱ ଓ ଇଂ. ଅଭୟ ସୂତାରଙ୍କ ସଂଯୋଜନାରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ପ୍ରାକ୍ତନ ବିଧାୟକ ନରେନ ପଲେଇ, ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର, ମୁଖ୍ୟବକ୍ତା ପ୍ରାଧ୍ୟାପକ ଶିବଚରଣ ଖାମୁରାଇ ଏବଂ ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ବାବୁଲାଲ ଦାସ, ସାହିତ୍ୟିକ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା 'ରେଣୁବାଳା ସ୍ମୃତିପତ୍ର' ଉନ୍ମୋଚନ କରାଯାଇଥିଲା। ପ୍ରାକ୍ତନ ଜିଲା ଶିକ୍ଷାଧିକାରୀ ଗୟାଧର ପଣ୍ଡା, ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ରାଜକିଶୋର ନାୟକ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାଳିକ, ସ୍ୱର୍ଗତ ରେଣୁବାଳାଙ୍କ ସ୍ୱାମୀ ଶିକ୍ଷାବିତ୍ ଓ କବି ଉମାକାନ୍ତ ନାୟକ, କବି ବିଜୟ ବହଳି, ରମେଶ ଚନ୍ଦ୍ର ସ୍ୱାଇଁ, ଅବନୀ ପ୍ରଧାନ, ନାଟ୍ୟଶ୍ରୀ ନିର୍ମଳ ରାଉତ, ରାଜକିଶୋର ସ୍ୱାଇଁ, ଜ୍ୟୋତି ପ୍ରକାଶ ରାଉତ, ପ୍ରଭାତ ଜେନା, ପ୍ରକାଶକ ପ୍ରଦୀପ ବେହେରା, ଗୋପୀନାଥ ନାୟକ, ରଶ୍ମୀକାନ୍ତ ନାୟକ, ରଜତ ନାୟକ, ବ୍ରଜ ନାୟକ, ତପନ ନାୟକ, ଦେବାଶିଷ ନାୟକ, ପ୍ରଦୀପ୍ତ ନାୟକ, ସୁଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀ ସ୍ୱାଇଁ ଓ ରୂପଶ୍ରୀ ରାଉତ କୃତଜ୍ଞତା ଜଣାଇଥିଲେ। ପରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଡିସେମ୍ବର ୩ରେ ପାର୍ଲାମେଣ୍ଟ ଘେରିବ ପାଚିକା ସହାୟିକା ସଂଘ

ଭଦ୍ରକ, ୧୦।୧୧ (ସନାତନ ରାଉତ)

ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାମାନଙ୍କ ଦାବି ହାସଲ ପାଇଁ ଆସନ୍ତା ଡିସେମ୍ବର ୩ରେ ପାର୍ଲାମେଣ୍ଟ ଘେରାଉ କରିବ ପାଚିକା ସହାୟିକା ସଂଘ। ଏହି ପରିପ୍ରେକ୍ଷୀରେ ସଂଘ ନେତ୍ରୀ ଶାନ୍ତିଲତା ନାୟକଙ୍କ ସଭାପତିତ୍ୱରେ ଭଦ୍ରକ ସାଇମନ୍ଦିର ନିକଟସ୍ଥ ପୁରୁଣା ଡାକବଙ୍ଗଳାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଚିକା ସହାୟିକାମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା, ସେମାନଙ୍କୁ ମାସକୁ ୨୬ ହଜାର ଟଙ୍କା ଦରମା, ସମସ୍ତଙ୍କୁ ସାମାଜିକ ସୁରକ୍ଷା, ଅବସର ପରେ ପେନ୍‌ସନ, ଚାକିରିରୁ ବହିଷ୍କୃତ ହୋଇଥିବା ପାଚିକା ସହାୟିକାମାନଙ୍କୁ ପୂର୍ଣ୍ଣ ନିଯୁକ୍ତି ଆଦି ଦାବି ରହିଛି। କେନ୍ଦ୍ର ସରକାରଙ୍କ ବଜେଟରେ ଅଧିକ ଅର୍ଥ ବ୍ୟୟବରାଦ ଦାବି କରି ହେବାକୁ ଥିବା ଦିଲ୍ଲୀ ସମାବେଶକୁ ସଫଳ କରିବା ପାଇଁ ସିଟୁ ଜିଲା ସଭାପତି ଦିବ୍ୟସିଂହ ନାୟକ ନିବେଦନ କରିଛନ୍ତି। ମନୋରମା ତ୍ରିପାଠୀ, କମଳା ଓଝା, ବିନିତା ସାମଲ, ମାନସୀ ମହାନ୍ତି, ସୋଫିଆ ସେମିନ, ଅକ୍‌ତରୀ ବିବି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ବୁଥ୍ ପରିଦର୍ଶନ କଲେ ଅଧିକାରୀ

### ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଦିବସ



ଓଳମ ନୋଡାଲ ଉ.ପ୍ରା. ବିଦ୍ୟାଳୟର ୯୭ନଂ.ବୁଥ୍‌ରେ ତଦାରଖ କରୁଛନ୍ତି ବିଡିଓ ପ୍ରଦୀପ କୁମାର ସେଠୀ।

ବନ୍ତ, ୧୦।୧୧ (ହରି ନାରାୟଣ ମହାନ୍ତି)

ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଗତ ଅକ୍ଟୋବର ୨୯ରୁ ଚାଲିଛି। ଏହି ପରିପେକ୍ଷୀରେ ରବିବାର ବନ୍ତ ବ୍ଲକରେ ସ୍ୱତନ୍ତ୍ର ଅଭିଯାନ ଦିବସରେ ସହକାରୀ ଭୋଟର ତାଲିକା ପଞ୍ଜୀକରଣ ଅଧିକାରୀ ତଥା ବିଡିଓ ପ୍ରଦୀପ କୁମାର ସେଠୀ ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ସେ ସଂଶୋଧନ କାର୍ଯ୍ୟ ତଦାରଖ କରିଛନ୍ତି। ବିଡିଓ ନିଳୋକ ପଞ୍ଚାୟତ ଅଧୀନ ଓଳମ ନୋଡାଲ ଉ.ପ୍ରା. ବିଦ୍ୟାଳୟର ୯୭ନଂ.ବୁଥ୍ ଓ ଛୟାଳସିଂହ ପଞ୍ଚାୟତ ଖଗେଶ୍ୱର ନୋଡାଲ ଉ.ପ୍ରା. ବିଦ୍ୟାଳୟର ୮୦ନଂ. ବୁଥ୍ ପରିଦର୍ଶନ କରିଥିଲେ।

ବ୍ଲକରେ ୧୩୯ ବୁଥ୍ ଥିବାବେଳେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଚାଲୁ ରହିଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ମାସ ୨, ୧୦, ୧୬ ଓ ୨୪ ତାରିଖ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଅଭିଯାନ ଦିବସ ରହିଛି। ଏହି ଦିବସରେ ବୁଥ୍ ସ୍ତରୀୟ ଅଧିକାରୀମାନେ ବୁଥ୍‌ରେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରୁଥିବା ଜଣାଯାଇଛି।

## ନୂତନ ଜଗନ୍ନାଥ ମନ୍ଦିରରେ ରତ୍ନମୁଦ ସ୍ଥାପନ



ବନ୍ତ, ୧୦।୧୧ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଅଧୀନ ଓଳମସ୍ଥିତ ନୂତନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ରବିବାର ସ୍ଥାପନ ହୋଇଛି। ବିଭିନ୍ନ ପୂଜା, ଚକ୍ରନ୍ୟାସ, ଚକ୍ରରାଜ ଗ୍ରାମ ପରିକ୍ରମା ଓ ରତ୍ନମୁଦ ସ୍ଥାପନ, ଚକ୍ର ସ୍ଥାପନ କରାଯାଇଥିଲା। ପଣ୍ଡିତ ପଦ୍ମନାଭ ପଣ୍ଡା, ଧରଣୀଧର ଦ୍ୱିବେଦୀ ଓ ପ୍ରଭାତ ପାଣିଗ୍ରାହୀଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରାମଚନ୍ଦ୍ର ରାଉତ ଓ ବାସନ୍ତୀ ରାଉତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଛତିଆ ବଟର ସାନ ମଣିମା ପ୍ରଫୁଲ୍ଲ ଦାସ, ଶାରଳା ପୀଠରୁ ଆଗତ ପଣ୍ଡିତ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସମେତ ରାଜ୍ୟ ଭାଜପା ପ୍ରବକ୍ତା ପତଞ୍ଜଳୀ କରଶର୍ମା, ବିଡିଓ ପ୍ରଦୀପ କୁମାର ସେଠୀ, ବରିଷ୍ଠ ଭାଜପା ନେତା ଶଙ୍କର୍ଷଣ ଜେନା, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଯାଦବ ସମାଜର ବ୍ଲକ୍‌ସ୍ତରୀୟ ସମାବେଶ

ପାଟଣା,୧୦।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ଗ୍ରାମରେ ବ୍ଲକ୍‌ସ୍ତରୀୟ ଯାଦବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣା ଯାଦବ ସଂଘ ସଭାପତି ପ୍ରହ୍ଲାଦ ପଲେଇ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସଦସ୍ୟ ବିଶ୍ୱନାଥ ପଲେଇ, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ, ପାଟଣା ବ୍ଲକ୍ ଯାଦବ ସଂଘ ସମ୍ପାଦକ ରଞ୍ଜନ ବାରିକ, ଯାଦବ ସଂଘ ଉପ ସଭାପତି ଅଭୟ ବେହେରା, ଦଶରଥ ବାରିକ, ଯୁଗଳ କିଶୋର ବାରିକ, ଅଖିଳ ବାରିକ, ରତ୍ନାକର ପଲେଇ, ଅରୁଣ ପଲେଇ, ୱାର୍ଡ ମେମ୍ବର ଭାନୁମତୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ଯାଦବ ସମ୍ପ୍ରଦାୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଟାଙ୍ଗରପଡ଼ା ପଞ୍ଚାୟତର ୯ ନଂ. ୱାର୍ଡ ଅନ୍ତର୍ଗତ ବାଦୁଡ଼ି ଘେରା ପଡ଼ିଆରେ ମେଳଣ ହେବାକୁ ନିଷ୍ପତ୍ତି ନିଆଯାଇଛି। ଯାଦବ ସମାଜ ପକ୍ଷରୁ ରାଜ କୁମାର ପଲେଇ ସଭା ପରିଚାଳନା କରିଥିଲେ। ଅଯୋଧ୍ୟା ବାରିକ ଧନ୍ୟବାଦ ଦେଇଥିଲେ।

# ଭାଗନେଲେ ୭୧୦ ପ୍ରତିଯୋଗୀ



ମଞ୍ଚରେ ଉପସ୍ଥିତ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

**ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା**

କେନ୍ଦୁଝର,୧୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଓ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ, କେନ୍ଦୁଝର ଦ୍ୱାରା ୬୮ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୧୪ ଓ ୧୭ ବର୍ଷରୁ କମ ବାଳିକା, ବାଳକ ବିଭାଗରେ ୩୧ଟି କ୍ରୀଡ଼ା ଜିଲାର ୭୧୦ ପ୍ରତିଯୋଗୀ, ୯୯ ଜଣ କୋଚ ଓ ପରିଚାଳକ, ରାଜ୍ୟ ତଥା ଜିଲାର ୧୧୦ ଜଣ ଅଫିସିଆଲ ଯୋଗଦେଇଛନ୍ତି।

ଉଦ୍‌ଘାଟନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଗୌରିରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ ଯୋଗଦେଇ ଲକ୍ଷ୍ୟ ହାସଲ ପାଇଁ ସାଧନା ଜାରି ରଖିବା ଆବଶ୍ୟକ ବୋଲି କ୍ରୀଡାବିତ୍‌ଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ନାୟକ, ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅଜୟ ପାତ୍ର ଯୋଗଦେଇ ଜାତୀୟ ଶିକ୍ଷା ନୀତିରେ କ୍ରୀଡ଼ାକୁ ଅଗ୍ରାଧିକାର ଦିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରାଯିବା ପରେ ସମ୍ମିଳିତ ମାର୍ଚ୍ଚ ପାଷ୍ଟକୁ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲାର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଆବାସରୁ ବଞ୍ଚିତ ୨ ଗ୍ରାମବାସୀ

କେନ୍ଦୁଝର,୧୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି**

ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି) କେନ୍ଦୁଝର ଜିଲାପାଳଙ୍କଠାରୁ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ଜିଲାରେ ଅନେକ ଗରିବ ଶ୍ରେଣୀର ଲୋକେ ପ୍ରଶାସନିକ ତ୍ରୁଟିରୁ ଅବାସରୁ ବଞ୍ଚିତ ରହିଛନ୍ତି। ଏ ନେଇ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଆବେଦନ ଉପରେ ବିଚାର କରି ଏନ୍‌ଏଚ୍‌ଆରସି ୪ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି। ଅଭିଯୋଗ ମୁତବକ, ଝୁମ୍ପୁରାସ୍ଥିତ ନାରଦପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଓ ବଳଭଦ୍ରପୁରରେ ୫ଶହରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତି ବାସ କରୁଛନ୍ତି। ୨୦୧୧ ଜନଗଣନାର ଏସ୍‌ଇସିସି ତଥ୍ୟ ଅଭାବରୁ ଉଭୟ ଗ୍ରାମବାସୀ ଆବାସ ସୁବିଧା ପାଉନାହାନ୍ତି। ଏହି ତଥ୍ୟ କିପରି ହଜିଛି, ସେ ନେଇ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। କଲ୍ୟାଣକାରୀ ଯୋଜନା ବିଶେଷ କରି କେନ୍ଦ୍ର କିମ୍ବା ରାଜ୍ୟ ଯୋଜନାରେ ଥିବା ଘରଗୁଡ଼ିକର ଲାଭ ସୁନିଶ୍ଚିତ କରିବା ପାଇଁ କୌଣସି ସଂଶୋଧନମୂଳକ ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନିକ ଉଦାସିନତା ଯୋଗୁ କୌଣସି ଗ୍ରାମବାସୀଙ୍କ ଘର ନାହିଁ। ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଯୋଗୁ ସେମାନେ ହଇରାଣ ହେଉଛନ୍ତି ବୋଲି ମାନବାଧିକାର କର୍ମୀ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏଥିସହ ରାଇକଳା ଗାଁରେ ପଞ୍ଚାୟତ ରାଜ ଆଇନ ଅନୁଯାୟୀ ବାଧ୍ୟତାମୂଳକ ସୁବିଧା ଯଥା ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଇନାହିଁ। ଶିକ୍ଷା ଅଭାବରୁ ଜିଲାରେ ଅନ୍ଧବିଶ୍ୱାସ ବ୍ୟାପୁଥିବାରୁ ପ୍ରତିବର୍ଷ ହତ୍ୟାକାଣ୍ଡ ଘଟୁଛି। ଏହି ସବୁ କାରଣରୁ ୨୦୨୪ ଜାନୁଆରୀ ୧୧ରେ ରାଜ୍ୟ ସରକାରଙ୍କ ଅବହେଳା ଅଭିଯୋଗ କରି ଜିଲାରେ ୧୯ ସରପଞ୍ଚ ଇସ୍ତଫା ଦେବେ ବୋଲି ଧମକ ଦେଇଥିଲେ। ମୌଳିକ ସୁବିଧା ଓ ଅନ୍ୟାନ୍ୟ ଆବଶ୍ୟକତା ବିନା ତୃଣମୂଳସ୍ତରର ସ୍ଥିତି ଦୟନୀୟ ବୋଲି ଆବେଦନକାରୀ ଦର୍ଶାଇ ଜଗନ୍ନାଥପୁର, ବଳଭଦ୍ରପୁର ଗ୍ରାମର ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ଦୁର୍ଦ୍ଦଶା ପ୍ରତି ଆୟୋଗ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ସମସ୍ତ ଟ୍ରେନ୍‌ରେ ଶୌଚାଳୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

କେନ୍ଦୁଝର,୧୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ସମସ୍ତ ଇଏମୟୁ ଓ ମେମୁ ଟ୍ରେନ୍‌ଗୁଡ଼ିକରେ ଶୌଚାଳୟ ସୁବିଧା ସୁନିଶ୍ଚିତ କରିବାକୁ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି) ରେଳବୋର୍ଡ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ୍‌ଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଆବେଦନର ବିଚାର କରି ଏନ୍‌ଏଚ୍‌ଆରସି ଏହି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରେଳବାଇର ଇଏମ୍‌ୟୁ ଓ ମେମୁ ଟ୍ରେନ୍‌ରେ ଶୌଚାଳୟ ଉପଲବ୍ଧ ନ ଥିବାରୁ ଗର୍ଭବତୀ, ଶିଶୁ, ରୋଗୀ, ବରିଷ୍ଠ ନାଗରିକ, ଶାରୀରିକ ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଯାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ପ୍ରତି ମାନବାଧିକାର କର୍ମୀ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ରେଳବାଇ ମନ୍ତ୍ରଣାଳୟ ସ୍ୱୀକାର କରିଛି, ଦେଶରେ ସମସ୍ତ ଇଏମୟୁ ଏବଂ ମେମୁ ଟ୍ରେନ୍ ଶୌଚାଳୟ ସୁବିଧା ବିନା ଚାଲିଛି। ପିଟିସନରେ ଉଠାଯାଇଥିବା ମୌଳିକ ମାନବାଧିକାର ପ୍ରସଙ୍ଗକୁ ବିଚାର କରି ଉଚିତ ସମୟ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ ଏନ୍‌ଏଚ୍‌ଆରସି ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କୁ କହିଛନ୍ତି। ରେଳବାଇଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୯-୧୦ ପୂର୍ବରୁ ନିର୍ମିତ ମେମୁ କୋଚରେ ଶୌଚାଳୟ ବ୍ୟବସ୍ଥା ପାଇଁ କୌଣସି ନୀତି ନ ଥିବାରୁ ସେଠାରେ ଶୌଚାଳୟ ସୁବିଧା ନାହିଁ। ୨୦୦୯-୧୦ ପୂର୍ବରୁ ନିର୍ମିତ ମେମୁ କୋଚରେ ଶୌଚାଳୟ ନିର୍ମାଣ ପାଇଁ କୌଣସି ଯୋଜନା ନାହିଁ। କାରଣ ଏଥିରେ କୋଚ୍ ଢାଞ୍ଚାରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି।

# କୁଣ୍ଡେଶ୍ୱରରେ ହାଟ, ମକର ମେଳା କରିବାକୁ ଶପଥ

ରାମଚନ୍ଦ୍ରପୁର,୧୦।୧୧ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ଗୁହାଳିଆ ଗ୍ରାମର କୁଣ୍ଡେଶ୍ୱର ହାଟ ପଡ଼ିଆଠାରେ ହାଟ ଓ ମକର ମେଳା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଣ୍ଡେଶ୍ୱର ହାଟ ଓ ମନ୍ଦିର ପରିଚାଳନା କମିଟିର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ୫ଟି ପଞ୍ଚାୟତର ଜନସାଧାରଣ ଏକାଠି ହୋଇ ପୁନଃ ହାଟ ଓ ମେଳା କରିବାକୁ ଶପଥ ନେଇଥିଲେ। ସୂଚନା ଅନୁଯାୟୀ, କିଛି ବର୍ଷ ଧରି ହାଟ, ମକରମେଳା ଓ ମନ୍ଦିର ପରିଚାଳନା କ୍ଷେତ୍ରରେ ବାଦ ବିବାଦ ଉପୁଜିଥିଲା। ଫଳରେ ସମ୍ପୂର୍ଣ୍ଣ ହାଟ ଓ ମକର ମେଳା ପ୍ରଶାସନ ତରଫରୁ ବନ୍ଦ କରାଯାଇଥିଲା। ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ୫ ଟି ପଞ୍ଚାୟତର ଶତାଧିକ ଲୋକମାନେ ଏକାଠି ହୋଇ ଶୃଙ୍ଖଳା ବଜାୟ ରଖିବା ପାଇଁ


ବୈଠକରେ ଉପସ୍ଥିତ ସ୍ଥାନୀୟ ଗ୍ରାମବାସୀ ଓ ମାନ୍ୟଗଣ୍ୟ ବ୍ୟକ୍ତି।

ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ୩ ନଂ. ଜୋନର ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର, ଗରିବସେବା ସଦନର ପରିଚାଳକ ଶମ୍ଭୁନାଥ ରାଉତ, ସାମାଜିକକର୍ମୀ ସୁବାସ ଜେନା, ମାନସ ବାରିକ, ସୁରେଶ ଜେନା, ସୁରେନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ମହାନ୍ତି, ଶିବ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ସତ୍ୟବ୍ରତ ଜେନା, ମକୁର ଜେନା, ସୁବ୍ରତ ଜେନା, ମହେଶ୍ୱର ଜେନା, ଦାଶରଥି ଜେନା, ଟୁନି ଜେନା, ସନ୍ତୋଷ ଜେନା, ତାପସ ଜେନା, ସଦାନନ୍ଦ ଜେନା, ବିଜୟ ଜେନାଙ୍କ ସହିତ ଶତାଧିକ ଅଞ୍ଚଳବାସୀ ଯୋଗଦେଇଥିଲେ।

# କୁଳପତିଙ୍କ ସହ ଆଲୋଚନା କଲେ ଏମ୍‌ପି

**ଧରଣୀଧର ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ**

କେନ୍ଦୁଝର,୧୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଫଳ ପ୍ରକାଶ ପାଇବାରେ ଅହେତୁକ ବିଳମ୍ବ ଘଟୁଛି। ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ କାରଣରୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଅବଗତ କରାଇଛନ୍ତି। ଏ ନେଇ ଏମ୍‌ପି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତିଙ୍କ ସହ ଶନିବାର ଆଲୋଚନା କରିଛନ୍ତି। କୁଳପତି ଡ. ମହାନ୍ତି ଯଥାଶୀଘ୍ର ପରୀକ୍ଷା ଫଳ ପ୍ରକାଶନ କରିବାକୁ ବ୍ୟବସ୍ଥା କରାଯାଉଛି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ବିଶ୍ୱ ବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶନ ପ୍ରକ୍ରିୟାକୁ ଅନ୍‌ଲାଇନ କରିବା ସହ ଆଧୁନିକ ଟେକ୍ନୋଲଜି ବ୍ୟବହାର କରି ପାରଦର୍ଶୀ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ହୋଇ ସାରିଥିବା ବେଳେ ତୃତୀୟ ସେମିଷ୍ଟର ପାଇଁ ଫର୍ମପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସତ୍ତ୍ୱେ ଗୋଟିଏ ହେଲେ ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ।

# ନଦୀରେ ବୁଡ଼ି ଯୁବକ ମୃତ

ସୋର, ୧୦।୧୧(ଜନ୍ମେଜୟ ମିଶ୍ର)-ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଟେଣ୍ଟେଇ ଗ୍ରାମର ରଞ୍ଜିତ ମଲିକ(୨୦) ରବିବାର ସକାଳେ କାଂଶବାଂଶ ନଦୀକୁ ଜାଲ ପକାଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ତାଙ୍କୁ .ପ୍ରଥମେ ଅନନ୍ତପୁର ଡାକ୍ତରଖାନା ପରେ ସୋର ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜିତ ଘର ପାଖ କାଂଶବାଂଶ ନଈକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ନଈରେ ଜାଲ ପକାଉଥିଲେ। ମାତ୍ର ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ନଈରୁ ଉଦ୍ଧାର କରିଥିଲେ। ସୋର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ କରିଛି।

# ବିଇଓଙ୍କ ଚିଠି ପାଇ ସିଆର୍‌ସିସି ଛାନିଆ

ବଡଳା,୧୦।୧୧(ଦୁର୍ଗା ପ୍ରସାଦ ଆୟଚ)

- ବିଦ୍ୟାଳୟରୁ ଜିପିଏସ୍ ଫଟୋ ଦେବାକୁ ନିର୍ଦ୍ଦେଶ
- ପ୍ରତ୍ୟେକ ଦିନ ବିଦ୍ୟାଳୟ ଉପସ୍ଥାନରେ ଦସ୍ତଖତ କରିବେ

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ କାର୍ଯ୍ୟରତ ସିଆରସିସିମାନେ ପ୍ରତ୍ୟେକ ଦିନ ନିଜ ଅଧୀନ ସ୍କୁଲ ଗସ୍ତ କରିବେ। ବିଦ୍ୟାଳୟ ଉପସ୍ଥାନ ଖାତାରେ ଦସ୍ତଖତ କରିବା ସହ ଜିପିଏସ୍ ଫଟୋ ଉଠାଇ ହ୍ୱାଟ୍ସଆପ୍ ଗ୍ରୁପରେ ପକାଇବେ। ବ୍ଲକ୍‌ରେ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ଓ ପରିଚାଳନାରେ ସୁଧାର ଆଣିବାକୁ ବିଇଓ ଓଁକାର ଅନ୍ୱେଷ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମାକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଉଥିବା ବେଳେ ଏହାକୁ ନେଇ ସିଆର୍‌ସିସିଙ୍କ ମଧ୍ୟରେ ଛନକା ପଶିଛି।

ପ୍ରକାଶ ଯେ, ବିଭିନ୍ନ ବିଦ୍ୟାଳୟରେ ଏବେ ଶିକ୍ଷକ ଅଭାବ ସାଙ୍ଗକୁ ଶିକ୍ଷା କାର୍ଯ୍ୟାଳୟରେ କର୍ମଚାରୀ ଓ ଅଧିକାରୀ ସଂଖ୍ୟା କମ୍ ରହିଛି। ହାଟଡ଼ିହୀ ବ୍ଲକ୍‌ରେ ୩ ଜଣ ଏବିଇଓଙ୍କ ସ୍ଥାନରେ ଜଣେ ଏବିଇଓ ଭାବେ ପ୍ରମୋଦ କୁମାର ନାୟକ ଥିବା ବେଳେ ସେ ବିଆର୍‌ସିସି କାର୍ଯ୍ୟ ମଧ କରୁଛନ୍ତି। ଏଥିସହ ବିଇଓ ଚାର୍ଜରେ ଓଁକାର ଅନ୍ୱେଷ ରହିଛନ୍ତି। ଫଳରେ ଶିକ୍ଷାର ମାନ ହ୍ରାସ ହେଉଥିବାବେଳେ ଅଧିକାରୀମାନେ ବିଦ୍ୟାଳୟ ପରିଦର୍ଶନ କରିବା କଷ୍ଟକର ହୋଇପଡୁଛି। ଏଭଳି କ୍ଷେତ୍ରରେ କ୍ଲଷ୍ଟରସ୍ତରରେ ଥିବା ସିଆର୍‌ସିସିଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି। ପ୍ରତ୍ୟେକ ଦିନ ତାଙ୍କ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିବା ସହିତ ଶିକ୍ଷାର ମାନ ତଦାରଖ କରିବା ଏବଂ ଶିକ୍ଷକ ନ ଥିବା ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ନିୟମ ରହିଛି। ଏଭଳି କ୍ଷେତ୍ରରେ ବହୁ ସିଆର୍‌ସିସି ନିଜ ଅଧୀନରେ ଥିବା ବିଦ୍ୟାଳୟକୁ ଯିବା ଦୂରର କଥା, ଶିକ୍ଷା କାର୍ଯ୍ୟାଳୟରେ ହେଉଥିବା ବୈଠକକୁ ମଧ୍ୟ ଆସି ନ ଥାନ୍ତି। କେନ୍ଦୁଝର, ଘଟଗାଁ, ଆନନ୍ଦପୁର, ମଞ୍ଜୁରୀ ରୋଡ୍, ବନ୍ତ ଆଦି ସ୍ଥାନରେ ପରିବାର ସହିତ ରହୁଥିବାରୁ କ୍ଲଷ୍ଟରକୁ ନିଜ ଇଚ୍ଛାରେ ଆସିଥାନ୍ତି। ଏହାକୁ ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଗତ ୭ ତାରିଖରେ ଚିଠି (ନଂ. ୪୦୯୫) କରି ସମସ୍ତ ସିଆର୍‌ସିସି ନିଜ ଅଧୀନ ବିଦ୍ୟାଳୟକୁ ଯାଇ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନିଜ ସ୍କୁଲ କିମ୍ବା କ୍ଲଷ୍ଟର ସ୍କୁଲରେ ଜିପିଏସ୍ କ୍ୟାମେରାରେ ଫଟୋ ଉଠାଇ ସିଆର୍‌ସିସି ହ୍ୱାସଆପ୍ ଗ୍ରୁପ୍‌ରେ ଦିନ ୧୧ସୁଦ୍ଧା ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବୃଦ୍ଧିଜୀବୀ, ଶିକ୍ଷାବିତ୍ ଓ ବିଦ୍ୟାଳୟ କମିଟି ସଦସ୍ୟ ସ୍ୱାଗତ କରିଛନ୍ତି। କିନ୍ତୁ କେତେଜଣ ସିଆର୍‌ସିସି ଚିଠିକୁ ନେଇ ବିଚଳିତ ହୋଇପଡ଼ିଛନ୍ତି। ଏଭଳି ନିର୍ଦ୍ଦେଶକୁ ରଦ୍ଦ କରିବାକୁ ଆନନ୍ଦପୁର ବିଧାୟକଙ୍କୁ ଅନୁରୋଧ କରୁଥିବା ଚର୍ଚ୍ଚା ହେଉଛି। ବିଧାୟକ ସମୀକ୍ଷା କରି ନିଜ ଦାୟିତ୍ୱ ତୁଲାଉ ନ ଥିବା କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ବିଇଓଙ୍କୁ ସହଯୋଗ କରିବା ଆବଶ୍ୟକ ବୋଲି ବୃଦ୍ଧିଜୀବୀ ମହଲରେ କୁହାଯାଉଛି। ବିଇଓ ଓଁକାର କହିଛନ୍ତି, କେତେଜଣ ସିଆର୍‌ସିସି ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିଲେ। ଏପରିକି କାର୍ଯ୍ୟାଳୟ ବୈଠକକୁ ମଧ୍ୟ ଆସୁ ନ ଥିଲେ। ତେଣୁ ଏଭଳି ଚିଠି କରାଯାଇଛି।

## ଭାଜପାର ସଦସ୍ୟତା ଅଭିଯାନ

ଯୋଡ଼ା,୧୦।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭୂୟାଁ ରୋଇଡ଼ା ଗ୍ରାମ ପଞ୍ଚାୟତରେ ରବିବାର ଭାଜପା ପକ୍ଷରୁ ଏକ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବ ନେତା ସରୋଜ ଓରାମଙ୍କ ସଭାପତିତ୍ୱରେ ଭାଜପା ଜିଲା ଉପ ସଭାପତି ଦେବ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ନୀଳମଣି ମହାନ୍ତ, ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଗୁପ୍ତା, ଜିଲା ହରିଜନ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସନ୍ୟାସୀ ମାଝି, ଆଇଟି ସେଲ୍‌ର ଅମନ ଗୁପ୍ତା, ଅଶ୍ୱିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ସଦସ୍ୟତା ବୃଦ୍ଧି ସମ୍ପର୍କରେ ନିଜ ନିଜର ମନ୍ତବ୍ୟ ରଖିଥିଲେ। ସଭାରେ ଉପସ୍ଥିତ ଅତିଥିମାନେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ଏ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଲୋକଙ୍କୁ ସଦସ୍ୟତା ଗ୍ରହଣ ନେଇ ସଚେତନତା ସୃଷ୍ଟି କରିବା ସହିତ ମୋବାଇଲ ମେସେଜ ମାଧ୍ୟମରେ ଲୋକଙ୍କୁ ସଦସ୍ୟ କରାଇଥିଲେ।

# ସୁବର୍ଣ୍ଣ ଜୟନ୍ତୀର ସ୍ମାରକୀ ଉତ୍ସବ

ଜଳେଶ୍ୱର, ୧୦।୧୧(ନବୀନ ସାହୁ/ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଖୁଆଡ ଦୀନକୃଷ୍ଣ ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ସୁବର୍ଣ୍ଣ ଜୟନ୍ତୀର ୧୨ତମ ସ୍ମାରକୀ ଉତ୍ସବ ପାଳିତ ହୋଇଛି। ପ୍ରଥମେ ଅତିଥି ଓ ମୁଖ୍ୟବକ୍ତା ଆସି ସ୍କୁଲର ପ୍ରତିଷ୍ଠାତା ଫକୀରମୋହନ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଅତିଥିମାନଙ୍କୁ ଛାତ୍ରୀଛାତ୍ରମାନେ ପାଛୋଟି ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ ଘୋଷ ଏବଂ ମୁଖ୍ୟବକ୍ତା ଭାବେ କବି ଡ. ଶୁଭଶ୍ରୀ ଲେଙ୍କା ଓ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ର ସଂସଦର ସଭାପତି ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରଧାନ ଶିକ୍ଷକ ଶୁକଦେବ ଏବଂ ସାମାଜିକ କର୍ମୀ ଅମୂଲ୍ୟ ପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପୂର୍ବତନ ଛାତ୍ର ଚନ୍ଦ୍ରମୋହନ କାପୁଡ଼ି ମଞ୍ଚ ପରିଚାଳନା କରିଥିଲେ। ପ୍ରଣୟ ପାତ୍ର, ରବୀନ୍ଦ୍ର ପାତ୍ର, ଶିବଶଙ୍କର ସାହୁ, ଲଲାଟେନ୍ଦୁ ଜେନା ଓ ରାଖାଲ ଚନ୍ଦ୍ର ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶକ୍ତି ପୀଠରେ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ପ୍ରଦାନ

ବାହାନଗା, ୧୦।୧୧(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତର କବୀରପୁର ଶକ୍ତି ପୀଠରେ ଗତ ଶନିବାର ଶୀତ ବସ୍ତ୍ର ଦାନ କରାଯାଇଥିଲା। ପ୍ରତିବର୍ଷ କାର୍ତ୍ତିକ ମାସ ପୂର୍ଣ୍ଣମା ଦିନ ଗରିବ ଦୁଃଖୀମାନଙ୍କୁ ଶକ୍ତିପୀଠ ପକ୍ଷରୁ ଶୀତବସ୍ତ୍ର ଦାନ କରାଯାଇଥାଏ। ଚଳିତବର୍ଷ ଶନିବାର ଦୁଇଜଣ ଭକ୍ତ ନିଜର ଗ୍ରହ ଶାନ୍ତି ନିମନ୍ତେ ଶକ୍ତିପୀଠରେ କଳା ରଙ୍ଗର ଶୀତ ବସ୍ତ୍ର ପ୍ରଦାନ କରିଥିଲେ। ଏହି ଶକ୍ତିପୀଠରେ ୨୦୧୯ରେ ଠାକୁର ଆବିର୍ଭାବ ହୋଇଥିଲେ। ଏଥିରେ ୬୦ ଜଣ କର୍ମକର୍ତ୍ତା ରହି ଠାକୁରଙ୍କ ସେବା କରିଆସୁଛନ୍ତି। ସେହି ଅନୁଯାୟୀ ଦୁଇଜଣ ଭକ୍ତ ନିଜର ଗ୍ରହ ଶାନ୍ତି ପାଇଁ ଶକ୍ତିପୀଠରେ ଥିବା ଗ୍ରହାଧିପତି ଶନି ଦେବଙ୍କଠାରେ ପୂଜାର୍ଚ୍ଚନା କରି କଳାରଙ୍ଗର ଶୀତବସ୍ତ୍ର ଦିବ୍ୟାଙ୍ଗ ଯୁବତୀ ଯୁବକ ତଥା ଗରିବ ବୃଦ୍ଧାବୃଦ୍ଧଙ୍କୁ ପ୍ରଦାନ କରିଥିଲେ।

# ବାଲେଶ୍ୱରବାସୀଙ୍କ ଲାଗି ପ୍ରଦାନ କଲେ ଅତ୍ୟାଧୁନିକ ଆମ୍ବୁଲାନ୍ସ

ବାଲେଶ୍ୱର,୧୦।୧୧(ବାଞ୍ଛାନିଧି ଦେ)

**ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଏମ୍‌ପି**

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜର ୭୦ତମ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ପ୍ରଥମେ ସହରରେ ଥିବା ଉତ୍କଳ ବାଳାଶ୍ରମର ପିଲାମାନଙ୍କୁ ଫଳ, ଶୁଖିଲା ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅବସରରେ ବାଲେଶ୍ୱରବାସୀଙ୍କ ସେବାରେ ଏମ୍‌ପି ଷଡ଼ଙ୍ଗୀ ଏକ ଅତ୍ୟାଧୁନିକ ଲାଇଫ୍ ସପୋର୍ଟ ସିଷ୍ଟମ ସମ୍ବଳିତ ଆମ୍ବୁଲାନ୍ସ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଭାଜପା କାର୍ଯ୍ୟକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସଂସ୍ଥା, ସମୁଦାୟ ଓ ବ୍ୟକ୍ତିବିଶେଷ ଏମ୍‌ପିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହାପରେ ଷ୍ଟେଶନ ଛକଠାରେ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ସେ ହେଲମେଟ ବିତରଣ କରିବା ସହିତ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ ଦତ୍ତ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର, ବିଭୁପଦ ଦାସ, ମୋହିତ୍ ପୋଦ୍ଦାର, ଆଇନଜୀବୀ ଲମ୍ବୋଦର ନାୟକ, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ବିକାଶ ମଞ୍ଚ ପକ୍ଷରୁ ସଫେଇ

ବୈଶିଙ୍ଗା,୧୦।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ଶିବ ମନ୍ଦିର ପରିସରରେ ରବିବାର ବରିଷ୍ଠ ନାଗରିକ ବିକାଶ ମଞ୍ଚ ପକ୍ଷରୁ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରାୟ ୫୦ରୁ ଅଧିକ ବୟସ୍କ ନାଗରିକ ନିଜ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ସତ୍ତ୍ୱେ ଏଭଳି ଏକ ଜନହିତକର କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ସମଗ୍ର ପରିବେଶକୁ ହାତରେ ଝାଡୁ ଧରି ଅଳିଆ ସଫା କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ବରିଷ୍ଠ ଶିକ୍ଷକ ତଥା ମଞ୍ଚର ସଭାପତି ସୀତାନାଥ ବେହେରା, ସମ୍ପାଦକ ଅଶ୍ୱିନୀ ମହାରଣା, କୁବେର ଚନ୍ଦ୍ର ରାଉଳ, ପୁରୁଷୋତ୍ତମ ପତି, ଭଗବାନ ମଣ୍ଡଳ, ସୁଦର୍ଶନ ମହାପାତ୍ର , ସୁରେଶ ଚନ୍ଦ୍ର ମହାପାତ୍ର, ଜଳଧର ପାଣି, ମହେଶ୍ୱର ଷଡ଼ଙ୍ଗୀ, ଗିରିଶ ଚନ୍ଦ୍ର ରାଉତ, ଶଙ୍କର୍ଷଣ ମହାନ୍ତି, ଭାଗବତ ପଣ୍ଡା, ହରିହର ଖୁଣ୍ଟିଆ, ଗଣେଶ୍ୱର ମହାରଣା, ଅଜୟ ଦାସ, ପ୍ରଫୁଲ୍ଲ ସେନାପତି, ଜଗବନ୍ଧୁ ପରିଡ଼ା, ନରେନ୍ଦ୍ର ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଘର ଆଗରୁ ୨ ବାଇକ୍ ଚୋରି

ଉଦଳା,୧୦।୧୧(ସନ୍ତୋଷ କୁମାର ବାଛିନୀ): କପ୍ତିପଦା ଥାନା ଅଧୀନ ଝିଙ୍କପଦା ଗ୍ରାମର ଏକ ଘର ଆଗରୁ ଦୁଇଟି ବାଇକ୍ ଚୋରି ହୋଇଛି। ଗ୍ରାମର ମନୋରଞ୍ଜନ ସାହୁ ଓ ତାଙ୍କ ଘରେ ଭଡ଼ାରେ ରହୁଥିବା ମନୋରଞ୍ଜନ ସେନାପତିଙ୍କ ଦୁଇଟି ବାଇକ୍ ଘର ଆଗରେ ଥିବା ବେଳେ ୭ ତାରିଖ ବିଳମ୍ବିତ ରାତିରେ କେହି ଚୋରି କରି ନେଇଥିଲେ। ଏ ସମ୍ପର୍କିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନାବାଳକ ଉଦ୍ଧାର

ମୋରଡ଼ା,୧୦।୧୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ରବିବାର ଜଣେ ନାବାଳକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ମୋରଡ଼ା ବଜାରରେ ଥିବା ଏକ ବିଦ୍ୟାଳୟ ହଷ୍ଟେଲରେ ରହି ନାବାଳକ ଛାତ୍ର ଜଣକ ପଢୁଥିଲେ। ସକାଳ ୬ଟା ସମୟରେ ସେ ବଜାରରେ ଅସହାୟ ଅବସ୍ଥାରେ ବୁଲୁଥିବା ସମୟରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଛାତ୍ରଙ୍କ ଅଭିଭାବକଙ୍କୁ ଥାନାକୁ ଡାକି ହସ୍ତାନ୍ତର କରିଥିବା ଥାନା ଅଧିକାରୀ ସତ୍ୟ ନାରାୟଣ ବଳ କହିଛନ୍ତି। ତେବେ ଛାତ୍ର ଜଣକ କିପରି ହଷ୍ଟେଲରୁ ଚାଲି ଆସିଲେ ଏବଂ କର୍ତ୍ତୃପକ୍ଷ ଜାଣି ପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଟାଇଗର ୱାରିଅର୍ସ ଚାମ୍ପିୟନ

**ବାଙ୍ଗିରିପୋଷି ପ୍ରିମିୟର ଲିଗ୍ କ୍ରିକେଟ**

ବାଙ୍ଗିରିପୋଷି,୧୦।୧୧(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ହାଇସ୍କୁଲ ପଡ଼ିଆରେ ବିପିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୦ ଦିନ ଧରି ଚାଲିଥିବା ବାଙ୍ଗିରିପୋଷି ପ୍ରିମିୟର ଲିଗ (ବିପିଏଲ-୭) କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶ୍ୟାମ ଷ୍ଟାର ଟିମ୍‌କୁ ହରାଇ ଟାଇଗର ୱାରିଅର୍ସ ଟିମ୍ ଚାମ୍ପିୟନ ହୋଇଥିଲା। ଶ୍ୟାମ ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୫ ରନ କରିଥିଲା ଜବାବରେ ଟାଇଗର ୱାରିଅର୍ସ ଟିମ ୮.୩ ଓଭରରେ ୧ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାର୍ଣ୍ଡି ଓ ସୁବୋଧ ମାର୍ଣ୍ଡି,ବିଜେଡି ବ୍ଲକ ସଭାପତି ବୀରକିଶୋର ମହାନ୍ତି, ଯୁବ ନେତା ବିଶ୍ୱଜିତ ଶର୍ମା, ଅଜୟ ମହାନ୍ତି ଓ ମନରଞ୍ଜନ ବାରିକ ଯୋଗଦେଇ ଚାମ୍ପିୟନ ଟାଇଗର ୱାରିଅର୍ସକୁ ୬୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଟିମକୁ ୪୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟିକା ମହାନ୍ତ ମ୍ୟାନ ଅଫ ଦି ମ୍ୟାଚ ଏବଂ ଅଲୋକ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। କମିଟିର ସଭାପତି ଆକାଶ ମହତା, ଉପସଭାପତି ମୃତ୍ୟୁଞ୍ଜୟ ଦତ୍ତ, ସହସମ୍ପାଦକ ରିତ ସିଂହଙ୍କ ସହ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଅନୁସଚିବଙ୍କ ଘରୁ ୨୦ ଭରି ସୁନା ଗହଣା ଚୋରି

ଭୁବନେଶ୍ୱର,୧୦।୧୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥରଗଡିଆ ଗଣେଶ ବିହାର ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ପ୍ରଶାସକ ତଥା ବିଧାନସଭାର ପୂର୍ବତନ ଅନୁସଚିବ ବଂଶୀଧର ଗଉଡଙ୍କ ଘରୁ ଦୁର୍ବୃତ୍ତମାନେ ୨୦ଭରି ସୁନାଗହଣା ଓ ୭ ହଜାର ଟଙ୍କା ଚୋରି କରିନେଇଛନ୍ତି। ଏନେଇ ସେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ବଂଶୀଧର ଓ ତାଙ୍କ ସ୍ତ୍ରୀ ଏକ ଘରେ ଭିତରପଟୁ ବନ୍ଦ କରି ଶନିବାର ରାତିରେ ଶୋଇଥିଲେ। ଏହି ସମୟରେ ଚୋରମାନେ ଆଉ ଏକ ଘରର ଝରକା ତାଡି ଭିତରେ ପ୍ରବେଶ କରିବା ପରେ ଆଲମାରି ଭାଙ୍ଗି ଘରୁ ୨୦ ଭରି ସୁନାଗହଣା ସହ ଟଙ୍କା ଲୁଟି ନେଇଥିଲେ। ତେବେ ଚୋରମାନେ ରାତି ୧୧ ଟାରୁ ୩ଟା ମଧ୍ୟରେ ଏହି କାଣ୍ଡ ଘଟାଇଥିଲେ ମଧ୍ୟ ବଂଶୀଧର ଓ ତାଙ୍କ ସ୍ତ୍ରୀ କିଛି ଜାଣି ପାରି ନ ଥିଲେ। ଚୋରମାନେ ଶୋଇବା ଘର ଭିତରକୁ କୌଣସି ନିଶାଗ୍ୟାସ୍ ସ୍ପ୍ରେ କରିଦେଇଥିବା ସନ୍ଦେହ କରାଯାଉଛି।

# ବସ୍ତିରେ ମହିଳାଙ୍କୁ ହତ୍ୟା, ସ୍ୱାମୀ ଅଟକ

### ବର୍ଷେ ତଳେ ପ୍ରେମ ବିବାହ କରିଥିଲେ

ଭୁବନେଶ୍ୱର,୧୦।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୪ ରାମପୁର ବସ୍ତିର ଏକ ଭଡ଼ାଘରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସ୍ୱର୍ଣ୍ଣଲତା ମହାନ୍ତିଆ (୨୧)। ପାରିପାର୍ଶ୍ୱିକ ସ୍ଥିତି ଓ ଅନ୍ୟ ଘଟଣାବଳୀକୁ ଦେଖି ଏହା ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଯୌତୁକ ପାଇଁ ନିର୍ଯାତନା ଦେଇ ତାଙ୍କ ଝିଅକୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସ୍ୱର୍ଣ୍ଣଲତାଙ୍କ ବାପା ନନ୍ଦିକିଶୋର ମହାନ୍ତି ତାଙ୍କ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଯୌତୁକଜନିତ ଏକ ହତ୍ୟା ମାମଲା (ନଂ.୫୦୩/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିବା ସହ ସ୍ୱାମୀ ବାପିନି ନାୟକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ପୋଲିସ ସ୍ୱର୍ଣ୍ଣଲତାଙ୍କ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

ସୂଚନା ଅନୁଯାୟୀ, ସ୍ୱର୍ଣ୍ଣଲତାଙ୍କ ଘର ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ଆଡ଼େଣିଗଡ



ମୃତ ସ୍ୱର୍ଣ୍ଣଲତା

ଅଞ୍ଚଳରେ। ସେ ନୟାଗଡ଼ ଜିଲ୍ଲା ବାଣିଗଡ଼ ଥାନା ଅନ୍ତର୍ଗତ ବୁରୁପାଳ ଅଞ୍ଚଳର ବାପିନୀଙ୍କୁ ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। ବିବାହର ମାସେ ପରେ ବାପିନୀ ଭୁବନେଶ୍ୱର ଆସି ଏକ ହୋଟେଲରେ କାମ କରୁଥିଲେ। ଗତ ୩ ମାସ ହେଲା ସ୍ୱର୍ଣ୍ଣଲତାଙ୍କୁ ଆଣି ସେ ପାଖରେ ରଖିଥିଲେ। ଭଡାଘରର ଗୋଟିଏ ରୁମରେ ଉଭୟ ରହୁଥିବାବେଳେ ବିଭିନ୍ନ କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ତେବେ ଝଗଡ଼ା ବେଳେ ବାପିନୀ ମାରପିଟ୍ କରୁଥିଲେ ମଧ୍ୟ ସ୍ୱର୍ଣ୍ଣଲତା ଏହାକୁ ଲୁଚାଉଥିଲେ ବୋଲି ବାପା ନନ୍ଦିକିଶୋର କହିଛନ୍ତି। ଅନ୍ୟପକ୍ଷରେ ବାପିନୀ ପୋଲିସକୁ ବୟାନ ଦେଇ କହିଛନ୍ତି, ରବିବାର ସକାଳେ ଉଠିବା ପରେ ସ୍ୱର୍ଣ୍ଣଲତା ଆଉଜେଷ୍ଟ ରୁମ୍‌ର ଏକ କଡିରେ ଗାମୁଛା ଦ୍ୱାରା ଝୁଲୁଥିବା ଦେଖିଥିଲେ। ହେଲେ ଉଭୟ ଗୋଟିଏ ରୁମରେ ଶୋଇଥିବା ବେଳେ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁ ପଛରେ ବାପୁନୀଙ୍କ ଭୂମିକାକୁ ନେଇ ସନ୍ଦେହ କରୁଛି ପୋଲିସ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ବିହାର, ଜମ୍ମୁ-କଶ୍ମୀର ପୋଲିସ ସହ ଯୋଗାଯୋଗ

ଭୁବନେଶ୍ୱର,୧୦।୧୧ (ସତ୍ୟଜିତ୍ ରାଉତ)

### ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ ଘଟଣା

ଜଗତ୍‌ସିଂହପୁର ଜିଲ୍ଲାର ଜଣେ ହିନ୍ଦୁ ଯୁବତୀଙ୍କୁ କଶ୍ମୀରର ଜନୈକ ମୁସଲମାନ ଯୁବକ ଛଳନା କରି ପ୍ରେମ ଜାଲରେ ଫସାଇବା ସହ ବିବାହ ପାଇଁ ଧର୍ମ ପରିବର୍ତ୍ତନ କରିବାକୁ ଚାପ ପକାଇବା ଘଟଣାରେ ଭୁବନେଶ୍ୱର ମହିଳା ଥାନା ପୋଲିସ ତଦନ୍ତକୁ ଜୋରଦାର କରିଛି। ଯୁବତୀଙ୍କକୁ ଲଭ୍ ଜିହାଦ୍ ଜାଲରେ ପଡ଼ିଯିବାରେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଯୁବକଙ୍କ ବ୍ଲାକମେଲ ଯୋଗୁ ଆର୍ଥିକ ଓ ଯୌନ ଶୋଷଣର ଶିକାର ହୋଇଛନ୍ତି। ଅଭିଯୁକ୍ତ ଯୁବକ ଏମ୍ଡି ସମୀର ମନ୍‌ସୁରୀ ଏବେ ଖିରପଡ଼ା ଜେଲରେ ଥିବାବେଳେ ତାଙ୍କ ବିଷୟରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ସମୀରଙ୍କ ଆତଙ୍କୀ ସଙ୍ଗଠନ ଓ ସାଇବର ଲିଙ୍କ୍ ରହିଥିବା ପୋଲିସ ସନ୍ଦେହ କରି ତାଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା କରୁଛି। ଏ ସଂକ୍ରାନ୍ତରେ ଅଧିକ ତଥ୍ୟ ହାସଲ ପାଇଁ ବିହାର ଓ ଜମ୍ମୁ-କଶ୍ମୀର ପୋଲିସ ସହ କମିଶନରେଟ୍ ପୋଲିସ ସମ୍ପର୍କରେ ଥିବା ରବିବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। କମିଶନରଙ୍କ କହିବା କଥା, ସମୀରଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ ଓ ବ୍ୟାଙ୍କ ଆକାଉଣ୍ଟକୁ ଖୋଳତାଡ଼ କରାଯାଉଛି। ତାଙ୍କ ନାଁରେ ଅନ୍ୟ ରାଜ୍ୟରେ ଆପରାଧିକ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ ଜାରି ରହିଛି। ଏହି ମାମଲାରେ ଜଣେ ମହିଳା ଏସିପିଙ୍କୁ ତଦାରଖ ଦାୟିତ୍ୱ ଦିଆଯାଉଛି। ପିଡ଼ିତାଙ୍କୁ ଠିକ୍ ଭାବେ କାଉନ୍‌ସେଲିଂ କରାଯିବା ସହ ତାଙ୍କୁ ଭରସା ସହ ସାହସ ଦେଇଛୁ ବୋଲି ସେ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ପୋଲିସ କମିଶନର ମହିଳାମାନଙ୍କୁ କହିଛନ୍ତି, ଅନ୍‌ଲାଇନ୍‌ରେ ଅଜଣା ବ୍ୟକ୍ତିଙ୍କୁ ନେଇ ସତର୍କ ରୁହନ୍ତୁ। ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ। ଏଭଳି କୌଣସି ଆପରାଧିକ କାର୍ଯ୍ୟର ଶିକାର ହେଲେ ପୋଲିସକୁ ଜଣାଇବାକୁ କମିଶନର ଅପିଲ୍ କରିଛନ୍ତି। ସୂଚନାଯୋଗ୍ୟ, ନିଜ ଧର୍ମ ଓ ପରିଚୟ ଗୋପନ ରଖି ଜଗତ୍‌ସିଂହପୁରର ରାହାମା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ଫାନ୍ଦରେ ଫସାଇ ସମୀର ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କର ଅନ୍ତରଙ୍ଗ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ବ୍ଲାକ୍‌ମେଲ କରିଥିଲେ। ସମୀରଙ୍କୁ ରବିବାର ମହିଳା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଏମ୍ସରେ ଅଶ୍ରୁକଣାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ବ୍ୟବଚ୍ଛେଦ ହେଲା

ଭୁବନେଶ୍ୱର,୧୦।୧୧ (ସୂର୍ଯ୍ୟକାନ୍ତ ବେହେରା)

### ସଂସ୍କାର ବେଳେ ଶ୍ମଶାନକୁ ଆସିଲେନି ବୋହୂ

ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ଅଜୟ କୁମାର ଜେନାଙ୍କ ସ୍ତ୍ରୀ ଅଶ୍ରୁକଣା ପ୍ରଧାନ(୭୬)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣାରେ ଖାରବେଳ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରବିବାର ଭୁବନେଶ୍ୱରସ୍ଥିତ ଏମ୍ସରେ ଅଶ୍ରୁକଣାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପରେ ପୁଣି ଥରେ ସତ୍ୟନଗରସ୍ଥିତ ଶ୍ମଶାନ ଅଣାଯାଇ ଦରପୋଡ଼ା ଶରୀରକୁ ସଂସ୍କାର କରାଯାଇଛି। ଏନେଇ ତାଙ୍କ ବୋହୂ ଉପାସନା ଷଡ଼ଙ୍ଗୀଙ୍କୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଫଳରେ ଅଶ୍ରୁକଣାଙ୍କ ଭଉଣୀ ମନିକା ପ୍ରଧାନ ଓ କେତେଜଣ ପୁତୁରାଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଦାହ କରିଥିଲା। ଅନ୍ୟପଟେ ଅଶ୍ରୁକଣାଙ୍କ ମୃତ୍ୟୁ କେମିତି ହେଲା ସେନେଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ସେହିପରି ଚିକିତ୍ସିତ ହେଉଥିବା ହସ୍ପିଟାଲର କର୍ମଚାରୀ ଓ ଉପାସନାଙ୍କୁ ପୋଲିସ ଖୁବ୍‌ଶୀଘ୍ର ଜେରା କରିବ ବୋଲି ସୂଚନା ମିଳିଛି।

ସୂଚନାନୁସାରେ, ସ୍ୱର୍ଗତ ବିଧାୟକ ଅଜୟଙ୍କ ସ୍ତ୍ରୀ ଅଶ୍ରୁକଣା ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ସେ ତାଙ୍କ ବିଧବା ବୋହୂ ଉପାସନାଙ୍କ ସହିତ ମଧୁସୂଦନ ନଗରରେ ରହୁଥିଲେ। ଅଶ୍ରୁକଣାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ଉପାସନା ତାଙ୍କୁ ସଙ୍ଗେସଙ୍ଗେ ଏକ କ୍ଲିନିକକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଶନିବାର ସକାଳେ ମୃତ ଘୋଷଣା କରିଥିଲେ। ହେଲେ ଉପାସନା ବ୍ୟବଚ୍ଛେଦ ନ କରି ଏବଂ ଏ ସମ୍ପର୍କରେ କାହାକୁ ନ ଜଣାଇ ସତ୍ୟନଗର ଶ୍ମଶାନରେ ତାଙ୍କର ମୃତଦେହ ଦାହ କରୁଥିଲେ। ଏହି ଖବର ପାଇବା ପରେ ଭୁବନେଶ୍ୱରରେ ରହୁଥିବା ଅଶ୍ରୁକଣାଙ୍କ ସାନ ଭଉଣୀ ପରିବାର ଲୋକଙ୍କ ସହ ଶ୍ମଶାନରେ ପହଞ୍ଚି ବଡ଼ ଭଉଣୀଙ୍କ ଜୁଇ ଜଳୁଥିବା ଦେଖିବାକୁ ପାଇଥିଲେ। କିନ୍ତୁ ମୃତଦେହ ଦାହ ବେଳେ ଉପାସନାଙ୍କ ବ୍ୟତୀତ ଆଉ କେହି ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଖାରବେଳନଗର ଥାନାକୁ ଖବର ଦେଇଥିଲେ। ଅଭିଯୋଗ ପରେ ପୋଲିସ ଶ୍ମଶାନରେ ପହଞ୍ଚି ଜୁଇ ନିଆଁ ଲିଭାଇ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା, ଯାହାକୁ ନେଇ ବିବାଦ ଦେଖାଯାଇଥିଲା। ସନ୍ଧ୍ୟାରେ ବ୍ୟବଚ୍ଛେଦ ଲାଗି ଭୁବନେଶ୍ୱର ଏମ୍ସକୁ ଦରପୋଡ଼ା ମୃତଦେହ ପଠାଯାଇଥିଲା।

# ମହିଳାଙ୍କ ବେକରେ କଟୁରି ଲଗାଇ ବଳାତ୍କାର

ନୀଳଗିରି, ୧୦।୧୧ (ପ୍ରଶାନ୍ତ ବିଶ୍ୱାଳ)

ଘରେ ସ୍ୱାମୀଙ୍କ ଅନୁପସ୍ଥିତିରେ ସୁଯୋଗରେ ଜଣେ ମହିଳାଙ୍କୁ ବେକରେ କଟୁରି ଲଗାଇ ଜନୈକ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ନୀଳଗିରି ଥାନା ଅଧୀନ ଧୋବଶିଳା ପଞ୍ଚାୟତ ଅଞ୍ଚଳରେ।

ଧୋବଶିଳା ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବାହାରେ ରହି କାମ କରନ୍ତି। ଏହାରି ସୁଯୋଗରେ ଉକ୍ତ ପଞ୍ଚାୟତର ଜଣେ ଯୁବକ(୪୧) ଗତ ୭ ତାରିଖ ମଧ୍ୟରାତ୍ରିରେ ମହିଳାଙ୍କ ଘରକୁ ଯାଇ ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ପାଟି କରିବାରୁ ଯୁବକ ଜଣକ ତାଙ୍କ ବେକରେ କଟୁରି ଲଗାଇ ଜବରଦସ୍ତ ବଳାତ୍କାର କରିଥିଲେ। ଏନେଇ କାହାରିକୁ ଜଣାଇଲେ ମାରିଦେବାକୁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ସ୍ୱାମୀ ସମସ୍ତ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପରେ ଏନେଇ ଗାଁରେ ବୈଠକ ହୋଇଥିଲା। ମାତ୍ର ଅଭିଯୁକ୍ତ ଜଣକ ବୈଠକକୁ ନ ଆସି ଓଲଟା ଧମକ ଦେଇଥିଲେ। ଶେଷରେ ମହିଳାଜଣକ ନ୍ୟାୟ ପାଇଁ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ନୀଳଗିରି ପୋଲିସ ଏକ ମାମଲା (ନଂ. ୩୫୬/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ କରିଛି।

ସେପଟେ ଉକ୍ତ ରାତିରେ ବଳାତ୍କାର ଶିକାର ହୋଇଥିବା ପୀଡ଼ିତାଙ୍କ କକା ଶ୍ୱଶୁର କୁଆଡ଼େ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ମଧ୍ୟ ଏକ ପାଲଟା ଏତଲା ଦାଏର କରାଯାଇଛି। ପୋଲିସ ଉକ୍ତ ଘଟଣାରେ କକା ଶ୍ୱଶୁରଙ୍କୁ ମଧ୍ୟ ଅଟକ ରଖିବା ସହ ଏକ ମାମଲା (ନଂ. ୩୫୭/୨୪) ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଉଭୟଙ୍କର ଡାକ୍ତରୀମାଇନା ହୋଇଥିବା ପୋଲିସ ସୂଚନା ଦେଇଛି।

# ଯବାନଙ୍କ ଆତ୍ମହତ୍ୟା

ମାଲକାନଗିରି,୧୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବସ୍ତର ଜିଲାରେ ବସ୍ତର ଫାଇଟର୍ସର ଜଣେ ଯବାନ ନିଜ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, କୋଣ୍ଡାଗାବାର ବରଦା ଗ୍ରାମ ନିବାସୀ ହଲିଲାଲ ନାଗ ବସ୍ତର ଫାଇଟର୍ସ ବାହିନୀରେ ନିଯୁକ୍ତି ପାଇ ଧନୋରା ଥାନାରେ ମୁତୟନ ହୋଇଥିଲେ। କିଛିଦିନ ପୂର୍ବରୁ ମାଓବାଦୀ କାର୍ଯ୍ୟକଳାପ ଏବଂ ଗତିବିଧି ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ ତାଙ୍କ ନିଜ ଗ୍ରାମକୁ ଆସିଥିଲେ। ତେବେ ସେ ଘରେ ଶୋଇଥିବା ସମୟରେ ନିଜ ସର୍ଭିସ ବନ୍ଧୁକରେ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ସୂଚନାପାଇ ବରୁଦାବେଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ମୋବାଇଲ ଫୋନ ଜବତ କରିଛି। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡି ନ ଥିବା ବେଳେ ଫରାସଗାଓ ଏସ୍‌ଡିପିଓ ଅନିଲ ବିଶ୍ୱକର୍ମା ଓ କେଶକଲ ଏସ୍‌ଡିପିଓ ଭୂପତ ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଯବାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଆକ୍ରମଣ ମାମଲାରେ ସରପଞ୍ଚ ଗିରଫ

### ରାସ୍ତାକାମକୁ ନେଇ ବିବାଦ

ଭଦ୍ରକ,୧୦।୧୧ (ସନାତନ ରାଉତ)

ରାସ୍ତାକାମ ବିବାଦରୁ ଏକ ପରିବାରର ସଦସ୍ୟମାନଙ୍କୁ ଆକ୍ରମଣ କରାଯିବା ମାମଲାରେ ଭଦ୍ରକ ବ୍ଲକ ଗୁଜିଦରଡ଼ା ପଞ୍ଚାୟତର ସରପଞ୍ଚ ଫରହତ୍ ଆଲାମଙ୍କୁ ଗ୍ରାମାଞ୍ଚଳ ଥାନା ପୋଲିସ ଶନିବାର ରାତିରେ ଗିରଫ କରିଛି। ଭଦ୍ରକ ଚରମ୍ପା ରେଳଷ୍ଟେଶନରୁ ତାଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରାଯାଇଛି। ଗତ ଅକ୍ଟୋବର ୮ରେ ଗୁଜିଦରଡ଼ା ଦାଣ୍ଡସାହିର ରବୀନ୍ଦ୍ର ଜେନାଙ୍କ ପରିବାରବର୍ଗଙ୍କୁ ଆକ୍ରମଣ ନେଇ ତାଙ୍କ ସ୍ତ୍ରୀ ସୁକାନ୍ତି ଜେନାଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ



ଫରହତ୍ ଆଲାମ

ଏକ ମାମଲା (ନଂ.୬୨୧/୨୪) ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଏକ ରାସ୍ତାକାମକୁ ନେଇ ପୂର୍ବରୁ ବିବାଦ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି କେତେଜଣ ଯୁବକ ରବୀନ୍ଦ୍ରଙ୍କ ନାବାଳକ ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ଝିଅ ଘଟଣାର ଭିଡିଓ ରେକର୍ଡିଂ କରୁଥିବା ବେଳେ ସରପଞ୍ଚ ପହଞ୍ଚି ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ମୋବାଇଲକୁ ଫର୍ମାଟ୍ କରି ସବୁ ତଥ୍ୟ ପ୍ରମାଣ ନଷ୍ଟ କରି ୧୦ ଦିନ ପରେ ପୋଲିସକୁ ଫେରାଇଥିବା ଏତଲାରେ ଦର୍ଶାଯାଇଥିଲା। ମାମଲା ରୁଜୁ ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହୋଇଥିଲା। ଫଳରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ପ୍ରତିବାଦରେ ଜିଲାପାଳଙ୍କ ଅଫିସ୍ ଘେରାଉ କରାଯିବ ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ ହିନ୍ଦୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

# ୬ ମାଓବାଦୀ ଗିରଫ, ୨ଜଣଙ୍କ ଆତ୍ମସମର୍ପଣ



ପୋଲିସ ସହ ଗିରଫ ୬ ମାଓବାଦୀ।

ମାଲକାନଗିରି, ୧୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ତେଲେଙ୍ଗାନା ପୋଲିସ ୬ ଜଣ ମାଓବାଦୀଙ୍କୁ ଗିରଫ କରିଛି। ତେଲଙ୍ଗାନାର ଚର୍ଲା ପୋଲିସ ଓ ସିଆରପିଏଫ ୧୪୧ ବାଟାଲିୟନ ଯବାନ ମିଳିତ ଭାବେ ଚର୍ଲା ବ୍ଲକ ଅନ୍ତର୍ଗତ ଟେକ ପ୍ଲାଣ୍ଟେଶନ ନିକଟ ଜଙ୍ଗଲରେ କୋମ୍ବିଂ ସେମାନଙ୍କୁ ସନ୍ଦେହରେ ଧରିଥିଲେ। ସେମାନେ ହେଲେ ମଡକମ୍ ଦେବା, ସୋଡି ଉଙ୍ଗା, ସୋଡି କୋସା, ମଡକମ ଇଡମା, କଲ୍ଲୁମୁ ଅଡମା ଓ କୋବାସୀ ଭୀମା। ଏମାନଙ୍କ ମଧ୍ୟରୁ ଜଣଙ୍କ ପାଖରେ ଗୋଟିଏ ବ୍ୟାଗରେ ବିଦ୍ୟୁତ୍ ତାର ସଂଯୋଗ ଥିବା ଗୋଟିଏ ପ୍ରେସର କୁକର ଦେଖିବାକୁ ପାଇଥିଲେ। ଜେରା ବେଳେ ସେମାନେ ମିଲିସିଆ ମାଓବାଦୀ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ଏହି ୬ଜଣ ଚେର୍ଲା ବ୍ଲକ ଚେନ୍ନାପୁରମ ଗ୍ରାମ ନିବାସୀ ହୋଇଥିବା ତେଲଙ୍ଗାନା ଡିଏସ୍‌ପିଓ ରବୀନ୍ଦ୍ର ରେଡ୍ଡୀ ସୂଚନା ଦେଇଛନ୍ତି। ସେହିପରି ଛତିଶଗଡ ସୁକ୍‌ମା ଜିଲାରେ ୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ବାମ ରାମା ଓ ଦିର୍ଦ୍ଦ ପଜା। ଏହି ଦୁଇଜଣ ମାଓବାଦୀ ଆର୍ଲାମପାଲ୍ଲୀ ସଂଗଠନରେ ମିଲିସିଆ ସଦସ୍ୟଭାବେ କାର୍ଯ୍ୟ କରୁଥିଲେ। ଉଚ୍ଚ କ୍ୟାଡର ମାଓବାଦୀମାନେ ସମ୍ମାନ ଦେଉ ନ ଥିବାରୁ ବାଧ୍ୟହୋଇ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ନାବାଳିକାଙ୍କୁ ବ୍ଲାକ୍‌ମେଲ ଅଭିଯୋଗ: ଡିପ୍ଲୋମା ଛାତ୍ର ଗିରଫ

ମାହାଙ୍ଗା,୧୦।୧୧ (ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ନେଇ ବ୍ଲାକ୍‌ମେଲ କରିବା ଅଭିଯୋଗରେ ପୋଲିସ ଜଣେ ଡିପ୍ଲୋମା ଛାତ୍ରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ଆଲୋକ ରାଉତରାୟ। ଏନେଇ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୮୪/୨୪) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ଆଲୋକ ଓ ପୀଡ଼ିତାଙ୍କ ଘର ଗୋଟିଏ ଅଞ୍ଚଳରେ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାର ସୁଯୋଗ ନେଇ ଆଲୋକ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ନେଇଥିଲେ। ଏହି ଫଟୋ ପ୍ରଘଟ କରିବାକୁ ଭୟଭୀତ କରି ବାରମ୍ବାର ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ବିବାହ ନ କଲେ ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଉଥିଲେ। ଏନେଇ ମା' ବାପାଙ୍କୁ ପୀଡ଼ିତା ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି।

## ପ୍ରଥମ ପୃଷ୍ଠାରୁ

### ଅନାସ୍ଥା ପୂର୍ବରୁ ବିଷ...

ସେଠଙ୍କ ବିରୋଧରେ ଅଭିଯୋଗ ଆଣି ଗତ ସେପ୍ଟେମ୍ବର ୨୩ତାରିଖରେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲାଙ୍କଠାରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ଆଧାର କରି ଆବଶ୍ୟକ ସମସ୍ତ ପ୍ରକ୍ରିୟା ସାରିବା ପରେ ଉପଜିଲାପାଳ ଆସନ୍ତା ମଙ୍ଗଳବାର ତାଲପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସେଠଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ଭୋଟ୍ ଗ୍ରହଣ କରିବାକୁ ଦିବସ ଧାର୍ଯ୍ୟ କରିଛନ୍ତି। ଏନେଇ ଉପଜିଲାପାଳ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡସଭ୍ୟାସଭ୍ୟଙ୍କୁ ଚିଠି କରି ସୂଚନା ଦେଇସାରିଛନ୍ତି। ସେହି ଚିଠି ଅନୁଯାୟୀ, ଆସନ୍ତା ୧୨ତାରିଖ ତାଲପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସେଠଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ଭୋଟ୍ ଗ୍ରହଣ କାର୍ଯ୍ୟକ୍ରମ ରହିଛି।

ଅନ୍ୟପଟେ ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସରପଞ୍ଚ ସେଠ ତାଙ୍କ ଅନ୍ୟ ୩ଜଣ ସମ୍ପର୍କୀୟଙ୍କ ସହିତ ତାଲପାଲି ଗ୍ରାମକୁ ଯାଇଥିଲେ ଏବଂ ଗ୍ରାମ ମଝିଦାଣ୍ଡରେ କୀଟନାଶକ ପିଇ ଦେଇଥିଲେ। ନାଏବ ସରପଞ୍ଚ ସଞ୍ଜୀବ ସାହୁ କହିଛନ୍ତି, ସରପଞ୍ଚ ସେଠ ନିର୍ବାଚିତ ହେବାର ୬ରୁ ୮ମାସ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ସହିତ କାମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାମୀ ପଞ୍ଚାୟତର ସବୁକାର୍ଯ୍ୟରେ ହସ୍ତକ୍ଷେପ କରିବା ସହିତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଆସୁଛନ୍ତି। ଅନ୍ୟପଟେ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଣଦେଖା କରାଯାଉଛି। ଫଳରେ ତାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚ ସେଠଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ବୋଲି ସାହୁ କହିଛନ୍ତି। ଅପରପକ୍ଷେ ସରପଞ୍ଚଙ୍କ ସ୍ୱାମୀ ନିରାକାର ସେଠଙ୍କୁ ତାଙ୍କ ମୋବାଇଲ ନଂ. ୭୭୫୦୯୦୩୦୪୦ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ଗାଡ଼ି ମଡ଼ାଇ...

ମଧ୍ୟରେ ଝଗଡ଼ା ହୋଇଥିଲା। ଅପରାହ୍ନ ୨ଟାରେ ଭଞ୍ଜ ଟିପ୍ପର ଚଳାଇ ପ୍ରଥମେ ପାଣ୍ଡୁଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ପରେ ପଡ଼ୋଶୀଙ୍କ ଘରକୁ ଧକ୍କା ଦେଇଥିଲେ। ଗାଡ଼ିକୁ ଆଗ ପଛ କରି ପାଣ୍ଡୁ ଓ ସଞ୍ଜୁଲତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଉଭୟ ଗୁରୁତର ହୋଇପଡ଼ିଥିବା ବେଳେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଘଷିପୁରା ପୋଲିସ ପହଞ୍ଚି ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ପୂର୍ବ ଶତ୍ରୁତାକୁ ନେଇ ଆକ୍ରୋଶମୂଳକ ଭାବେ ଘଟଣା ଘଟାଯାଇଛି। ଘଷିପୁରା ଥାନାରେ ଏକ ମାମଲା(ନଂ.୩୯୩/୨୪) ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରୁ ଟିପ୍ପର ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଷିପୁରା ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ଚାଳକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ପ୍ରଥମେ ଏକ ସ୍କୁଟିକୁ ଧକ୍କା ଦେଇଥିଲେ। ପରେ ୨ ଜଣଙ୍କୁ ଧକ୍କା ଦେଇଥିଲେ ବୋଲି ସୂଚନା ଦେଇଛନ୍ତି। ପୂର୍ବ ଶତ୍ରୁତାରୁ ଏଭଳି ଘଟଣା ଘଟିଥିବା କୁହାଯାଉଥିବା ବେଳେ ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ।

### ମାଣବସା ଗୁରୁବାରରେ ମାଣ୍ଡିଆ...

ରକ୍ତ ଶର୍କରା ପରିଚାଳନାରେ ମଧ୍ୟ ସାହାଯ୍ୟ କରିଥାଏ। ଶ୍ରୀଅନ୍ନଗୁଡ଼ିକ କର୍କଟ, ରକ୍ତହୀନତା, ଭିଟାମିନ 'ବି'ର ଅଭାବ ଦୂର କରିବା ଦିଗରେ ପ୍ରତିଷେଧକ ଭାବେ କାମ କରିଥାଏ। ଏହିସବୁ ଉତ୍କୃଷ୍ଟ ଗୁଣ ଯୋଗୁ ଶ୍ରୀଅନ୍ନ ଏକ ସୁପରଫୁଡ୍‌ର ମାନ୍ୟତା ପାଇଛି। ବର୍ତ୍ତମାନ ଭାଜପା ସରକାର ଶ୍ରୀଅନ୍ନର ଅଧିକ ଉତ୍ପାଦନ ପାଇଁ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ସମସ୍ତଙ୍କୁ ଏହାକୁ ଦୈନନ୍ଦିନ ଖାଦ୍ୟଶୃଙ୍ଖଳ ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ମାଣ୍ଡିଆକୁ ସ୍ୱାଦିଷ୍ଟ କରିବା ପାଇଁ ନୂଆ ନୂଆ ପ୍ରକାର ବ୍ୟଞ୍ଜନ ଓ ବ୍ୟଞ୍ଜନଶୈଳୀକୁ ଘରେ ଘରେ ପହଞ୍ଚାଇବା ପାଇଁ ଫୁଡ୍ ବ୍ଲଗରମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଓଡ଼ିଶାରେ ମାଣ୍ଡିଆ ଚାଷକୁ ଆମ ମହିଳା ଚାଷୀମାନେ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି। ଓଡ଼ିଶା ମାଣ୍ଡିଆ ଆନ୍ଦୋଳନର ୨ ପ୍ରମୁଖ ମହିଳା ଚାଷୀ ରାଇମତୀ ଘୁରିଆ ଏବଂ ମୟୂରଭଞ୍ଜ ଜିଲାର ସୁବାଷା ମହନ୍ତଙ୍କୁ ଜି-୨୦ ସମ୍ମିଳନୀରେ ଶ୍ରୀଅନ୍ନ ଚାଷର ବ୍ରାଣ୍ଡ ଆମ୍ବାସାଡର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହେବା ସହିତ ମିଲେଟ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା କୋରାପୁଟ, ସୁନ୍ଦରଗଡ଼ ଏବଂ ରାୟଗଡ଼ା ଜିଲାପାଳଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟ ଓ ବିଭିନ୍ନ ପ୍ରକାର ପୁଷ୍ଟି ଶସ୍ୟ ଉପରେ ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ବିସ୍ମୃତ ଶସ୍ୟର ଉତ୍ପାଦନ କରି ଏହାକୁ ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି। ଆମେ ଖାଉଥିବା ଖାଦ୍ୟଠାରୁ ଏହା ଅଧିକ ପୋଷକ ଓ ଭିଟାମିନଯୁକ୍ତ। ଆମ ସମସ୍ତଙ୍କୁ ଏହି ପୋଷକଯୁକ୍ତ ଖାଦ୍ୟକୁ ଆମ ଖାଦ୍ୟଶୃଙ୍ଖଳରେ ସାମିଲ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କୃଷି ବିବିଧିକରଣର ଆବଶ୍ୟକତା ବଢ଼ିଛି। ଶ୍ରୀଅନ୍ନକୁ ଭବିଷ୍ୟତର ଖାଦ୍ୟ ରୂପେ ଉଲ୍ଲେଖ କରି ଆଗାମୀ ଦିନରେ ଏହାର ବହୁଳ ବ୍ୟବହାର ଦୃଷ୍ଟିରୁ ପାରମ୍ପରିକ ପଦ୍ଧତି ସହ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ କହିଛନ୍ତି, ବିସ୍ମୃତ ଏବଂ କ୍ଷୁଦ୍ର ଶସ୍ୟ ପୁନରୁଦ୍ଧାର ପାଇଁ ଏହି ସମ୍ମିଳନୀ ଏକ ସମୟୋପଯୋଗୀ ପଦକ୍ଷେପ। ଓଡ଼ିଶାରେ ବିବିଧ ଖାଦ୍ୟ ରୁଚି ରହିଛି, ଯାହାର ଉଦାହରଣ ହେଉଛି ଶ୍ରୀଜଗନ୍ନାଥ ମନ୍ଦିରର ଛପନଭୋଗ। ନୀତି ଆୟୋଗ ସଦସ୍ୟ ପ୍ରଫେସର ରମେଶ ଚାନ୍ଦ କହିଛନ୍ତି, ଗ୍ରୀନ ରିଭୋଲ୍ୟୁଶନ ଆସିବା ଦ୍ୱାରା ସାରା ବିଶ୍ୱରେ ଖାଦ୍ୟ ପଦାର୍ଥ ଉପରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷିନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଦେଇଛନ୍ତି।

**Government of Odisha**
**Higher Education Department**

No.N-125:

**Timeline for SPOT Admission into U.G., P.G. & 2 years B.Ed./ M.Ed. Courses in the Higher Education Institutions participating under SAMS for the Academic Session: 2024-25**

- This is to inform all concerned that admission to the remaining vacant seats in U.G., P.G. and 2 years B.Ed. /M.Ed. courses at the Higher Education Institutions participating under SAMS will be conducted through a SPOT admission process.
- The eligibility for the aforementioned courses are mentioned in the Common Prospectus available on the SAMS portal. Accordingly, the applicants are hereby instructed to fill-up the Common Application Form by visiting the SAMS portal as per the timeline mentioned below.
- In this SPOT admission process for admission into P.G. & B.Ed./M.Ed. Courses, applicants must have appeared in the CPET-2024 & B.Ed./M.Ed. Entrance Examination respectively and must have obtained a rank.
- In the SPOT admission process, both admitted and non-admitted students are eligible to participate in U.G., P.G. & 2 years B.Ed. /M.Ed. Courses.
- If an applicant has taken admission in any of the HEIs in earlier Phase(s) and got selected in this SPOT admission round, s/he has to obtain the CLC physically from the last admitted HEI within maximum 7 days( on or before 28th Nov, 2024) from the date of selection.
- The selection of the applicants will be done purely on merit basis. There will be no reservation and weightage for this SPOT admission round.
- In the SPOT round, applicants can apply for minimum one (1) and maximum three (3) options (HEI + Subject), where seats are available for admission into U.G., P.G & 2 years B.Ed. /M.Ed, courses.
- Before applying, applicants can view the number of seats available in their desired subjects and HEIs by visiting the "Individual College Profile" option on the SAMS portal for each course.
- As per the timeline, the rank-wise merit list of the applicants will be made available in the HEI's e-Space.
- Applicants who apply for this SPOT admission round must report to their chosen HEI physically with the required documents and remain present until 03.45 PM of the reporting date to participate in the SPOT admission process. Applicants who do not report within this timeframe will not be permitted to participate.
- Further, the HEIs will prepare the merit list among the reported applicants and publish the same on their Notice Board. The selected applicants will be informed by the HEIs to validate their documents and pay the full admission fees directly at the respective HEI and complete their admission process.
- The HEIs are requested to fill up the remaining vacant seats by calling the reported applicants rank wise till the last date of admission updation.
- The timeline for all the aforementioned courses are as mentioned below.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 11-Nov-2024 (04.00 PM) |
| 2 | Last date of applying the online CAF through SAMS portal | 15-Nov-2024 (11:45 PM) |
| 3 | Publication of Rank wise list of applicants in HEI's e-Space as well as in the Student's Login | 19-Nov-2024 (04.00 PM) |
| 4 | Reporting of the applicants physically at the HEIs along with the relevant documents for participating in the SPOT admission round | 21-Nov-2024 (10.00 AM to 03:45 PM) |
| 5 | HEIs will prepare and publish the merit list among those reported applicants on their notice board and communicate to the selected applicants for validation of documents and payment of total admission fees directly at the concerned HEIs. | 21-Nov-2024 (04:30 PM) |
| 6 | Admission updation of the selected applicant's data in the e-space by the respective HEIs. | 21-Nov-2024 (04:30 PM) to 28-Nov-2024 (11:45 PM) (Except Holiday) |

**For more details please contact: e-Admission Helpline (Toll Free) Number 155335/ 1800-345-6770**

N.B.: Applicants who have already applied in the earlier Phase (s) should login to the SAMS Portal using their existing username and password and fill up a new Common Application Form (CAF) with the required information to get the CAF Fees exemption. **However, the new applicants will be required to pay the CAF fees as mentioned in the Common Prospectus.**

OIPR-11001/11/0033/2425

**Sd./- Deputy Director, PTC Section**

# କ୍ୟାନ୍ସର : କାରଣ, ସତର୍କତା



ଡା. କ୍ଷୀତିଶ ଚନ୍ଦ୍ର ମିଶ୍ର

"କ୍ୟାନ୍ସର ହେଉଛି ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ହେଲେ ଏହା ଜୀବନ ପ୍ରତି ବିପଦପୂର୍ଣ୍ଣ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରୋଗର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ତୁରନ୍ତ ତଥା ଠିକ୍ ସମୟରେ ଚିକିତ୍ସା କରାଇନେଲେ କ୍ୟାନ୍ସରରୁ ଆରୋଗ୍ୟ ମିଳିଥାଏ। ଏହି କଥାଟିକୁ ସମସ୍ତେ ମନେରଖିବା ଯେ, କ୍ୟାନ୍ସର ଏକ ଡିଆଁ ରୋଗ ନୁହେଁ। କ୍ୟାନ୍ସର ରୋଗୀଙ୍କ ସହ ରହିଲେ, ତାଙ୍କୁ ଛୁଇଁଲେ, ସେମାନଙ୍କର ଜିନିଷପତ୍ର ବ୍ୟବହାର କଲେ କ୍ୟାନ୍ସର ହୋଇ ନ ଥାଏ। ଆମ ରାଜ୍ୟରେ କ୍ୟାନ୍ସରର ସମସ୍ତ ଚିକିତ୍ସା ଉପଲବ୍ଧ। ଅନ୍ୟପକ୍ଷରେ କ୍ୟାନ୍ସର ରୋଗର ଚିକିତ୍ସା ପାଇଁ ଆମ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି।"



ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଆମ ରାଜ୍ୟରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାର କେତେକ କାରଣ ମଧ୍ୟ ରହିଛି। ଅଧିକାଂଶ ବ୍ୟକ୍ତି କ୍ୟାନ୍ସର ରୋଗର ଲକ୍ଷଣକୁ ପ୍ରାଥମିକ ସ୍ତରରେ ଜାଣିପାରନ୍ତି ନାହିଁ। କେବଳ ସେତିକି ନୁହେଁ, ସେଭଳି ଲକ୍ଷଣକୁ ଗୁରୁତ୍ୱର ସହ ନ ନେଇ ଅବହେଳା କରିଥାଆନ୍ତି। ଏହା ଫଳରେ କ୍ୟାନ୍ସର ରୋଗ ବଢ଼ିଯାଏ ଏବଂ ଅଧିକ ଦିନ ଚିକିତ୍ସା କରିବାକୁ ପଡ଼ିଥାଏ। ବେଳେବେଳେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ତେଣୁ ଆମେ ଯଦି କ୍ୟାନ୍ସର ଲକ୍ଷଣକୁ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା, ଡାକ୍ତରଙ୍କ ପରାମର୍ଶରେ ସମସ୍ତ ଡାକ୍ତରୀ ପରୀକ୍ଷା କରାଇନେବା ଏବଂ ଆବଶ୍ୟକ ପଡିଲେ ଠିକ୍ ଚିକିତ୍ସା କରାଇନେବା, ତେବେ ଆମେ ମଧ୍ୟ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଭଳି ଏକ ସାଧାରଣ ଜୀବନ ଅତିବାହିତ କରିପାରିବା। ତେଣୁ ଏହି ରୋଗର କାରଣ ସମ୍ପର୍କରେ ଆସନ୍ତୁ ଜାଣିବା। କାରଣ ଏ ବିଷୟରେ ଜଣେ ଭଲ ଭାବରେ ଅବଗତ ହେବା ନିହାତି ଦରକାର।

**ଜିଭ, ପାଟିରେ ଘା'**

ଆପଣଙ୍କ ଜିଭ, ପାଟିରେ ଘା' ହୋଇଛି କି? ଯଦି ହଁ, ତେବେ ଏହା ଚିକିତ୍ସା ପରେ ସମ୍ପୂର୍ଣ୍ଣ ଭାବରେ ଶୁଖି ଯାଇଛି ତ? ଯଦି ଘା' ଶୁଖୁ ନାହିଁ ତେବେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କାରଣ ଏହା ହୁଏତ କ୍ୟାନ୍ସରର କାରଣ ହୋଇପାରେ। ଅନ୍ୟପକ୍ଷରେ ବେକରେ ଆବୁ ପରି ଫୁଲିବା, ସ୍ୱର ପରିବର୍ତ୍ତନ ହେବା, ଖାଦ୍ୟ ଢୋକିବାରେ ଅସୁବିଧା ହେବାକୁ ଅବହେଳା କରନ୍ତୁ ନାହିଁ। ଏସବୁ ବିଷୟରେ ଜାଣିବାକୁ ପାଇଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏଗୁଡ଼ିକୁ କ୍ୟାନ୍ସରର ପ୍ରାରମ୍ଭିକ ଲକ୍ଷଣ ଭାବରେ ଗଣାଯାଇଥାଏ।

**ସ୍ତନରେ ଗୋଟା ଭଳି ଅନୁଭବ ହେବା**


ଯଦି ଆପଣଙ୍କର ସ୍ତନ କିମ୍ବା କାଖରେ ଗୋଟା ଭଳି ଅନୁଭବ ହେଉଛି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏହା ସହିତ ସ୍ତନର ଆକାର ପରିବର୍ତ୍ତନ ହେବା, ନିପଲ ଭିତରକୁ ପଶିଯିବା, ନିପଲରୁ ତରଳ ପଦାର୍ଥ ବାହାରିବା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ସହ ଯେତେ ଶୀଘ୍ର ପରାମର୍ଶ କରିବେ ସେତେ ଭଲ।

**ଅସ୍ୱାଭାବିକ ରକ୍ତସ୍ରାବ ହେବା**

ମେନୋପୋଜ୍ ବା ଋତୁସ୍ରାବ ବନ୍ଦ ହେବା ପରେ ମଝିରେ ମଝିରେ ରକ୍ତସ୍ରାବ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସହିତ ଶାରୀରିକ ସମ୍ପର୍କ ପରେ ରକ୍ତସ୍ରାବ ହେବା, ଅଧିକ ଯନ୍ତ୍ରଣା ହେବା ଏବଂ ଯୌନାଙ୍ଗରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା କ୍ୟାନ୍ସରର ଲକ୍ଷଣ ହୋଇପାରେ।

**ଝାଡ଼ାରେ ପରିବର୍ତ୍ତନ**

ଯଦି ଆପଣଙ୍କ ଝାଡ଼ାରେ ପରିବର୍ତ୍ତନ ହେଉଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ହଠାତ୍ ପତଳା ଝାଡ଼ା ହେବା କିମ୍ବା ହଠାତ୍ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେବା ଝାଡ଼ାରେ ରକ୍ତ ପଡ଼ିବା କ୍ୟାନ୍ସର ରୋଗର ଲକ୍ଷଣ ହୋଇପାରେ।



**ଖାଇବାକୁ ଇଚ୍ଛା ନ ହେବା**

ସବୁବେଳେ ପେଟ ଫୁଲିଲା ଭଳି ଅନୁଭବ ହେବା, ଖାଇବାକୁ ଇଚ୍ଛା ନ ହେବା, ଅତ୍ୟଧିକ ହାଲିଆ ଲାଗିବା ସହିତ ହଠାତ୍ ଓଜନ କମିଗଲେ ବିଳମ୍ବ ନ କରି ଯେତେଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏହା ହୁଏତ କ୍ୟାନ୍ସରର ପ୍ରମୁଖ ଲକ୍ଷଣ ହୋଇପାରେ।

**ବାରମ୍ବାର କାଶ ହେବା**

ପାଖାପାଖି ତିନି ସପ୍ତାହରୁ ଅଧିକ ସମୟ ଧରି କଫ ଲାଗି ରହିବା, କାଶରେ ପରିବର୍ତ୍ତନ, କଫରେ ରକ୍ତ ପଡ଼ିବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେଲେ ଡେରି ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**କଳାଜାଇ ଆକାର ପରିବର୍ତ୍ତନ**

କଳାଜାଇ, ଭାତୁଡ଼ିର ଆକାର, ରଙ୍ଗ ଏବଂ ସଂଖ୍ୟାରେ ପରିବର୍ତ୍ତନ କ୍ୟାନ୍ସରର ଲକ୍ଷଣ ହୋଇପାରେ। ଏହା ସହିତ ଯଦି ସେଥିରୁ ରକ୍ତସ୍ରାବ ହେଉଛି ତେବେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ଏ ବିଷୟରେ ପରାମର୍ଶ କରନ୍ତୁ।

**କ୍ୟାନ୍ସର ଚିକିତ୍ସା ସମ୍ଭବ**

କ୍ୟାନ୍ସର ହେଉଛି ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ହେଲେ ଏହା ଜୀବନ ପ୍ରତି ବିପଦପୂର୍ଣ୍ଣ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରୋଗର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ତୁରନ୍ତ ତଥା ଠିକ୍ ସମୟରେ ଚିକିତ୍ସା କରାଇ ନେଲେ କ୍ୟାନ୍ସରରୁ ଆରୋଗ୍ୟ ମିଳିଥାଏ। ଏହି କଥାଟିକୁ ସମସ୍ତେ ମନେରଖିବା ଯେ, କ୍ୟାନ୍ସର ଏକ ଡିଆଁ ରୋଗ ନୁହେଁ। କ୍ୟାନ୍ସର ରୋଗୀଙ୍କ ସହ ରହିଲେ, ତାଙ୍କୁ ଛୁଇଁଲେ, ସେମାନଙ୍କର ଜିନିଷପତ୍ର ବ୍ୟବହାର କଲେ କ୍ୟାନ୍ସର ହୋଇ ନ ଥାଏ। ଆମ ରାଜ୍ୟରେ କ୍ୟାନ୍ସରର ସମସ୍ତ ଚିକିତ୍ସା ଉପଲବ୍ଧ। ଅନ୍ୟପକ୍ଷରେ କ୍ୟାନ୍ସର ରୋଗର ଚିକିତ୍ସା ପାଇଁ ଆମ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି।

**ପରିବାର ଲୋକଙ୍କ ଦାୟିତ୍ୱ**

କ୍ୟାନ୍ସର ରୋଗୀଙ୍କୁ ଘୃଣା କରନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ସମୟରେ ପରୀକ୍ଷା କରାଇ ନିଅନ୍ତୁ। ରୋଗୀକୁ ସବୁବେଳେ ଉତ୍ସାହିତ କରନ୍ତୁ। ଘରେ ସକାରାତ୍ମକ ପରିବେଶ ସୃଷ୍ଟି କରନ୍ତୁ। ରୋଗୀ ସହିତ ହସଖୁସିରେ ଦିନ ଅତିବାହିତ କରନ୍ତୁ।

-ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ,
କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ, କଟକ
ମୋ : ୯୪୩୮୧୬୩୨୮୦

## ବ୍ୟାକ୍ଟେରିଆକୁ ପ୍ରତିରୋଧ କରେ ଅଙ୍ଗୁର



ଶରୀରକୁ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ଅଙ୍ଗୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଭିଟାମିନ୍ସ, ମିନେରାଲ୍ସ ଏବଂ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିବା ସହ ପାଣି ମଧ୍ୟ ପ୍ରଚୁର ପରିମାଣରେ ଭରି ରହିଛି। ଅଙ୍ଗୁରରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖେ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଅଙ୍ଗୁରରେ ଏଭଳି ତତ୍ତ୍ୱ ରହିଛି ଯାହା ସୁସ୍ଥ କୋଷଗୁଡିକୁ କ୍ୟାନସରଗ୍ରସ୍ତ ହେବାରୁ କେତେକାଂଶରେ ରକ୍ଷା କରିଥାଏ। ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏଥିରେ ଫାଇବର୍ ମାତ୍ରା ରହିଛି, ଯାହା କୋଲେଷ୍ଟରଲ୍‌ର ବୃଦ୍ଧି କରିବାକୁ ଦେଇ ନ ଥାଏ। ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ରୋଗରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ। ଏଥିରେ ଭିଟାମିନ୍-କେ, କ୍ୟାଲସିୟମ୍, ପଟାସିୟମ୍ ଓ ମ୍ୟାଗ୍ନେସିୟମ୍ ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ଅସ୍ଥି ଓ ମଜ୍ଜା ଶକ୍ତ ରହିଥାଏ।

## ଦୃଷ୍ଟିଶକ୍ତିକୁ ପ୍ରଖର କରେ କଖାରୁଫୁଲ



ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ଏଥିରୁ ରକ୍ଷା ପାଇବାର ଏକ ସରଳ ତଥା ସହଜ ଉପାୟ ରହିଛି। ବାସ୍, ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କଖାରୁଫୁଲ ସାମିଲ କରନ୍ତୁ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରାଇବାରେ ସହାୟକ ହୋଇଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ, ଏଥିରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁଫୁଲରେ ଭିଟାମିନ୍ 'ସି' ମଧ୍ୟ ଭରି ରହିଛି। ଥଣ୍ଡା, କାଶ, କଫ ଆଦି କମାଇବାରେ ଏହା ମଧ୍ୟ ସାହାଯ୍ୟ କରେ। ଏହା ଅନ୍ଧାରକଣା ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପଶି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁଫୁଲରେ ରହିଛି।

## ଜାଣି ରଖନ୍ତୁ



- ନିୟମିତ ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ଭବିଷ୍ୟତରେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।
- ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହା କୋଲେଷ୍ଟରଲ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା।
- ବ୍ରେକ୍‌ଫାଷ୍ଟ ତାଲିକାରେ ଗାଜର ସାମିଲ କଲେ ତାହା ଅସ୍ଥିକୁ ମଜଭୁତ ରଖିବାରେ ସାହାଯ୍ୟ କରେ।
- କେତେକ ରୋଗରେ ପୀଡ଼ିତ ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାକୁ ପଡିଥାଏ। ସେଥିପ୍ରତି ସଚେତନ ରୁହନ୍ତୁ। ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।


## ଉପାୟ ହାତପାହାନ୍ତାରେ



ସବୁବେଳେ ଖୁସିରେ ରହିବାକୁ କିଏ ବା ନ ଚାହେଁ ? କେବଳ ସେତିକି ନୁହେଁ, ଏହାସହ ନିଜର ଚିନ୍ତାଧାରାକୁ ସକାରାତ୍ମକ ରଖି ଏକ ସୁସ୍ଥ ଜୀବନଯାପନ କରିବାକୁ ଆଶା ବି ରଖେ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ ଠିକ୍-ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ, ଫଳରେ ଭୁଲ୍ କାମ କରିବସୁ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ସକାରାତ୍ମକ ମାନସିକତା ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ଖୁସି ମିଳିବ। ସବୁବେଳେ ଖୁସିର ପରିବେଶରେ ରହିବାକୁ ଚେଷ୍ଟା କରନ୍ତୁ। ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ। କୌଣସି ଭୁଲ୍ ହୋଇଗଲେ ତାହାକୁ ଗୁରୁତ୍ୱର ସହ ନେଇ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ବ୍ୟସ୍ତ ଜୀବନ ଭିତରେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ଅବସାଦ, ଟେନସନ୍ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ତେବେ ଆପଣ ଏକ ରୁଟିନ୍ ଲାଇଫ ବିତାଇ ପାରିବେ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା'ସହ ସେ ଯେଉଁ କେତୋଟି କଥାକୁ ଗୁରୁତ୍ୱ ଦେବାକୁ କହିଛନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।



- ଶାରୀରିକ ବ୍ୟାୟାମ କରିବା ସହ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏ ନେଇ ମନରେ ଯଦି କିଛି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ତେବେ ଯୋଗ ଏକ୍ସପର୍ଟଙ୍କ ସହ ସେ ବିଷୟରେ ବିଶଦ ଭାବରେ ଆଲୋଚନା କରନ୍ତୁ।
- ମଧ୍ୟାହ୍ନଭୋଜନ କିମ୍ବା ରାତ୍ରଭୋଜନ ପରେ ଫଳମୂଳ ଖାଆନ୍ତୁ ନାହିଁ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଇନିଅନ୍ତୁ।
- ଫାଷ୍ଟଫୁଡ୍ ଜାତୀୟ ଏବଂ ଅଧିକ ତେଲଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।
- ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।
- ଖାଦ୍ୟ ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ଏହି ସମୟରେ ଟିଭି ଦେଖିବା ଭଲ।
- ଡାକ୍ତରଙ୍କ ସହ ଆଲୋଚନା କରୁଥିବା ସମୟରେ ସେ ବୁଝିବାକୁ ଚାହୁଁଥିବା ପ୍ରତିଟି ବିଷୟରେ ସବିଶେଷ ସୂଚନା ଦିଅନ୍ତୁ। କାରଣ ତାହାକୁ ଆଧାର କରି ସେ ରୋଗ ନିରୂପଣ କରିଥାଆନ୍ତି।

# ଦୂର ସାଗରର ଝଡ଼



ନିକୁଞ୍ଜ ବିହାରୀ ସାହୁ

"ପ୍ରଚଣ୍ଡ ସୂର୍ଯ୍ୟତାପରେ ସମୁଦ୍ରର ବିସ୍ତୀର୍ଣ୍ଣ ଜଳରାଶି କ୍ରମାଗତ ବାଷ୍ପ ହେଉଥିବାରୁ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ବିଶେଷକରି ଗ୍ରୀଷ୍ମ କିମ୍ବା ଶରତ ଋତୁରେ ବାୟୁ ଯଥେଷ୍ଟ ଉଷ୍ମ ଓ ଆର୍ଦ୍ର ଥାଏ। ବେଳେବେଳେ ଏହି ଉଷ୍ମ ଆର୍ଦ୍ର ବାୟୁ କେଉଁଆଡେ ସଞ୍ଚାଳିତ ନ ହୋଇ ବିଶାଳକାୟ ଏକ ବାଦଲ ଆକାରରେ ସମୁଦ୍ର ଉପରେ ନିଶ୍ଚଳ ରୂପେ ଝୁଲି ରହେ। ଏଭଳି ବାଦଲ ବାସ୍ତବକ୍ଷେତ୍ରରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ। ପ୍ରଚଣ୍ଡ ସୂର୍ଯ୍ୟତାପରେ ବାୟୁ ଆହୁରି ଗରମ ହୋଇ ଏହି ବାଦଲ ମଧ ଦେଇ ଉର୍ଦ୍ଧ୍ୱକୁ ଉଠିବାରୁ ପୂର୍ବୋକ୍ତ ବାଦଲରେ ଶୂନ୍ୟ ସ୍ଥାନ ହୋଇ ଏକ ଲଘୁଚାପ ମଣ୍ଡଳ ସୃଷ୍ଟି କରେ।"

ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ କ୍ଷୁଦ୍ର ଲଘୁଚାପ 'ଦାନା' ସମୟକ୍ରମେ ଅବପାତ, ଗଭୀର ଅବପାତ, ଘୂର୍ଣ୍ଣିବାତ୍ୟା ଓ ଗଭୀର ଘୂର୍ଣ୍ଣିବାତ୍ୟାରେ ପରିଣତ ହୋଇ ଓଡ଼ିଶା ଦେଇ ପ୍ରବାହିତ ହୋଇଯାଇଛି। ଏହା ଏକ କ୍ରାନ୍ତିମଣ୍ଡଳୀୟ ଘୂର୍ଣ୍ଣିଝଡ଼। ସାମୁଦ୍ରିକ ଝଡ଼ଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବାରୁ ସେଗୁଡ଼ିକ ବାସ୍ତବପକ୍ଷରେ ଧନଜୀବନ ପ୍ରତି ମହାବିନାଶକ ଓ ମହାଧ୍ୱଂସକାରୀ ସାବ୍ୟସ୍ତ ହୋଇ ଥାଆନ୍ତି।

**ଅତୀତର କ୍ଷତ:** ୧୯୯୯ ମସିହା ଅକ୍ଟୋବର ୩୧ ତାରିଖ ରବିବାର ସକାଳ : ରାଜଧାନୀ କେନ୍ଦ୍ରାଞ୍ଚଳର ଛାତ ଉପରୁ ମହାନଗରୀର ଏକ ଦୃଶ୍ୟ। ଗଛ, ବସ୍ତି, ସାଇନ ବୋର୍ଡ, ବିଜୁଳିଖୁଣ୍ଟ ସବୁ ଧରାଶାୟୀ ଓ ଧ୍ୱସ୍ତବିଧ୍ୱସ୍ତ। ଦୃଷ୍ଟି ଲମ୍ବି ଯାଉଥାଏ ଦୂର ଦିଗ୍‌ବଳୟକୁ ଓ ଦୃଷ୍ଟି ଅନ୍ତରାଳରେ ଥିବା ରାଜଧାନୀର ବହୁ ଅଞ୍ଚଳ ଆଖି ପୂରେଇ ଦେଖି ହେଉଥାଏ। ରାସ୍ତାଘାଟଗୁଡ଼ିକ ଥାଏ ନୀରବ ଓ ନିର୍ଜନ। ମୁଷ୍ଟିମେୟ ଜନପ୍ରାଣୀ କାଁ ଭାଁ ବିଚରଣ କରୁଥାନ୍ତି। ସବୁ ଲାଗୁଥାଏ ନୂଆ ନୂଆ, ଅଜଣା, ଅଚିହ୍ନା। ମନେହେଉଥାଏ ସବୁ ଯେମିତି କେଉଁ ଏକ ଆଦିମ ସଭ୍ୟତାର କରୁଣ ଧ୍ୱଂସାବଶେଷ। ଏହାର କାରଣ ବୁଝିବା ପାଇଁ ହେଲେ ବେଶି କଷ୍ଟ କରିବାକୁ ପଡ଼େ ନାହିଁ। ପ୍ରାୟ ୩୦ ଘଣ୍ଟା ଧରି ରାଜଧାନୀ ଓ ସମଗ୍ର ପୂର୍ବ ଓଡ଼ିଶାରେ ବହି ଯାଇଥିଲା ଏକ ମହାପ୍ରଳୟଙ୍କରୀ, ମହାବିନାଶକ, ଅଭୂତପୂର୍ବ ତଥା ଶତାବ୍ଦୀର ଶ୍ରେଷ୍ଠ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼।



କେବଳ ୧୯୯୯ ମସିହାର ମହାବାତ୍ୟା ନୁହେଁ, ଫାଇଲିନ (୨୦୧୩), ହୁଡ୍‌ହୁଡ୍ (୨୦୧୪), ତିତ୍‌ଲି (୨୦୧୮), ଫନୀ (୨୦୧୯), ୟସ୍ (୨୦୨୧) ଆଦି ପ୍ରଳୟଙ୍କରୀ ଘୂର୍ଣ୍ଣିଝଡ଼ଗୁଡ଼ିକ ଅତୀତରେ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରି ଧନଜୀବନର ବିପୁଳ କ୍ଷୟକ୍ଷତି ଘଟାଇଛନ୍ତି। ଏବେ ପୁଣି ଘୂର୍ଣ୍ଣିଝଡ଼ 'ଦାନା' ଓଡ଼ିଶାର ଉତ୍ତରପୂର୍ବ ଉପକୂଳରେ ପ୍ରବାହିତ ହୋଇ ଧ୍ୱଂସର ତାଣ୍ଡବ ରଚନା କରିଛି। ତେବେ ମନରେ ପ୍ରଶ୍ନ ଉଠେ- ସମୁଦ୍ର ବକ୍ଷରେ ଏଭଳି ଅଥୟ ଓ ଅଶାନ୍ତ ଝଡ଼ସବୁ ସୃଷ୍ଟି ହୁଏ କିପରି? ସ୍ଥଳଭାଗର ଖଣ୍ଡିଆଭୂତ ଧୂଳିଝଡ଼ଗୁଡ଼ିକ ଶୀଘ୍ର ନିଃଶେଷ ହୋଇ ଯାଉଥିଲାବେଳେ ସମୁଦ୍ରର ଝଡ଼ସବୁ ଦୀର୍ଘସ୍ଥାୟୀ ଓ ଭୟଙ୍କର ହୁଏ କାହିଁକି? ଝଡ଼ ପୁଣି ଗତି କରେ କିପରି? ଝଡ଼ରେ ପବନର ଦିଗ ହଠାତ ବଦଳିଯାଏ କାହିଁକି?

**ସମୁଦ୍ରରେ ଖଣ୍ଡିଆଭୂତ:** ପ୍ରଚଣ୍ଡ ସୂର୍ଯ୍ୟତାପରେ ସମୁଦ୍ରର ବିସ୍ତୀର୍ଣ୍ଣ ଜଳରାଶି କ୍ରମାଗତ ବାଷ୍ପ ହେଉଥିବାରୁ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ବିଶେଷକରି ଗ୍ରୀଷ୍ମ କିମ୍ବା ଶରତ ଋତୁରେ ବାୟୁ ଯଥେଷ୍ଟ ଉଷ୍ମ ଓ ଆର୍ଦ୍ର ଥାଏ। ବେଳେବେଳେ ଏହି ଉଷ୍ମ ଆର୍ଦ୍ର ବାୟୁ କେଉଁଆଡେ ସଞ୍ଚାଳିତ ନ ହୋଇ ବିଶାଳକାୟ ଏକ ବାଦଲ ଆକାରରେ ସମୁଦ୍ର ଉପରେ ନିଶ୍ଚଳ ରୂପେ ଝୁଲି ରହେ। ଏଭଳି ବାଦଲ ବାସ୍ତବକ୍ଷେତ୍ରରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ। ପ୍ରଚଣ୍ଡ ସୂର୍ଯ୍ୟତାପରେ ବାୟୁ ଆହୁରି ଗରମ ହୋଇ ଏହି ବାଦଲ ମଧ୍ୟ ଦେଇ ଉର୍ଦ୍ଧ୍ୱକୁ ଉଠିବାରୁ ପୂର୍ବୋକ୍ତ ବାଦଲରେ ଶୂନ୍ୟ ସ୍ଥାନ ହୋଇ ଏକ ଲଘୁଚାପ ମଣ୍ଡଳ ସୃଷ୍ଟି କରେ। ଏହି ସ୍ଥାନ ପୂରଣ ନିମନ୍ତେ ଚତୁଃପାର୍ଶ୍ୱର ଶୀତଳ ବାୟୁ ଲଘୁଚାପର କେନ୍ଦ୍ର ଆଡକୁ ମାଡିଆସେ ଯାହା ପୃଥିବୀର ଅକ୍ଷୀୟ ଘୂର୍ଣ୍ଣନ ଯୋଗୁ ବିକ୍ଷେପିତ ହୋଇ କୁଣ୍ଡଳାକାର ରୂପ ଧାରଣ କରେ ଏବଂ ଘୂରି ଘୂରି ଉପରକୁ ଉଠେ। ଏହିଭଳି ଭାବରେ ସମୁଦ୍ର ବକ୍ଷରେ ଏକ ଛୋଟିଆ ଖଣ୍ଡିଆଭୂତ ସୃଷ୍ଟି ହୁଏ। ତେବେ ପ୍ରଶ୍ନ ଉଠେ- ଦୂର ସମୁଦ୍ରର ଏହି ଅଜ୍ଞାତ ଅନାମଧେୟ ଖଣ୍ଡିଆଭୂତଟି ଏକ ବହୁଚର୍ଚ୍ଚିତ ପ୍ରଳୟଙ୍କରୀ ଝଡ଼ର ରୂପ ନିଏ କିପରି? ଏହା ଜଳର ଏକ ମୌଳିକ ଧର୍ମ ଉପରେ ନିର୍ଭର କରେ। (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ